ALUMNI ASSOCIATION
Utkal University

# UTKALAYANA



www.utkalalumni.in July 2022

## ALUMNI ASSOCIATION UTKAL UNIVERSITY





Mr. Bijay Kumar Patnaik, President, Alumni Association, delivering the 12th lecture of the 'MEET THE ALUMNI LECTURE SERIES' on 27-06- 2022, jointly organised by the Alumni Association and the Alumni Connect of Utkal University.





## EDITORIAL BOARD

* Debasish Dasgupta

* Radhakanta Pani

* Amiya Kumar Mahanty

*Hiranmayee Mishra

* Satrujit and

* Mrutyunjay Sarangi (Chief Editor)

# EDITORIAL

Dear Friends,
Welcome to the fourth edition of Utkalayana.

Recently the Utkal University Alumni Association, in collaboration with Alumni Connect had conducted a literary competition among the currently enrolled students of Vani Vihar. There were four categories in which the students could compete: Poems and Short Stories in Odia and English. The response was quite encouraging. We received 36 entries in Odia Poem, 20 in Odia Short Stories, 25 in English Poems and 18 in English Short Stories. The first and second winners were to be given a cash award of 2000 and 1000 rupees respectively. We are happy to publish in the present edition the two award winning entries from each category. Our heartiest congratulations to the following students for their creditable achievement:

| | |
|---|---|
| 1. Ekta Panda | 1st in Odia Short Story competition |
| 2. Santosh Kumar Swain | 2nd in Odia Short Story competition |
| 3. Aisurya Rout | 1st in Odia Poem competition |
| 4. Shubhaashisha Panigrahy | 2nd in Odia Poem competition |
| 5. Ashutosh Lenka | 1st in English Short Story competition |
| 6. Mahitosh Gopal | 2nd in English Short Story competition |
| 7. Archee Biswal | 1st in English Poem competition |
| 8. Gracy Kujur | 2nd in English Poem competition |

Our thanks to all those who participated in the competition. Most of the submissions were of quite high standard and showed the literary talent of the young generation. Our thanks to the judges who helped in evaluating the entries to select the best among the submissions.

As the scorching summer gives way to pleasant rains, the heart leaps into liquid joy. Those who have read the iconic Meghdoot or seen the serene video clip of O Sajnaa, Barkha Baahar Aayi in the film Parakh, will feel in their heart the wrenching pangs of love and separation. They will realise the purity of emotions of love, passion and melancholy. Here is to wish all of you loads of bliss in the backdrop of lyrical rains.

Around three weeks back I had an interesting, lively dream sometime after midnight. I saw myself in a ship sailing in a vast, blue ocean, the water rippling and dashing against the sideboard. It was awfully cold in the ship but I enjoyed it. There was a momentary break from the

dream and I became aware of the gentle whirring of our Window AC and the blast of cold air emanating from the old workhorse. But my dreaming self was still in the ship looking smilingly at the ocean of the purest blue and enjoying the cold breeze. It was as if I was in two different worlds, both seemingly real, yet with a surreal mist enveloping me. I felt mildly euphoric and probably went back to deep sleep.

I am sure such experiences are not unique and must have happened to many of you. Next morning I thought of the incredible power our mind possesses, to create many parallel worlds for us with immense possibilities. Haruki Murakami has explored this theme with wonderful deftness in his mammoth novel 1Q84. The novel, in a way, celebrates the extraordinary power of devotion in love, its overwhelming effect on one's life.

Speaking of devotion, I am sure all of us are aware that certain devotions are beyond normal human comprehension and encompass extraordinary dimensions. Such devotions are nothing but surrender of one's self to another being - be it a spouse, a lover, parents, children, siblings, friends and of course God.

I came across a beautiful story on this simple, yet monumental feeling. I am happy to share the story with all of you.

**"The Empty Chair "**

Once, a young girl approached a Saint and said, “My father is quite ill. He is unable to get himself out of bed. Would you mind coming over to our house to meet him?”

“Yes, I will indeed come,” replied the Saint.

When the Saint came to the house, he saw the sick and helpless old man lying in his bed with his head resting on two pillows. However, he also noticed an empty chair next to the bed.

“It appears that perhaps you were anticipating my arrival?” the Saint asked the old man.

“Oh, not at all. By the way, who are you?” the old man inquired.

Introducing himself, the Saint said, “Seeing the empty chair, I assumed you had an inkling I was coming.”

The old man said, “O Saint! If you don’t mind, please close the bedroom door.”

Slightly alarmed at the request, the Saint did go ahead and shut the door.

The old man spoke, “In fact, to this day, I have not disclosed the secret behind this empty chair to anyone; not even to my daughter. To be honest, my whole life, I never understood how worship is actually done. Even though, I made a point of daily going to the temple, I never really understood anything.

About four years ago, a friend of mine came to visit me. He told me that I can pray to God

directly. He advised me, “Place an empty chair in front of you, faithfully imagine that God Himself is sitting on the chair in front of you and talk to Him in exactly the same manner as we are now talking to each other. He listens to our every calling.” And when I followed his advice, I liked it very much. Ever since then, I started talking to the Lord for two hours at a time. However, I used to be very careful in making sure my daughter didn’t see me doing this because if she did, she would have thought I had gone crazy.”

Upon hearing such tender feelings of the old man, tears of love and emotion began to stream from his eyes. “You are indeed practicing the highest kind of Bhakti,” the Saint sighed. Placing his hand on the old man’s head before leaving, the Saint said, “Keep your true devotion going.”

The Saint returned to his ashram. Five days later, the old man’s daughter came to see him, and told him, “My father was extremely happy to see you at our house the other day, but he passed away yesterday morning. Just as I was leaving for work the other day, he called me up, and kissed my forehead. His face was gleaming with peacefulness; his eyes were teary. But, when I returned home from work, my eyes met with a rather peculiar sight – He was sitting on his bed, but his head was on the chair as though he had it on someone’s lap. The chair was empty as always. Would you please explain why my father lay his head on the empty chair?”

Upon hearing the news of her father’s passing, the Saint began to cry bitterly and pleaded to the Lord, “My Lord! When my time to leave the world comes, I too, want to leave in the same way as did the old man. Please do grant me my wish with Your Grace.”

.........................

On Sunday, the 19th June, my mobile phone crashed, all the data got erased and I got a message that the "Factory Settings" have been restored. Often in the past, troubled by the numerous labyrinths of life, I had wished how easy it would be if we could be free from everything and go back to the way God had brought us to the world - simple, uncluttered and unperturbed. In other words I yearned for my "Factory Settings". But when it actually happened in my mobile, wiping out all the past data, I went crazy, more perturbed than ever. I could not retrieve my old messages from WhatsApp, my Contact list vanished into thin air, the Gmail refused to open. I felt lost and although I am able to operate the phone now with about ten percent of its previous capability, I still keep wandering in the dark lanes of life like a lost traveller looking for his moorings. I have tried to capture the feeling in my poem "Vanishing Data" which I am presenting below.

VANISHING DATA

The one I met under
the big banyan tree
at the end of the road,
Long after the fire at home
had died down, the smoke
rising in a vicious curl
with an ominous whisper,
after the lone bird in the garden
had cried itself hoarse.

Long after the shadows
walked away in a single line
like sorrowful pall-bearers
pointing their fingers at me,
saying here comes your doomsday,
the dogs howling in pitiful shrill,
the noise rising to a crescendo
lights going out without a warning.

The one I met told me
just two words - go away,
In a flash my life's data got erased,
my original settings were restored,
all memory gone,
everyone became a stranger.

I have been groping ever since,
to find all that shaped me
now the shadows keep disappearing
and I am left alone,
dreadfully silent
in a cacophonic world.
......................

Hope you will enjoy our humble offerings in the 4th edition of Utkalayana. Please share the link of the eMagazine with all your friends and contacts.

**With warm regards,**
**Mrutyunjay Sarangi**
**Chief Editor**
**And the Board of Editors,**
**Utkalayana.**

# GUIDELINES FOR UTKALAYANA

1. Utkalayana will be published as an eMagazine in the first week of each quarter, i.e; in January, April, July and October.

2. It will be bi-lingual - articles in Odia and English will find a place in Utkalayana.

3. It will host articles from the Alumni, the faculty, current students of the University and eminent writers.

4. While promoting and propagating talent in literary writings such as Poems and Short stories, Utkalayana will also encourage articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University will be welcome. Utkalayana will not publish any article directly or indirectly promoting political agenda, or conflicts on caste, community or regligious lines.

5. Since it is an eMagazine which will be mostly read in hand held electronic instruments, articles should be ideally of small size, preferably around 1000 words.

6. All efforts should be made by the contributors to ensure that the language of the articles should not be offensive, or indecent in any manner.

7. The deadline for submission of the articles will be the 10th of the previous month in which the magazine is going to be published. For example, for the edition to be published in the 1st week of October, the deadline will be the 10th of September.

8. All submissions should be accompanied by a passport size photograph and a short biodata of the writer. The biodata should be limited to fifty words and should clearly mention the years and the Department in which the contributor studied in the university.

9. All the articles should be sent to utkalayana@gmail.com Only articles sent in MS Word documents will be accepted.

10. All feedback and suggestions should be sent to the Editorial Board at utkalayana@gmail.com

11. Decision of the Editorial Board in selection and editing of the articles will be final.

12. The views and opinions expressed in the articles will be entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association will be responsible for them in any manner.

# CONTENTS

## ଓଡ଼ିଆ ବିଭାଗ

### କ୍ଷୁଦ୍ରଗଳ୍ପ


| | | |
|---|---|---|
| ଲୁଚକାଳି | ସରୋଜିନୀ ସାହୁ | ୧୦ |
| ଓଦାମାଟିରେ ପାଦଚିହ୍ନ | ଯଶୋଧାରା ମିଶ୍ର | ୧୮ |
| ବାନ୍ଧବୀ | ପରେଶ କୁମାର ପଟ୍ଟନାୟକ | ୨୧ |
| ଚାଖଣ୍ଡେ ପେଟ | କ୍ଷୀରୋଦ ଦାସ | ୩୦ |
| ଇଚ୍ଛାମତୀ | ନୀଳାମ୍ବର ବିଶ୍ୱାଳ | ୩୮ |
| ବନ୍‌ଫାୟାର | ଏକତା ପଣ୍ଡା | ୪୨ |
| ଘର | ସନ୍ତୋଷ କୁମାର ସ୍ୱାଇଁ | ୪୭ |


### କବିତା


| | | |
|---|---|---|
| ଜିପ୍‌ସୀ : ଶୀତକୁ ନେଇ | ପ୍ରବାସିନୀ ମହାକୁଡ଼ | ୫୦ |
| ସରିଯିବା ବେଳେ | ଅପର୍ଣ୍ଣା ମହାନ୍ତି | ୫୨ |
| ରଜସ୍ୱଳା | ଡକ୍ଟର ଦୁଃଖୀଶ୍ୟାମ ମିଶ୍ର | ୫୩ |
| ମନୋବିଜ୍ଞାନର ପରିବାର | ସ୍ନିଗ୍ଧା ମିଶ୍ର | ୫୫ |
| କି କହିବି ଆଉ ଦେଶ କଥା | ଐଶ୍ୱର୍ଯ୍ୟା ରାଉତ | ୫୬ |
| ଜୀବନ | ଶୁଭାଶିଷ ପାଣିଗ୍ରାହୀ | ୫୮ |


### ପ୍ରବନ୍ଧ


| | | |
|---|---|---|
| ମାନସପଟରେ ବାଣୀବିହାର | ସୁଧୀର କୁମାର ସାହୁ | ୫୯ |


## ENGLISH SECTION

### SHORT STORIES


| | | |
|---|---|---|
| SHELTER | Dr.Radharani Nanda | 62 |
| DEAR DEPARTED | Ishwar Pati | 65 |
| A FEELING TO BE FELT | Ashutosh Lenka | 67 |
| IN QUEST OF LOVE | Mahitosh Gopal | 70 |


### POEMS


| | | |
|---|---|---|
| MAHANADI | Chittaranjan Misra | 74 |
| PILLOW-TALKS | Abanindra Udgata | 75 |
| A FLASH BACK | Col (Dr) Rekha Mohanty | 76 |
| A DEAD EYE'S WAR DIARY | Prabhanjan K. Mishra | 78 |
| CONTINUUM | Dilip Mohapatra | 80 |
| AN ODE TO THE MOON | Archee Biswal | 81 |
| WAILING WOMAN | Gracy Kujur | 82 |


### ARTICLES


| | | |
|---|---|---|
| Unhealthy Feminism | Punyasweta Mohanty | 83 |

# ଲୁଚକାଳି

**ସରୋଜିନୀ ସାହୁ**



"ପୁଅ ! ଏଇ ଗୀତଟା ଶୁଣ ।" ସେଇଟା ଗୋଟେ ଇଂରାଜୀ ଗୀତ ଥିଲା । ଉଡ଼ାଜାହାଜ ଦୁର୍ଘଟଣାରେ ମରିଯାଇଥିବା ବାପା ମାଆଙ୍କୁ ଝୁରୁଥିବା ଗୋଟେ ଆଠ ବର୍ଷ ପିଲାର ମନୋବେଦନା । ଅଳ୍ପ ସମୟ ପରେ ଗୀତର ନୋଟ୍ସ ଓ ଲିରିକ୍ସ ପଠେଇ ଦେଇଥିଲା ମାଆ । କବିତାଟି ଖୋଲିଯାଇଥିଲା ପୁଅର ମନିଟର ଛାତିରେ । ସେ ଶୁଣିପାରିଥଲା ପଶ୍ଚିମା ଅର୍କେଷ୍ଟ୍ରା ସାଙ୍ଗକୁ ଗୀତଟି । "ଏଇଟା ମୋର ଜଣେ ବନ୍ଧୁ ଲେଖିଛନ୍ତି ଓ କମ୍ପୋଜ କରିଛନ୍ତି ବି" ମାଆ ଟାଇପ୍ କରିଥିଲା ।

"ଠିକ୍ ଅଛି, ଶୁଣିବାକୁ ଦିଅ" - ପୁଅ କହିଥିଲା ।

ପୁଅ ଧୀରେଧୀରେ ମହମ ପରି ତରଳିବା ଆରମ୍ଭ କରିଥିଲା । ଛାତି ଭିତରେ ଯେମିତି ଦିକିଦିକି ଯନ୍ତ୍ରଣାର ଆଲୁଅ । ବୋହି ଯାଉଥିଲା ମହମସବୁ ମହମବତି ଦାନି ଉଛୁଳେଇ ତଳକୁ । ଗାୟକ ଯିଏ ହେଉ, ଶବ୍ଦାବଳୀ ସବୁ ଥିଲା ଯେ କେହି ବ୍ୟକ୍ତିକୁ ନିର୍ବାକ୍ କରିଦେଲା ଭଳି । ଗୀତରେ ପିଲାଟା ଖୋଜୁଥିଲା - ମେଘ ଭିତରେ ତା' ବାପା ମାଆଙ୍କୁ । ଖୋଜୁଥିଲା ପାହାଡ଼ ସାରା । ଜଙ୍ଗଲ ସାରା । ପାହାଡ଼ ଦେହରେ ମୁଣ୍ଡ ପିଟୁଥିବା ସମୁଦ୍ର ସାରା । ପୋଡ଼ା ଗଛ ପତର ଫାଙ୍କରୁ ଧୂଆଁ ଆଡ଼େଇ ପିଲାଟା ଖୋଜୁଥିଲା ତା' ବାପା ମାଆଙ୍କୁ । ପାହାଡ଼ ଝରଣାରେ, ଫଟୋ ଫ୍ରେମ୍‌ରେ, ରାତିର ଆକାଶରେ ତାରାମାନଙ୍କ ସଭାରେ, କେବେ ଦିନେ ଡରୁଥିବା ଅନ୍ଧାର ଗଳିରେ । ପିଲାଟା ଖୋଜୁଥଲା ତା' ବାପା ମାଆଙ୍କୁ ଘରର ପ୍ରତି ବଖରାରେ । ଖୋଜୁଥିଲା ଆକାଶରୁ ଅନବରତ ଝରିପଡୁଥିବା ବରଫ ଗୁଣ୍ଡରେ ।

ପୁଅ ଭାବପ୍ରବଣ ହେଇଉଠୁଥିଲା । ତା' ଆଙ୍ଗୁଳିସବୁ ଅନ୍ୟମନସ୍କ ଭାବରେ ଟାଇପ୍ କରୁଥିଲେ । ଆଃ...ଆ...ଆହା... "କହ ପୁଅ, ମୁଁ ବସିଛି । ଗୀତ ଶୁଣିଲୁ ?"

ଏପଟେ ପିଲାଟା ଗୀତରେ କହୁଥିଲା, "ତମେ ଦିହେଁ ଫେରିଆସିଲେ ଆମେମାନେ ସମୁଦ୍ର କୂଳକୁ ଯିବା । ସାଙ୍ଗ ହେଇ ସ୍କିଂ କରିବା, ଉପତ୍ୟକାରେ ସପ୍ତାହାନ୍ତରେ ବସିବସି ଦିନସାରା ଖେଳିବା । ତମେ ଚାଲିଆସ ବାଦଲ ଫାଙ୍କରୁ, ଲତା ଉହାଡ଼ରୁ, ଝରକା ପାଖରେ

ବସି ରହିଛି ମୁଁ – ତୁମରି ପ୍ରତୀକ୍ଷାରେ । ଓହ୍ଲେଇ ଆସ ବରଫ ଗୁଣ୍ଡରେ । ଓହ୍ଲେଇ ଆସ ମୋ ବାଇନାକୁଲାରରେ ।" ଚାଟିଂ ବକ୍ସ ସେମିତି ଅଧାଲେଖା ଖବର ନେଇ ପଡ଼ି ରହିଥିଲା । ପାଞ୍ଚ ମିନିଟ୍ ଗଲା । ମନେ ହେଲା ପୁଅ ସେପଟେ ନାହିଁ, ଯଦିଓ ପୁଅ ସେପଟେ ଥିବାର ସୂଚନା ମିଳୁଥିଲା । ଗୀତଟା ଥିଲା ଜମା ପାଞ୍ଚ ମିନିଟ୍‌ର । ତେବେ ପୁଅ ସେପାଖେ କ'ଣ କରୁଛି ବୁଝିପାରିଲାନି ମାଆ । ଦଶ ମିନିଟ୍ ପରେ ତା'ର ଧୈର୍ଯ୍ୟ ଭାଙ୍ଗିଗଲା । ସେ ପଚାରିଲା, "ପୁଅ ତୁ ଚାଲିଗଲୁ କି ?"

"ନା, ଯାଇନି । ମୁଁ ଯାଉଛି । ମାନେ ମୁଁ ରହୁଛି । ପରେ ପୁଣି ।"

"ଗୀତଟା କେମିତି ଲାଗିଲା କହିଲୁନି ? ଏଇଟା ମୋର ଜଣେ ବନ୍ଧୁ... ।"

ପୁଅ ସେତେବେଳକୁ ସାଇନ୍ ଆଉଟ୍ କରି ପଳେଇଥିଲା । ତା' ପ୍ରଶ୍ନ ପୁଅ ପାଖରେ ଅପହଞ୍ଚ ହେଇଥିଲା । ମାଆ ମନଟା ଭାରି ଖରାପ ହୋଇଗଲା । ପୁଅଟା ଦୁଃଖୀ ହେଲାକି ? ଏମିତି ଅଚାନକ ସମ୍ପର୍କ କାଟିଦେଲା ଯେ ? ହଜାର ହଜାର କିଲୋମିଟର ଦୂରରେ ରହି ତାକୁ ଏମିତି ଗୀତଟେ ଶୁଣେଇବା ଉଚିତ୍ ଥିଲା କି ? ପୁଅ ଦେଢ଼ ବର୍ଷ ହେଲା ମାଆକୁ ଦେଖି ନଥିଲା । ଦେଢ଼ ବର୍ଷ ହେଲା ମାଆ ଚେଷ୍ଟା କରି ପୁଅ ପାଖକୁ ଆସିପାରୁ ନଥିଲା । ତା' ରିସର୍ଚ୍ଚ ଆହୁରି ବାକି ଥିଲା । ପଶ୍ଚିମୀ ଦୁନିଆର ଧାଁଧପଡ଼ ଜୀବନରେ, ନିଜର ପାଠପଢ଼ାରେ ହଜାର କାୟଦା କାନୁନ୍‌ରେ ନିଜକୁ ଖାପ ଖୁଆଇଲାବେଳେ ଅଣନିଃଶ୍ୱାସୀ ହେଇଯାଉଥିଲା ସେ । ତା' ସାଙ୍ଗକୁ ତିନି ବର୍ଷର କୋର୍ସକୁ ଦି' ବର୍ଷରେ ସାରିବାକୁ ଚାହୁଁଥିଲା ସେ । ତେଣୁ ତା' ପାଖରେ ଫୁରସତ୍ ହିଁ ନଥିଲା ।

ସବୁଦିନ ନିଦରୁ ଉଠିଲେ ଓ ନିଜ ପାଖରେ ନିଜକୁ ସମର୍ପିବାବେଳେ ପୁଅ ଖୁବ୍ ମନେ ପଡୁଥିଲା । ପୁଅ କଥା, ଘରକଥା ଭାବି ଛାତି ତା'ର ବିଦାରି ହୋଇଯାଉଥିଲା । ଅଧିକାଂଶ ଦିନ ତା' ସମୟକୁ ପୁଅର ସମୟ ଖାପ ଖାଉନଥିଲା । ପୁଅ ଥିଲା ବାଙ୍ଗାଲୋରରେ ଆଉ ସେ ଅକ୍ସଫୋର୍ଡରେ । ହାତ ବଢ଼େଇଲେ ବି କେହି କାହାକୁ ଛୁଇଁବା ସମ୍ଭବ ନଥିଲା । କିନ୍ତୁ ରାସ୍ତାର ଦୂରତାଟା କ'ଣ ସବୁକିଛି ?

ମାଆ ସନ୍ତୁଷ୍ଟ ଥିଲା ଯେ ପୁଅ ତା' ସ୍ୱାବଲମ୍ବୀ ହେଇଛି । କିନ୍ତୁ କେବେ ବି ପୁଅ ତାକୁ ଆଠ ବର୍ଷରୁ ଅଧିକ ବଡ଼ ପିଲାଟେ ପରି ମନେ ହେଉ ନଥିଲା । ପୁଅକୁ ନେଇ ତା'ର ଯେଉଁ ବ୍ୟାକୁଳତା, ଚେଷ୍ଟା କରି ବି ସେ ପୁଅ ପାଖରେ ପହଞ୍ଚେଇ ପାରୁ ନଥିଲା । ଦିହିଁଙ୍କ ଛାତି ଭିତରେ ବ୍ରିଜ୍‌ଟେ ବନେଇବାରେ ସେ ଯେମିତି ଅସମର୍ଥ ଥିଲା ।

ଅନେକ ସମୟରେ ପୁଅ ଫୋନ୍ କଲାବେଳେ ମାଆଙ୍କୁ ତାଙ୍କ କ୍ଲାସ୍‌ରେ, ପ୍ରଫେସର ସାଙ୍ଗରେ, ଲାଇବ୍ରେରୀରେ, ରିଡିଂ ରୁମ୍‌ରେ ପାଉଥିବାରୁ ପୁଅ ମନ ଖୋଲି ଗପି ପାରୁ ନଥିଲା । ତା'ର ପ୍ରଚଣ୍ଡ ଅଭିମାନ ହେଉଥିଲା । ତେଣୁ ଯେତେବେଳେ ମାଆ ଫୋନ୍ କରୁଥିଲା ସେ ଉତ୍ତର ଦଉ ନଥିଲା । କିମ୍ବା ଟିକିଏ ପରେ ଗପିବା କହି କାଟି ଦେଉଥିଲା । ଅଥଚ ଆଉ ଟିକିଏ ପରେ ଆସୁ ନଥିଲା । ମାଆ ଲାଇବ୍ରେରୀରୁ ପ୍ରଫେସରଙ୍କ ପାଖରୁ କିମ୍ବା ବନ୍ଧୁ ମହଲରୁ ମୁକୁଳି ପୁଅ ପାଖକୁ ଫୋନ୍ କରି ନିରାଶ ହେଉଥିଲା ।

ପିଲାଦିନେ ବି ଏମିତି ହେଉଥିଲା, ମାଆ ରହିଲା ବେଳେ ପୁଅ ରହୁ ନଥିଲା । ତେଣୁ ମାଆ ନିଜ ଅସହାୟତା ପ୍ରକାଶ କଲାବେଳେ ପୁଅ କହୁଥିଲା: ଏସବୁରେ ମୁଁ ଅଭ୍ୟସ୍ତ ମାଆ । ନିଃସଙ୍ଗତାଟା ମୋ ପାଇଁ ନୂଆ ନୁହଁ । ମୋ ପିଲାଦିନର ସାଥୀ । ଲୋକବାକ ହାଉଯାଉ ହେଲେ ଭାରି କଷ୍ଟ ହୁଏ । ନିଜକୁ ଭିଡ଼ ଭିତରେ ଅଲଗା ବାରି ହୁଏନି । ଦମ୍ ବନ୍ଦ ହୋଇଯାଏ । ବରଂ ଏକ୍‌ଲା ରହିଲେ ଖୁବ୍ ସ୍ୱାଭାବିକ ଲାଗେ ତ ।

ମାଆ କହନ୍ତି ଧୂତ୍ ପାଗଳ, ନିଃସଙ୍ଗତା ବୋଲି କିଛି ନାହିଁ । ଏଇଟା ଗୋଟେ ମନର ଅବସ୍ଥା । ସଂସାରରେ ପକ୍ଷୀଠୁଁ କଙ୍କିଯାଏ ଅଛନ୍ତି । ସହସ୍ର କୋଟି ମଣିଷ, ଅନ୍ତରୀକ୍ଷରେ ଅଗଣିତ ତାରା । ଏତେ ନଦୀ, ପାହାଡ଼, ଜଙ୍ଗଲ, ଏତେ ଶବ୍ଦ, ଏତେ ଆଲୁଅ, ମଣିଷଟେ ଏକା ହେବ କେମିତି ?

"ତୁମେ ବୁଝିପାରିବନି ।" ପୁଅ କହୁଥିଲା ।

"ବୁଝି ପାରିବିନି ? ମାନେ ?"

"ତମେ ନିଃସଙ୍ଗତାକୁ ବାଣ୍ଟିବା ପାଇଁ ବାହାରକୁ ଯାଅ, ଆଉ ମୁଁ ନିଃସଙ୍ଗତାକୁ ସାଉଁଟିବା ପାଇଁ ଘରକୁ ଫେରିଆସେ ।"

"ଓହୋ, ପୁଅ ।" ମାଆ ବିଚଳିତ ହେଇ ପଡୁଥିଲେ ।

ବହୁ ସମୟ କମ୍ପ୍ୟୁଟର ପାଖରେ ଅପେକ୍ଷା କରି ଅଗତ୍ୟା ମାଆ ବିଛଣାକୁ ଯାଇଥିଲେ । କାହିଁକି କେଜାଣି ତାଙ୍କର ମନେ ହେଉଥିଲା ଗୀତଟା ପଠାଇବା ଉଚିତ ନଥିଲା । ପିଲାଦିନେ ପୁଅ ସୁନ୍ଦର ହିରୋଇନମାନଙ୍କ ଫଟୋ ଦେଖିଲେ ପେନରେ ନିଶ ଦାଢ଼ି କରି ଦଉଥିଲା । କେବେକେବେ ଖବରକାଗଜ ପୃଷ୍ଠାରେ ଥିବା ମଡେଲମାନେ ନିଶ ଦାଢ଼ିବାଲି ହେଇଯାଉଥିଲେ । ମାଆ ଭାବୁଥିଲେ ପୁଅ ଏମିତି ଦୁଷ୍ଟାମିରେ କରୁଛି । ଥରେ ବିରକ୍ତ ହେଇଥିଲେ ବି । "ଏଗୁଡ଼ାକ କ'ଣ ସୁନ୍ଦର ଦିଶୁଛି ପୁଅ ? ଏ ସୁନ୍ଦର ଝିଅଗୁଡ଼ାକ ମୁହଁ ବିକୃତ କଲାବେଳେ ତୋତେ ଦୁଃଖ ଲାଗୁନି ?"

ପୁଅ କହୁଥିଲା, "ଦେ ଡିଜର୍ଭ ।"

ମାଆ ଚମକି ପଡୁଥିଲେ, "ମାନେ ?"

"ସେମାନଙ୍କୁ ସେୟା ଦରକାର ।"

ମାଆ ଆଶ୍ଚର୍ଯ୍ୟ ହେଉଥିଲେ । ମନେମନେ ଭାବୁଥିଲେ ପୁଅଟା ନାରୀ ବିଦ୍ୱେଷୀ ହେଇଯାଉଛି । କିନ୍ତୁ କାହିଁକି ? ସେ ଚେଷ୍ଟା କରୁଥିଲେ ଆଉ ଟିକିଏ କୋମଳତା, ଆଉ ଟିକିଏ ସ୍ନିଗ୍ଧତା, ଆଉ ଟିକିଏ ଆନୁଗତ୍ୟ, ଆଉ ଟିକିଏ ମମତ୍ୱ ମିଶେଇ ପୁଅ ସାମ୍ନାରେ ନିଜକୁ ପେସ୍ କରିବାକୁ । ହେଲେ ମାଆ ପାଖରେ ଏତେ ସମୟ କୋଉଠି ଥିଲା ଯେ ? ତାଙ୍କୁ ଘର ବାହାର ସବୁ ଦେଖିବାକୁ ପଡୁଥିଲା । ସବୁ କାମ କରୁକରୁ ତା'ର ଦିନ ପାସ୍ ହେଇଯାଉଥିଲା ଓ ସେ ଭାବୁଥିଲେ ସବୁ ଠିକ୍ ଚାଲିଛି । ଦିହିଁଙ୍କର ଦିନଚର୍ଯ୍ୟା, ଜୀବନଯାପନ, ଉନ୍ନତି ପ୍ରାପ୍ତି ସବୁକିଛି ।

ପୁଅ ଦିନେ କହିଥିଲା, "ମାଆ, ମୁଁ ମ୍ୟୁଟାଣ୍ଟ ତିଆରି କରିବି ।"

"ମ୍ୟୁଟାଣ୍ଟ ? ସେ ପୁଣି କ'ଣ ?"

"ମ୍ୟୁଟାଣ୍ଟ ଜାଣିନ ? ଅତି ମାନବ । ପ୍ରାଣୀ ଭିତରେ ଅପରିମିତ ଶକ୍ତି ଭରିଦେବ ସେ । ଅତି ମାନବ ସବୁକିଛି କରିପାରିବ ଯାହା ମଣିଷ କି ଜୀବ କରିପାରିବ ନାହିଁ । ମୁଁ ମଣିଷର ମ୍ୟୁଟାଣ୍ଟ ବନେଇବି ।"

ମାଆ ଜାଣିଥିଲା ଭଗବାନ ସର୍ବଶକ୍ତିମାନ । ମ୍ୟୁଟାଣ୍ଟ ଆହୁରି ଶକ୍ତିମାନ ବୋଲି ସେ ପୁଅ ପାଖରୁ ଜାଣିଲା । କିନ୍ତୁ ଅନୁମାନ କରିପାରି ନଥିଲା କେମିତି ହେବ ବା ହେଇଥିବ ଏ ମ୍ୟୁଟାଣ୍ଟ ? ଥରେ ପୁଅ ଦେଖେଇ ଦେଇଥିଲା ମ୍ୟୁଟାଣ୍ଟକୁ ଟିଭି ପର୍ଦ୍ଦାରେ । ହଲିଉଡ୍ ହିରୋ ଆରନାର୍ଲ୍ଡ ସଙ୍ଗେ ଲଢୁଥିଲା ମ୍ୟୁଟାଣ୍ଟ । ମଣିଷ ଭଳି ନା ରୋବଟ୍ ଭଳି ଦେଖିବାକୁ, ନା...ମଣିଷ ଭଳି ହେଲେ ବି ମଣିଷ ନୁହେଁ । ଅମର । ଗୋଡ଼ହାତ ଛିଣ୍ଡିଗଲେ ବି କଅଁଳି ଯାଉଥିଲା । ମ୍ୟୁଟାଣ୍ଟର ଚାଲିଚଳଣ ଥିଲା ଅଦ୍ଭୁତ । ମନେ ହେଉଥିଲା ସେ ସର୍ବଶକ୍ତିମାନ । ବୁଦ୍ଧି ଥିଲେ ଥିବ । ମାତ୍ର ହୃଦୟ ନାହିଁ ।

ମାଆ ପଚାରିଲା, "ମ୍ୟୁଟାଣ୍ଟମାନଙ୍କର ହୃଦୟ ଥିଲା ଭଳି ତ ମନେ ହେଉନି ?"

"ମଣିଷମାନଙ୍କର ହୃଦୟ ଥାଇକି ବି କ'ଣ କରୁଛନ୍ତି ଯେ ? ହୃଦୟ ମଣିଷର ସବୁଠୁଁ ଦୁର୍ବଳତମ ଅଂଶ ।"

ମାଆ ଖୁବ୍ ବ୍ୟଥିତ ହେଇଥିଲା ପୁଅର କଥା ଶୁଣି । ସଂସାରର ସବୁ ଐଶ୍ୱର୍ଯ୍ୟ, ସବୁ ସୁଖ ଯଦି ଗୋଟେ ପଟେ, ତଥାପି ହୃଦୟ ଭାରି ହେବ ଓଜନରେ । ପୁଅ ଜାଣି ବୁଝି ଏମିତି କଥା ସବୁ କହୁଥିଲା ଯେମିତି କି ମାଆ ମନ ବଡ଼ କଷ୍ଟ ହେବ । ମାଆ ଭାବୁଥିଲା ଏସବୁ ପୁଅର ପିଲାଳିଆମୀ । ବଡ଼ ହେଲେ ଆପେଆପେ ସବୁ ଠିକ୍ ହେଇଯିବ । ସବୁ ପିଲା ଏଇ ବୟସରେ ଏମିତି ହୁଅନ୍ତି । ମାଆ ଛାତିରେ କିନ୍ତୁ ମ୍ୟୁଟାଣ୍ଟ ସଇତାନ୍ ପରି ବସା ବାନ୍ଧି ରହିଥିଲା । ସେ ବେଳେବେଳେ ପୁଅକୁ କହୁଥିଲା ଭଗବାନ ସର୍ବଶକ୍ତିମାନ । ତାଙ୍କ ସାମ୍ନାରେ ମଣିଷ ହେଉ କି ଏଲିଅନ୍ ସବୁ ତୁଚ୍ଛାତିତୁଚ୍ଛ ।

ପୁଅ ମୁଣ୍ଡରୁ କେମିତି ମ୍ୟୁଟାଣ୍ଟ ଭୂତ ବାହାର କରିବ ମାଆ ସବୁବେଳେ ସେଇ ଚିନ୍ତାରେ ଥିଲା । ଗୌତମ ବୁଦ୍ଧଙ୍କ ଜୀବନରେ ସେଇ ଚାରୋଟି ଦୃଶ୍ୟ ନ ଆସିଥିଲେ ତାଙ୍କ ଜୀବନ ବଦଳି ନ ଥାନ୍ତା ହୁଏତ । ପୁଅର ଜୀବନ ଯଦି ବଦଳିଯାଏ ବୁଦ୍ଧଙ୍କ ପରି ? ମାଆର ଭୟ କରିବା ନିରର୍ଥକ ଥିଲା । ସେଇ ନିର୍ଦ୍ଦିଷ୍ଟ ବୟସ ପାର ହେବା ପରେ ମ୍ୟୁଟାଣ୍ଟ ବନେଇବା ଆଗ୍ରହ ପୁଅ ମନରୁ ପୋଛି ହେଇଯାଇଥିଲା । କ୍ରମେ ପଢ଼ାପଢ଼ି ଭିତରେ ସେ ବୁଡ଼ି ରହିଥିଲା । ମାଆ ତା' ବହି ଭିତରେ ଆଉ ପୁଅ ତା' ବହି ଭିତରେ ବୁଡ଼ି ରହୁଥିଲେ । ନିଜନିଜ କ୍ୟାରିୟର ଗଢ଼ିବାରେ ବ୍ୟସ୍ତ ଥିଲେ ମାଆ ଆଉ ପୁଅ, ଦିହେଁ । ଦିହିଁଙ୍କ ପାଇଁ ସଂସାରର ସବୁ ସଫଳତା କମ୍ ମନେ ହେଉଥିଲା । ନିଜନିଜ ଉପାୟରେ ନିଜନିଜ ଭାଗ୍ୟ ବଳରେ, ପାହାଡ଼ ଚଢ଼ାରେ ଲାଗିଯାଇଥିଲେ ସେମାନେ । ପୁଅ ଆଇ. ଆଇ. ଟି.ରେ ଭର୍ତ୍ତି ହେଇଥିଲା ଆଉ ମାଆ ନିଜର ପ୍ରମୋସନ, ରିଫ୍ରେସର କୋର୍ସ, ବଦଳିକୁ ନେଇ ଏତେ ବ୍ୟସ୍ତ ଥିଲା ଯେ ପୁଅ ଉପରେ ତେରଛା ନଜରଟେ ବି ରଖିବା ତା' ପାଖରେ ସମ୍ଭବ ହେଉନଥିଲା । ଯଦିଓ ପୁଅ ହୃତପିଣ୍ଡ ହେଇ ପିଞ୍ଜରା ଭିତରେ ଧକ୍ ଧକ୍ କରୁଥିଲା ସବୁ ସମୟରେ ।

ଦିହିଁଙ୍କ ଜୀବନ ଏମିତି ଦି'ଟି ସରଳରେଖାରେ ପରିଣତ ହେଇଯାଇଥିଲା ଯେ କେହି କାହାକୁ ଛୁଇଁ ପାରୁନଥିଲେ । ମନ ଉଦାସରେ ମାଆ ପୁଅ ପାଖକୁ ଫୋନ୍ କରୁଥିଲା, ଆଉ ପୁଅ ଜୀବନ ଭାରି ଲାଗିଲେ ସେ ମାଆ ପାଖକୁ । ବିପଦ ଆପଦରେ ଦିହେଁ ଦିହିଁଙ୍କୁ ଛୁଇଁବା ପାଇଁ ହାତ ବଢ଼ାଉଥିଲେ ଅପହଞ୍ଚ ଦୂରତାରେ ଥାଇ ।

ଦିନେ ପୁଅ ଫୋନ୍‌ରେ କହିଥିଲା, "ମାଆ, ମୋର ତିନି ଲକ୍ଷ ଟଙ୍କା ଦରକାର ।"

"ତିନି ଲକ୍ଷ ? କ'ଣ କରିବୁ ଏତେ ଟଙ୍କା ?"

ପୁଅର ସେଇଟା ଶେଷ ବର୍ଷ ଥିଲା ।

"ମାଆ, ମୁଁ ଜଣଙ୍କୁ ସାହାଯ୍ୟ କରିବାକୁ ଚାହେଁ ।"

"ସାହାଯ୍ୟ ! ପାଗଳ ହେଲୁକି ?"

"...", ପୁଅ ନୀରବ ରହିଥିଲା ।

"କାହାକୁ ସାହାଯ୍ୟ କରିବୁ ?"

"ଏତେ ଟଙ୍କା ?"

"...", ପୁଅ ନୀରବ ରହିଥିଲା ।

"ତା' ନାଁ କ'ଣ ? ତା'ର କ'ଣ କେହି ନାଇଁ ?" ପ୍ରତିଟି ପ୍ରଶ୍ନ ପଚାରିବା ଭିତରେ ମାଆ ଅସହିଷ୍ଣୁ ହେଇ ଉଠୁଥିଲା ।

"ତମେ ଦେଇ ପାରିବନି ତ ସିଧାସଳଖ କୁହ । ତମକୁ ଦବାକୁ କେହି କହୁନି, ଅଳ୍ପ ଦିନ ପରେ ମୁଁ ଚାକିରି କରିବାକୁ ସକ୍ଷମ ହେବି, ସେତେବେଳେ ତୁମର ସବୁ ଟଙ୍କା ଶୁଝିଦେବି ।" ପୁଅ ରୁକ୍ଷ ସ୍ୱରରେ କହିଥିଲା ।

ମାଆ କିଛିବେଳ ଯାଏଁ କିଛି ଉତ୍ତର ଦେଇପାରି ନଥିଲେ । ପୁଅ ତା'ର ଋଣ ପରିଶୋଧ କରିଦେବ କହୁଛି । ତା'ର ସବୁ ସାଧ ସାଧନା ତ ପୁଅ ପାଇଁ । ପୁଅ କେବେଠୁ ତାକୁ ଏମିତି ପର ଭାବିଲାଣି ? ଏମିତି ଝୁଙ୍କ୍ କାହା ପାଇଁ ତା'ର ? କାହା ପାଇଁ ତା'ର ଏମିତି ହୃଦୟ କାନ୍ଦୁଛି ଯେ ? କାହିଁ କହୁନାଇଁ ତ ମାଆ ତୁମେ ବହୁତ କାମ କଲଣି, ଏବେ ବସ । ମୁଁ ଚାକିରି କରି ତୁମକୁ ପୋଷିବି ।

ଯଦିଓ ମାଆ ଏମିତି ସ୍ୱପ୍ନ କେବେ ଦେଖି ନ ଥିଲା, ତଥାପି ଏମିତି କଥା ଶୁଣିଥିଲେ ହୁଏତ ତାକୁ ଭଲ ଲାଗିଥାନ୍ତା । ପୁଅ ଆଉ ତା' ଭିତରେ ଥିବା ରାସ୍ତାର ଦୂରତାଠୁଁ ଯେମିତି ଏ ଦୂରତା ଆହୁରି ଅଧିକ ଥିଲା । ଦିହିଁଙ୍କ ଭିତରେ ଏତେ ଫାଙ୍କ ଆସି ଯାଇଥିଲା ଯେ ଚେଷ୍ଟା କଲେ ବି ଆଉ ଛୁଇଁବା ସମ୍ଭବ ନ ଥିଲା । ରାତିସାରା ମାଆ ଭାବିଲା କିଏ ହେଇଥାଇପାରେ, କାହା ପାଇଁ ପୁଅର ପ୍ରାଣ କାନ୍ଦୁଛି ? ପୁଅର କେହି ପ୍ରେମିକା ନାଇଁ ତ ? ହେଲେ ପ୍ରେମିକା ହୃଦୟ ମାଗିବ ନା ଟଙ୍କା ?

ସେ ଘଟଣା ଘଟିବାର ବହୁ ଦିନ ପର୍ଯ୍ୟନ୍ତ ପୁଅ ଆଉ ମାଆ ସଙ୍ଗେ ସମ୍ପର୍କ ରଖିଲା ନାହିଁ । ପ୍ରଥମେ ଦିନା କେତେ ମାଆ ଭାବିଲା ପୁଅର ସରଳତାର ସୁଯୋଗ ନେଇ କେହି ତାକୁ ଠକେଇବାକୁ ନ ଚାହୁଁ । ପୁଣି ଭାବିଲା କୌଣସି ଅସାମାଜିକ କାମରେ ଲିପ୍ତ ନାହିଁ ତ ପୁଅ ?

ଏ ଭିତରେ କିଛି ଖରାପ ଅଭ୍ୟାସକୁ ଆପଣେଇ ନେଇନି ତ ସେ ?

ତଥାପି ମାଆ ନିୟମିତ ପୁଅର ପାସ୍‌ବୁକ୍‌ରେ ଟଙ୍କା ଭରି ଚାଲିଥିଲା ଓ ଅପେକ୍ଷା କରିଥିଲା ଦିନେ ନା ଦିନେ ତ ପୁଅର ଅଭିମାନ ଭାଙ୍ଗିବ । ଯେତିକି ଯେତିକି ଦିନ ଯାଉଥିଲା ମାଆର ମନ ସେତିକି ଦୁଃଖ ଓ ନୈରାଶ୍ୟରେ ଭାଙ୍ଗି ପଡୁଥିଲା । ମଞ୍ଜିରୁ ଗଛ ଉଠିଲାବେଳେ ଯେତେ ଛନ୍‌ଛନ୍ ଦିଶେ, ସମ୍ଭାବନାର ଡାଳ ମେଲେଇ ଆକାଶ ଛୁଇଁଲେ କ'ଣ ସେମିତି ଦିଶେ ?

ଦେଖୁଦେଖୁ ପୁଅର ପଢ଼ା ସରିଯାଇଥିଲା । ପଢ଼ା ସରୁସରୁ ଚାକିରି ପାଇଯାଇଥିଲା । ଚାକିରିକୁ ଯିବା ଆଗରୁ ଦିନକ ପାଇଁ ମାଆ ପାଖକୁ ଆସିଥିଲା ପୁଅ । ମାଆ ଡରିକରି ଆଉ ପଚାରି ପାରିଲା ନାହିଁ ସେ ତିନି ଲକ୍ଷ ଟଙ୍କା ବିଷୟରେ । ପୁଅ ବି ସେ ପ୍ରସଙ୍ଗ ଉଠାଇଲା ନାହିଁ । ମାଆ ପୁଅ ପାଇଁ କେକ୍, ଆରିସା, ରାଶି ଲଡୁ ଯୋଗାଡ଼ କରିଲା । ପୁଅ କହିଥିଲା, "ଥାଉ ସେସବୁ କିଛି ଲୋଡ଼ା ନାହିଁ ।"

କିଛି ନ ନେଇ ପୁଅ ଚାଲିଯାଇଥିଲା ତା' ଚାକିରି ଜାଗାକୁ । ମାଆ ଲକ୍ଷ୍ୟ କରିଥିଲା ପୁଅ ପୂର୍ବାପେକ୍ଷା ଯଥେଷ୍ଟ ଗମ୍ଭୀର ଦିଶୁଛି । ତା'ର ଯେମିତି ଗୋଟେ ନିବୁଜ ଦୁନିଆ ଅଛି, ସେଠି ଆଉ କାହାର ଛାଇ ପଡ଼ିବା କଥା ନୁହଁ, ଏମିତିକି ମାଆର ବି ନୁହଁ । ଏମିତି ଭାବରେ ବେଶ୍ ସନ୍ତର୍ପଣରେ ନିଜର ଚବିଶି ଘଣ୍ଟିଆ ରହଣିକୁ ମ୍ୟାନେଜ କରି ନେଇଥିଲା ପୁଅ । ଯା' ପରେ ବିନା-ବ୍ରିଜ୍‌ର ଦି' ପାଖ ରାସ୍ତା ପରି ସେମାନେ ରହିଯାଇଥିଲେ । ତଥାପି ପୁଅର ଚାକିରି-ବାକିରି ଦେଖି ମାଆ ଗର୍ବିତା ଥିଲା ଓ ଆଶା କରୁଥିଲା ପୁଅ ବି ମାଆ ପାଇଁ ଗର୍ବ ଅନୁଭବ କରୁ ।

ଦିନେ ମାଆ କହିଥିଲା, "ବାବୁରେ, ମୋତେ ଫେଲୋସିପ୍‌ଟେ ମିଳିଛି, ଆଉ ଦିନ କେଇଟା ଗଲେ ମୁଁ ବିଦେଶକୁ ଚାଲିଯିବି ।" ପୁଅ ଉଦାସ ଭାବରେ କହିଥିଲା, "ହଉ"- ଯେମିତି ମାଆର ସଫଳତା ପୁଅ ପାଖରେ ଅର୍ଥହୀନ । "ତୋତେ ଖୁସି ଲାଗୁନି ?" ପଚାରି ଦେଇ ମାଆ ଡରି ଯାଇଥିଲା । ପୁଅ ଯଦି ତାଚ୍ଛଲ୍ୟ କରେ, ଫେଲୋସିପ୍ ? ? ଆଉ କେତେଦିନ ଏମିତି ପାଠ ପଢ଼ିବ ? ଏ ଉଡ଼ାଣରେ କିଛି ମାନେ ହୁଏ ? ଯଦି ବିଷ ଉଦ୍‌ଗାରୀ ବସେ ? ତମେ ମୋ ପାଇଁ କ'ଣ କରିଚ ? ଆଁ ? ଟଙ୍କା ? ସବୁ ବାପା ମାଆ ଟଙ୍କା ଖର୍ଚ୍ଚ କରନ୍ତି ତାଙ୍କ ପିଲାଙ୍କ ପାଇଁ । ସେଇଟା ଗୋଟେ କିଛି ବଡ଼ କାମ ନୁହଁ । ମନେ ପକେଇଲ, ତମେ ତରବର ହେଇ ପରଟା ଦି'ଟା ଭାଜି ଦେଇ ଯାଉଥିଲ, ଜାମ-ଚିନି-ଅମୁଲ-ଭଜା ଦେଇ ଜବରଦସ୍ତି ଗିଳେଇ ଦେଉଥିଲା ଅମୁ । ଗିଳିଲାବେଳେ ଭାରି କଷ୍ଟ ହେଉଥିଲା ମାଆ । ବାନ୍ତି କରି ଘର ଭିଜେଇ ଦେଲାବେଳେ ପିଠି ଆଉଁଶି ଦେବାପାଇଁ ଅଧିକାଂଶ ସମୟରେ ତମେ ପାଖରେ ନ ଥିଲ ମାଆ । ଆଇ ନେଭର ଫିଲ୍ ପ୍ରାଉଡ୍ ଫର ୟୁ ମାଆ । ତୁମ କ୍ୟାରିୟର କେବଳ ତୁମର । ମନେ ରଖ କେବଳ ତୁମର ।

ନା, ପୁଅ ସେଭଳି ବିଷ ଉଦ୍‌ଗାରିଲା ନାଇଁ, କି ଆଗ୍ରହ ଦେଖାଇଲା ନାହିଁ । ମାଆ ଚାଲି ଆସିଥିଲା ଅକ୍ସଫୋର୍ଡ । ଆସିଲାବେଳେ ପୁଅ ସଙ୍ଗେ ଦେଖା କରିବା ବି ସମ୍ଭବ ହେଲାନି । ଇଣ୍ଟରନେଟ୍‌ରେ ପୁଅକୁ ଦେଖିନେବ, କଥା ହେବ ଏଇ ଆଶା ନେଇ ମାଆ ସନ୍ତୁଷ୍ଟ ରହିଲା । ପୁଅ କଥା ଦେଇଥିଲା ସେ ଇଣ୍ଟରନେଟ୍‌ରେ ଆସି କେବଳ ମାଆ ସଙ୍ଗେ କଥା ହେବ । କିନ୍ତୁ ପ୍ରକୃତରେ ତା' ସମ୍ଭବ ହେଉ ନ ଥିଲା । ଦିହିଁଙ୍କ ସମୟର ତାଳମେଳ ମିଶୁ ନ ଥିଲା ।

ମାଆର ଜଣେ ବନ୍ଧୁ 'ପଲ୍' ଗୀତଟିଏ ଲେଖି ନିଜେ କମ୍ପୋଜ୍ କରିଥିଲେ । ଗୀତଟି ମାଆକୁ ମୁଗ୍ଧ କରିଥିଲା । ସେଇ କାରଣରୁ ପୁଅ ପାଖକୁ ପଠେଇଦେଇ ସେ ଅପେକ୍ଷା କରିଥିଲା । ଅଥଚ ପୁଅ ଗୀତଟି ଶୁଣି ଭାବ ବିହ୍ୱଳ ହେଲା କି ଅସନ୍ତୁଷ୍ଟ ହେଲା ବୁଝି ହେଲା ନାଇଁ । ମାଆ ତା'ର ପ୍ରତିକ୍ରିୟା ଜାଣିବା ପାଇଁ ଅପେକ୍ଷା କରି କରି ହିଁ ରହିଗଲା ।

ମାଆ ଗୀତ ପଠେଇବାର ଅଠେଇଶ ଘଣ୍ଟା ପରେ ଅଚାନକ ଇଣ୍ଟରନେଟ୍‌ର ଦ୍ୱାର ଖୋଲି ଟାଇପ୍ କରିଥିଲା "ହାଏ ।" "ହାଏ" ମାଆ ପ୍ରତ୍ୟୁତ୍ତର ଫେରାଇଥିଲା । ମାଆ ଲେଖିଥିଲା ମୁଁ ଗୋଟେ ନୂଆ ହେଡଫୋନ କିଣିବି, ତୋ ଗଳାର ସ୍ୱର ଶୁଣିବା ପାଇଁ ଇଚ୍ଛା ହେଉଛି । ପୁଅ ସେ କଥାର ଉତ୍ତର ଦେଲା ନାହିଁ । ବରଂ କହିଲା, "ଏ ଗୀତଟା ଶୁଣ ।" ୟୁ ଟ୍ୟୁବ୍ ଖୋଲିବା ମାତ୍ରେ ସୁନ୍ଦର ଗଳାର ସଂଗୀତ ସହ ତାରକାମାନଙ୍କ ଅଭିନୟ ସେ ଦେଖିପାରିଥିଲା । ଗୀତରେ ଥିବା ତାରକାମାନଙ୍କ ଭିତରୁ କିଛି କିଛିଙ୍କୁ ଚିହ୍ନିଥିଲା ମାଆ । ଆଉ କିଛି ଅଚିହ୍ନା ଥିଲେ । ଗୀତଟି ଥିଲା : ଲୁକାଛୁପି ବହୁତ ହୁଇ...ଏମିତି କିଛି ଗୀତ । ଗୀତଟି ଭିତରେ ଏତେ ଦରଦ ଥିଲା ଯେ ମାଆ ଆଖିରେ ଲୁହ ଆସିଯାଇଥିଲା । ଲୁହ ଆସିଥିଲା ଏଇଥିପାଇଁ ଯେ ଦୃଶ୍ୟ ମଧ ଥିଲା ହୃଦୟ ବିଦାରକ । ବ୍ୟାକୁଳ ହେଇ ଖୋଜି ବୁଲୁଥିଲା ମାଆ ତା' ପୁଅକୁ । ଗଳି ଉପଗଳିରେ, ରାସ୍ତାରେ, ଛକ, ପାର୍କରେ ଏମିତି, ବାଟ ଦେଖି ଦେଖି ତା' ଆଖି ପଥର ହେଇଯାଇଥିଲା । ପୁଅ ତୁ କୋଉଠି ଅଛୁ ?

ଏଣେ ତୋତେ ଖୋଜୁଛି ତୋ ମାଆ । ଅଥଚ ମାଆ ସାମ୍ନାରେ ପୁଅର କଫିନ୍ । ଆଖି ସାମ୍ନାରେ ତା'ର ଜୁଇ । ଧୂଆଁ ଉଠୁଥିଲା କୁଣ୍ଡଳୀ ହେଇ ଆକାଶ ଆଡ଼େ । ପୁଅର ସ୍ୱର ଭାସି ଆସୁଥିଲା ସେ ଧୂଆଁ ଚିରି । "କେମିତି କହିବି ମାଆ ମୁଁ କେଉଁଠି ଅଛି ବୋଲି ? କେମିତି କହିବି କହ ?"

ୟୁ ଟ୍ୟୁବ୍‌ର ଗୀତ ସରିଲା ପରେ ପୁଅ ଡାକିଲା, "ମାଆ !" ମାଆର ଆଖି ଲୁହରେ ଡବଡବ କରୁଥିଲା । ଇଚ୍ଛା ହେଉଥିଲା ଶୂନ୍ୟରେ ହାତ ବଢ଼େଇ ପୁଅକୁ କୋଳେଇ ନେବ କି ! ବଞ୍ଚି ଥାଉଁ ଥାଉଁ ପୁଅକୁ ଜୁଇ ଉପରେ ସେ କେବେ ବି କଳ୍ପନା କରିପାରିବ ନାହିଁ । ନା କେବେ ନୁହେଁ । ପୁଅ ଯେତେ ପଛେ ଭୁଲ୍ ବୁଝୁ ତାକୁ । ପୁଅ ତା' ଜୀବନ, ତା' ନିଃଶ୍ୱାସ ପ୍ରଶ୍ୱାସ । ତା' ଆତ୍ମା ।

ପୁଅ ସେପଟୁ କିଛି ଟାଇପ୍ କରୁଥିଲା । ମାଆ ସଚେତନ ହେଇପଡ଼ିଲା । ପୁଅ ଇଂରାଜୀରେ ଲେଖିଥିଲା, "ମୁଁ ନିଜକୁ ମାରି ଦେବାକୁ ଚାହେଁ । ଆଇ ୱାଣ୍ଟ ଟୁ କିଲ୍ ମାଇଁ ସେଲ୍ଫ ।" ମାଆ ଆକାଶରୁ ଯେମିତି ଖସିପଡ଼ିଲା । ତା' ଦେହ ହାତ କମ୍ପିବାକୁ ଆରମ୍ଭ କରିଥିଲା । ସେଇ ଥରିଲା ହାତରେ ମାଆ ଟାଇପ୍ କରିଥିଲା, "ଏମିତି କଥା ମୁହଁରେ ନେ ନା ପୁଅ ।" ପୁଅ ମାଆ କଥାର ଜବାବ ଦେଲା ନାହିଁ । ବରଂ ଲେଖିଲା, "ତୁମକୁ କହିବି କହିବି ହେଇ ଗୋଟେ କଥା କହିପାରି ନାହିଁ । ଲୁଚକାଳି ଖେଳିଖେଳି ମୁଁ ଥକିଗଲିଣି ମାଆ । ମୋତେ ଆଉ ଦେହଟା ଭଲ ଲାଗୁନି ।"

"ତୁ କ'ଣ ପାଗଳ ହେଲୁ ପୁଅ ? ଏମିତି କ'ଣ କହୁଛୁ ? ତୋର କ'ଣ ହେଇଛି ଖୋଲି କରି କହୁନୁ । ମରିଯିବାଟା କ'ଣ ଏକମାତ୍ର ଉପାୟ ?"

ପୁଅ ଲେଖିଥିଲା, "ମୁଁ ସତ କହୁଛି, ମୋ ଲାପ୍‌ଟପ୍ ପାଖରେ ହିଁ ମୁଁ ମୃତ୍ୟୁର ଉପକରଣ ରଖିଛି ।"

"ମୁଁ ତୋତେ ଦେଖିବାକୁ ଚାହେଁ ଏଇ ମୁହୂର୍ତ୍ତରେ ପୁଅ । ତୋ କ୍ୟାମେରା ଅନ୍ କର । ଦେଖ୍ ତୁ ବି ମୋତେ ଦେଖ୍ । ଏସବୁ କଥା ମନରୁ ପାସୋରିପକା ପୁଅ ।" ପୁଅ ପ୍ରଚଣ୍ଡ ରାଗରେ ଲେଖିଥିଲା, "ଓଃ ! ଡୋଣ୍ଟ କଲ୍ ମି ପୁଅ ।"

ସେ ତା' ମୋବାଇଲ୍‌ର ସୁଇଚ୍ ଅଫ୍ କରି ଦେଇଥିଲା କି କ'ଣ ମାଆ ଯେତେ ଚେଷ୍ଟା କଲେ ବି ତାକୁ ଧରି ପାରିନଥିଲେ । ପୁଅ ଟାଇପ୍ କରିଥିଲା, "ତୁମର ଆଉ କୌଣସି କଥା ମୋ ଉପରେ ଫରକ ପକାଇବ ନାହିଁ ।" ମାଆର କ୍ୟାମେରା ଅନ୍ ଥିଲେ ବି ପୁଅ ସେପଟେ ଦେଖିବା ପାଇଁ ଅନୁମତି ଦେଲା ନାହିଁ । ମାଆ ଚାହିଁ ବି ପୁଅକୁ ଦେଖିପାରିଲା ନାହିଁ । କିଛି ସମୟ ନୀରବତାରେ କଟି ଯାଇଥିଲା । ମାଆର ଆକାଶରୁ ପବନ ସରିସରି ଆସୁଥିଲା । ଜୀବନ ବୃଥା ହେଇଯାଇଥିଲା । ପୁଅ ହଠାତ୍ କାହିଁକି ଏମିତି ହେଲା ସେ ବୁଝି ପାରି ନ ଥିଲା ।

ପୁଅ ଟାଇପ୍ କରିଥିଲା, "ତମେ ମୋର ଏଇ ଯେଉଁ ଛ' ଫୁଟର ଦେହ ଦେଖିଛ, ଦେଖିଛ ସୁସ୍ଥ ସବଳ ଲୋମଶ ପୌରୁଷ, ତା' ଭିତରେ ଗୋଟେ କୋମଳ ମନ ଲୁଚି ରହିଛି ମାଆ ।"

"ହଁ ପୁଅ, ମନଟା ଭାରି କୋମଳ ।"

"ନା ସମସ୍ତଙ୍କର ନୁହେଁ । ମୋ ସହକର୍ମୀମାନେ କେହି ମୋ ପରି ଏତେ କୋମଳ ନୁହନ୍ତି । ସେମାନେ ବେପରୱା । ସେମାନେ ଆଦୌ ଭାବପ୍ରବଣ ନୁହନ୍ତି । ମାତ୍ର ମୁଁ ଭାବପ୍ରବଣତାରେ ବୁଡ଼ିଯାଏ । ହତାଶାରେ ଭାଙ୍ଗିପଡ଼େ । ସବୁବେଳେ ନିଜକୁ ଅସୁରକ୍ଷିତ ମନେକରେ, କିନ୍ତୁ କାହିଁକି ?"

"ତୁ ଛୋଟ ବେଳୁ ସେମିତି ପୁଅ ।"

"ମୁଁ ସେଇକଥା କହୁଥିଲି । ଏ ଦେହ ପାଇଁ ଏ ମନ ବଡ଼ ବେଖାପ ନୁହେଁ କି ? କେମିତି କୁହ ଏକ ସଙ୍ଗେ ଏ ଦେହ ଓ ମନର ସହାବସ୍ଥାନ ହେଇପାରିବ ? ମୋତେ ମୋ ଦେହକୁ ମାରି ଦେବାକୁ ପଡ଼ିବ ନହେଲେ ମନକୁ । ମନକୁ ମାରିବା ଏତେ ସହଜ କଥା ନୁହଁ । ବରଂ ଦେହକୁ ପାଞ୍ଚ ମିନିଟ୍‌ରେ... ।"

ମାଆର ମୁଣ୍ଡ କିଛି କାମ କରୁନଥିଲା । ସେ ଇଂରାଜୀ ସାହିତ୍ୟର ଛାତ୍ରୀ, ଇଂରାଜୀର ଅଧ୍ୟାପିକା । ତଥାପି ପୁଅ କଥାର ବିନ୍ଦୁବିସର୍ଗ ସେ ବୁଝିପାରିଲା ନାହିଁ । କ'ଣ କହିବାକୁ ଚାହୁଁଛି ପୁଅ ? ମାଆ ଟାଇପ୍ କଲା, "ମୁଁ କିଛି ବୁଝିପାରୁନିରେ ପୁଅ ।"

"ବୁଝିପାରୁନ କେମିତି ? ଜେଣ୍ଡର ବିଷୟରେ ତୁମର କିଛି ଧାରଣା ନାଇଁ ?"

"ନାଇଁ କାହିଁକି ?"

"ତୁମର ମନେ ଅଛି, ମୁଁ ଥରେ ତୁମକୁ ତିନି ଲକ୍ଷ ଟଙ୍କା ମାଗିଥିଲି ? କାହିଁକି ମାଗିଥିଲି ଜାଣିଛ ? ମୁଁ ମୋ ରୁଚିର ଦେହଟେ ଆପଣେଇ ନେଇଥାନ୍ତି ବୋଲି ।"

"ତୁ କ'ଣ କହୁଛୁ ?"

"ସବୁକିଛି ସମ୍ଭବ ମାଆ ।"

"ନୋ ଡିୟର, ୟୁ ଆର୍ ଭେରି ମଚ୍ ପର୍ଫେକ୍ଟ... । ଡୋଣ୍ଟ ଗୋ ଫର୍ ଫେଶନ୍ ।"

"ତୁମର କୋଉଠି ସମୟ ଥିଲା ମୋ ଆଡ଼କୁ ଧ୍ୟାନ ଦେବାକୁ ?"

ମାଆ ଚୁପ୍ ହେଇଗଲା । ସମୟ ନଥିଲା ବୋଲି କ'ଣ ପୁଅର ପରିବର୍ତ୍ତନକୁ ଲକ୍ଷ୍ୟ କରିପାରିବନି ମାଆଟେ ? ମାଆ ପୁଅର ଶୈଶବରୁ ଯୌବନ ଯାଏଁ ପ୍ରତି ମୁହୂର୍ତ୍ତକୁ ମନେ ପକାଇଥିଲା, ନା କୌଣସି ଭାବରେ ସେ କୌଣସି ବିକୃତି ଦେଖିପାରିଲା ନାହିଁ । ମିଛ, ମିଛ । ପୁଅର ଏଇଟା ଭ୍ରମ । ସେ ହିପ୍ନୋଟାଇଜ୍‌ଡ ହେଇଯାଇଛି । ତାକୁ ରାସ୍ତାକୁ ଫେରେଇ ଆଣିବାକୁ ପଡ଼ିବ ।

ମାଆ ଟାଇପ୍ କରିଥିଲା, "ପୁଅ" । ଯଦିଓ ପୁଅ ସେପଟେ ଅନ୍‌ଲାଇନ୍ ଥିଲା, ହେଲେ ସେ ଜବାବ ଦେଇ ନ ଥିଲା । ମାଆ ଟାଇପ୍ କରିଥିଲେ, "ପୁଅ ତୁ ସେପଟେ ଅଛୁ ?" ନା, ପୁଅ ଉତ୍ତର ଫେରେଇଲା ନାହିଁ । ମାଆ ଆଖି ସାମ୍ନାରେ ଖାଲି ସେଇ ଗୀତ ଅନୁରଣିତ ହେଉଥିଲା, 'ଲୁକା ଛୁପି ବହୁତ ହୁଇ... ।' ଦିଶିଯାଉଥିଲା ଗୋଟେ କଫିନ୍ । କେମିତି କେଜାଣି ମାଆର ଅଜାଣତରେ ପୁଅ ଜୀବନରେ ଘୁଣ ଲାଗିଯାଇଥିଲା, ଯା' ଧରି ପାରି ନ ଥିଲା ଆଜି ସୁଦ୍ଧା । ଏବେ ସବୁ ଖୋକ୍‌ଲା । ଧରିଦେଲେ ଝରିପଡ଼ିଲା ପରି । ମାଆ ଆଖି ଆଗରେ ଭାସିଗଲା ସହମି କରି ଛିଡ଼ା ହେଇଛନ୍ତି ପୁଅର ବନ୍ଧୁମାନେ, କୁଇର ଧୂଆଁ କୁଣ୍ଡଳି କାଟି ଉଠିଯାଉଛି ଉପରକୁ ।

ମାଆକୁ କୂଳ କିନାରା ଦିଶିଲା ନାହିଁ ।

"ପୁଅ ।" ମାଆ ଟାଇପ୍ କଲା ।

"ମୋ କୁନୁ ।"

"ବାପାରେ ।"

"ବହୁତ ଖେଳିଲୁ ପୁଅ, ଚାଲି ଆ' । କିଛି ତ ସୂଚନା ଦେ' ସେ ପାଖୁ ।"

"ବାବୁ ତୁ କୁଆଡ଼େ ଗଲୁ ?"

"ବୁବୁନା ।"

"କୁଟୁ ।"

"ମୋ କୁଟୁ ।"

"ମୋ କୁଲୁ ।"

"କୂଲୁନ୍ ।"

"ବୁଟୁରେ ।"

"ମୋ ମୁନୁ ବେଟା ।"

"ମୋ ସୁନୁ।"

"ମୋ ଲୁବୁ।"

"ପୁପୁଲି।"

"ଏ ବୁଢ଼ା।"

"ମିକି।"

"ଟିକିରେ।"

"ଧନରେ, ଲେଖ୍, କିଛି ତ ଲେଖ୍ ବେଟା।"

❑❑❑

ଡକ୍ଟର ସରୋଜିନୀ ସାହୁ ଓଡ଼ିଆ ସାହିତ୍ୟର ଜଣେ ନାରୀବାଦୀ ଲେଖିକା ଭାବେ ବିପୁଳ ପାଠକୀୟ ସ୍ୱୀକୃତିର ଅଧିକାରିଣୀ । ତାଙ୍କର ଗଳ୍ପ ଓ ଉପନ୍ୟାସଗୁଡ଼ିକ ମାନବୀୟ ସମ୍ବେଦନାର କଥା କହେ । ୧୯୭୮ ମସିହାରେ ଓଡ଼ିଆ ଭାଷା ସାହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ପରେ ସେ ଅଧ୍ୟାପନାରେ ଯୋଗ ଦେଇଥିଲେ । ଗପ ଓ ଉପନ୍ୟାସ ରଚନା ବ୍ୟତୀତ ସେ ଦୀର୍ଘ ଦିନ ଧରି ଚେନ୍ନାଇରୁ ପ୍ରକାଶିତ 'ଏସିଆନ ଏଜ' ପତ୍ରିକାର ସହଯୋଗୀ ସମ୍ପାଦିକା ଥିଲେ । ନିଉ ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶିତ ତାଙ୍କର ସ୍ତମ୍ଭ ଓ ତାଙ୍କର ଇଣ୍ଟରନେଟର ବ୍ଲଗ୍ ଲେଖା ତାଙ୍କୁ ଓଡ଼ିଶା ଓ ଭାରତ ବାହାରେ ମଧ୍ୟ ଲେଖିକା ଭାବେ ବିପୁଳ ଲୋକପ୍ରିୟତା ଆଣି ଦେଇଥିଲା । ସେ ଜାତୀୟ ଓ ଅନ୍ତର୍ଜାତୟ ସ୍ତରରେ ଓଡ଼ିଆ ସାହିତ୍ୟକୁ ବହୁବାର ପ୍ରତିନିଧିତ୍ୱ କରିଛନ୍ତି । ୧୯୯୨ ମସିହାରେ ସର୍ବ କନିଷ୍ଠ ଲେଖକ ଭାବରେ ଗଳ୍ପ ସଂକଳନ 'ଅମୃତର ପ୍ରତୀକ୍ଷାରେ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ଏହାଛଡ଼ା ସେ ମର୍ଯ୍ୟାଦାଜନକ 'ଝଙ୍କାର ପୁରସ୍କାର', 'ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର' ସମେତ ଅନ୍ୟାନ୍ୟ ବହୁ ପୁରସ୍କାରରେ ସମ୍ମାନିତ । ତାଙ୍କର ଉପନ୍ୟାସ 'ଗମ୍ଭିରୀ ଘର' ବାଂଲାଦେଶ ଓ ଶ୍ରୀଲଂକାରେ ବି ଖୁବ୍ ଲୋକପ୍ରିୟ । ତାଙ୍କୁ ୮୨୬୦୬୯୧୬୪୦ରେ ଯୋଗାଯୋଗ କରାଯାଇପାରିବ ।

# ଓଦାମାଟିରେ ପାଦଚିହ୍ନ

**ଯଶୋଧାରା ମିଶ୍ର**



ପିଲାବୟସର ପ୍ରେମ, ଅନ୍ଧ କରେଇଦିଏ । ସମସ୍ତେ ଥରେ ଅଧେ ଭୋଗିଥାନ୍ତି ସେ ପାଗଳାମୀ । ହେଲେ ସଭିଏଁ ପହଞ୍ଚିଯାଆନ୍ତି ସେ ଓସାରିଆ ସଡ଼କରେ, ଯେଉଁଠି ସହଜ ସୁଧାର ହେଇ ଆଉ ସମସ୍ତେ ବାଟ ଚାଲୁଥାନ୍ତି । ହେଲେ କିଛି ଲୋକ ଥାଆନ୍ତି ଯିଏ ଓସାର ଫର୍ଚ୍ଚା ରାସ୍ତାରେ ପହଞ୍ଚି ସାରିଲା ପରେ ବି ପାଦଚଲା ବାଟର ଡାକରେ ଟାଣି ହେଇ ଯାଉଥାନ୍ତି ଥରକୁ ଥର । ପୁଣିଥରେ ଦେହହାତରୁ ଧୂଳିଝାଡ଼ି ଦେଇ ଏଣିକି ନାକସିଧା ଚାଲିବେ ବୋଲି ପଣ କରନ୍ତି ହୁଏତ ବା । ଚେଷ୍ଟା କରୁଥାନ୍ତି ପଛରେ ଛାଡ଼ି ଆସିଥିବା ଛାପିଛାପିକିଆ ଦୁବଘାସ ମିଶା ଚଲାବାଟଟିକୁ ମନରୁ ଘଉଡ଼ି ଦେବାକୁ । ସଫଳ ହୋଇପାରୁନଥାନ୍ତି ।

ନିଜ ବାଲକନିରେ ବସିଚି ଫାତିମା ଏକୁଟିଆ । ଋହିଁଚି ପୁରୁଣା ସହରକୁ । ଛାଡ଼ିଆସିଲା ଜୀବନକୁ । ଉପରଓଳିର ଖରା ନଇଁ ଆସୁଚି ସାମ୍ନା ବଡ଼ତାଲ୍‌ର ପାଣି ଉପରେ । ଅଦୂରରେ ନୂଆ ମଲ୍‌ର ଉଦ୍‌ଘାଟନ ଲାଗି ସାଜସଜ୍ଜା ଋଲିଚି ଏବେବି । ବନ୍ଧୁ ପରିଜନ ନିକଟ ଆତ୍ମୀୟଙ୍କଠୁ ଆରମ୍ଭ କରି ସହରର ସବୁ ଗଣ୍ୟମାଣ୍ୟ ଲୋକ, ମୁଖ୍ୟମନ୍ତ୍ରୀଙ୍କ ଯାଏ ଆସିବେ । ଘର ଲୋକେ ଲାଗିଚନ୍ତି କାମରେ । ହେଲେ ଫାତିମା ନିଜ ପାଗଳାମୀକୁ କ’ଣ କହିବ, ବାଟ ଦେଖୁଚି ନ ଆସିବା ଲୋକ କିଏ କାଳେ ଆସି ପହଞ୍ଚିଯିବ ବୋଲି । ସେତିକିବେଳକୁ ଭେଁ ଭେଁ ବୋବାଳି ଛାଡ଼ିଥିବା ଛୁଆକୁ ଆଣି ଫାତିମା କୋଳରେ କଚି ଦେଉଚି ଝିଅ ପରବୀନ, ମାଆକୁ ଜିମା ଦେଉଦେଉ କହୁଚି, “ଅମ୍ମି, ତମ ଅସଲମ ଋଋ ଆସିଚନ୍ତି, ଉପରକୁ ଆସୁଚନ୍ତି ଭେଟିବେ ବୋଲି ।” ତା’ପରେ ମୁହଁ ଋପି ହସି କହୁଚି, “ବୁଢ଼ାର ବେଶ ଦେଖିବ କ’ଣ, ବାଳକୁ ଦାଢ଼ିକୁ ପୂରାପୂରି କଳା କରି ଡାଇ କରିଚି । ଏଣିକି ଆଉ ମେହେନ୍ଦୀ ରଙ୍ଗ ଚଳୁନି ତା’ର ।” ପରବୀନ ନିଜ ନୂଆ ଡ୍ରେସ୍‌କୁ ସଜାଡୁ ସଜାଡୁ ଋଲିଯାଉଚି । ନାତୁଣୀକୁ ତୁନି କରାଉ କରାଉ ଆକାଶରେ ଉଡୁଥିବା ଗୁଡ଼ିକୁ ଆଙ୍ଗୁଠି ଦେଖାଇ ଫାତିମା କହୁଚି, “ହେଇ ଦେଖ୍ ଦେଖ୍ ଗୁଡ଼ି ଉଡୁଚି କେମିତି । ଡାକିଲୁ ତାକୁ, ଆ ଆ...”

ଫାତିମା ମନରେ ଦିଶିଯାଉଚି କାହିଁ କେବର କଥା । ସତେକି ଏଇ ଦେଖୁଚି ସେ ଦୃଶ୍ୟଟି । ଆକାଶରେ ଏମିତି ଗୁଡ଼ି ଉଡୁଥାଏ, ଲଟେଇ ହାତରେ ଦଳେ ପିଲା ପାଟିତୁଣ୍ଡରେ ମାତିଥାନ୍ତି ସେଇ ବରଗଛ ତଳେ । ଚଉତରାରେ ଗୋଟିଏ ପିଲା କଡ଼ିକିଆ ହେଇ ବସିଥାଏ, କ’ଣ ଭାବିଲା ଭଳି ଅନେଇଥାଏ ଆକାଶ ଆଡ଼େ । ବରଗଛଟାର ଗୁଡ଼ାଏ ଡାଳ, ଓହଳ ଋରିପାଖୁ କଟା ହେଇଯାଇଚି । ତେବେବି ଅଛି

ଗଛଟା, ଚଉତରା ସହିତ । ଆଖପାଖ ଆଉସବୁ କିନ୍ତୁ ବଦଳିଯାଇଚି । ସେଇ ପଥରବସା ଆବୁଡ଼ା ଖାବୁଡ଼ା ଗଳି ରାସ୍ତା, ପୋଚରା ନାଳ, ଭଙ୍ଗାରୁଜା ଘର ସବୁ ଆଉ ନାହିଁ । ଆଖି ପାଉନଥିବା ନୀଳ ହ୍ରଦ କୂଳ ପ୍ରଶସ୍ତ ରାଜପଥ ଉପରେ ହୋଟେଲ୍ ନବାବ ମଞ୍ଜିଲ୍, ସହର ଗୋଟାକରେ ଗୋଟିଏ ବୋଲି ଏଭଳି ସୌଖୀନ ହୋଟେଲ ଏଇଟି । ଏପାଖେ ଖଣ୍ଡମଣ୍ଡଳକୁ ଆବୋରି ଉଭା ହେଇଚି ନୂଆ ମଲ୍, ତା' କାଚକାନ୍ଥ ଗୋଟାଯାକରେ ସଞ୍ଚର ନାଲି ଖରା ଝଲମଲ ହେଉଚି । ନାଆଁଟା ମଲ୍ ନବାବ ମଞ୍ଜିଲ୍ ରଖାଯାଉ ବୋଲି ଫାତିମା ଚାହୁଁଥିଲା । ପୁଅ ଝିଅ ଦିହେଁ ମାନିଲେନି, କହିଲେ ନୂଆ ଧରଣର କିଛି ନାଁଟାଏ ବାଛିବା । ଆଜିକାଲି ନାଁ ସବୁ ଭିନ୍ନ ରକମର ହେଉଚି, ନବାବ ସାଙ୍ଗକୁ ପ୍ଲାଜା କି ୱାର୍ଲଡ ଭଳି କିଛି ଗୋଟେ ଯୋଡ଼ିଦେଲେ ହୁଅନ୍ତା । ଫାତିମା କହିଲା, "ଦେଖିଚି ମ, ଆଜିକାଲି ଦି ବଖୁରିଆ ଫ୍ଲାଟ୍ କେଇଟାର ନାଁରେ ଯୋଡ଼ାଯାଉଚି ପ୍ଲାଜା, ଭିଲ୍ଲା । ତାଙ୍କ ଦେଖାଦେଖି ଆମେ ବି କାମ କରିବା ବୋଲି କଥା ଅଛି ।" ଯା'ହେଉ କେତେ ବିଚାର ବିମର୍ଶ ପରେ ନାଆଁଟି ରଖାଗଲା ନବାବ ମଲ୍ । ଏଠିକା ଲୋକଙ୍କ ମନକୁ ପାଇବ, ନବାବଙ୍କ ସହର ବୋଲି କହନ୍ତି ପରା ଯାକୁ ।

ଏତେବେଳେ ତା' ନାଁ ଧରି ଡାକୁଡାକୁ ପଶିଆସିଲା କିଏ ଜଣେ ବାଲକନିକୁ । ଫାତିମା ଚିହ୍ନିଲା, ଅସଲମ ଚାଚା । ବୁଢ଼ା ହେଇଗଲେଣି, ତଥାପି ସେମିତି ଦାଢ଼ିଆ ଥୋଡ଼ି ଟେକି ଛାତି ଡେରି ଚାଲିବାର ଢଙ୍ଗ । ଫାତିମାର ସଲାମର ଉତ୍ତର ଦେଉଦେଉ ଗଦଗଦ କଣ୍ଠରେ କହିଲେ ସେ, "କୋଉଠି ଆସି ପହଞ୍ଚିଲାଣି ଏ ଜାଗାଟା, ଆରେ ବାପ୍‌ରେ, କିଏ ବିଶ୍ୱାସ କରିବ, କ'ଣ ଥିଲା ଇଏ ବର୍ଷ କେତେଟା ତଳେ । ପୋଚରା ନାଳ ନର୍ଦ୍ଦମା ଛଡ଼ା କ'ଣ ଥିଲା ଏଠି । ସରକାର ପାଣି ଉପରେ ସଡ଼କ ତିଆରି କରିଦେଲାଠୁ ସମସ୍ତଙ୍କର ଭାଗ୍ୟ ଖୋଲିଗଲା, ଆଉ କ'ଣ ।"

ଏଇ ଅସ୍‌ଲମ କ'ଣ କମ୍ ହଇରାଣ କରିଥିଲେ ନବାବ ମଞ୍ଜିଲ୍ ହୋଟେଲ୍ ତିଆରି ହେଲାବେଳେ । କେବେଠୁ ସେମାନେ ଦି'ଭାଇ କି ବ୍ୟବସାୟରେ ସିଙ୍ଗାପୁର ଯାଇ ସାରିଥିଲେ । ତାଙ୍କର ଏଠିକାର କେଇପୁରୁଷ ପୁରୁଣା ଘରର ଭାଗ ବଖରାମାନ ତାଲା ପକେଇ ରଖିଥିଲେ । ହେଲେ ଅଧାଅଧି ଖାଲି ପଡ଼ିଥିବା କୋଠାଟା ହୋଟେଲ୍ ହେବ ବୋଲି କଥାଟା ତାଙ୍କ ଦେହରେ ଗଲା ନାହିଁ । କହିଲେ ଆମ ପୁସ୍ତେନି ଘର, ବଂଶ କୁଟୁମ୍ବ ଏକାଠି ରହୁଚୁ । ଟଙ୍କା କେଇଟା ଲାଗି ଛାଡ଼ିଦେବୁ କେମିତି ! ଫାତିମା ନିଜେ ଯାଇ ତାଙ୍କୁ ଭେଟିଥିଲା । ଚାଚା ବୋଲି ଡାକି କୋଉ ପୁରୁଣା ସମ୍ବନ୍ଧର ଦ୍ୱାହି ଦେଇ ନେହୁରା ହେଇଥିଲା । ତଥାପି କୋର୍ଟରେ କେସ୍ ଠୁକି ଦେଲେ । ଫାତିମାକୁ ଜଣାଥିଲା ଯେ ସେଇ ହବେଲୀରେ ରହୁଥିବା ତଥାକଥିତ ଗୋଟିଏ କୁଟୁମ୍ବର ଲୋକେ ଭାଗଭାଗ ହେଇ ସାରିଥିଲେ, ଅନେକଙ୍କ ଭିତରେ ଯା ଆସ କଥାବାର୍ତ୍ତା ସୁଦ୍ଧା ନଥିଲା । ଯେତିକି ଖର୍ଚ୍ଚାନ୍ତ କଲେ, ହଇରାଣ କଲେ ତା'ଠୁ ବେଶି ।

ଫାତିମା ଚାକରକୁ ଚା' ଆଣିବା ଲାଗି ଡାକ ଦେଲା । ଅସଲମ ଚାଚା ଉଠିଲା ପରି ହେଇ କହିଲେ, "ଏଇ ପରା ତଳେ ଚା' ପିଇ ଆସିଲି । ଖାଲି ଟିକେ ଦେଖା କରିବି ତମ ସାଙ୍ଗେ ବୋଲି ଆସିଲି । କ'ଣ ନହେଇଚି ଏ ମଲ୍‌ଟା, ସିଙ୍ଗାପୁର ମଲ୍‌କୁ ସବୁ ଟକ୍କର ଦେବ ।"

ଟ୍ରେରେ ଦାମିକା ଗିଲାସରେ ପାଣି ନେଇ ଚାକରାଣୀ ଆସିଲା । ଫାତିମା କହିଲା, "ନିଅନ୍ତୁ, ପାଣି ଟିକେ ନପିଇ ଯିବେ ନା ?" ଗିଲାସଟା ହାତରେ ନେଇ ବୁଲେଇ ଦେଖୁଦେଖୁ ଅସ୍‌ଲମ କହିଲା, "ଏଇ ଗିଲାସ, ଭୋପାଳରେ ଦେଖିବାକୁ ମିଳୁଥିଲା କେବେ ? ମୁଁ ତ ପ୍ରଥମେ ଯାଇ ସିଙ୍ଗାପୁରରେ ଦେଖିଲି କ୍ରିଷ୍ଟାଲ୍ ଗ୍ଲାସ୍ । ଏଠି ଆମ ଆଖପାଖ ଲୋକେ କେମିତି ଫଟେହାଲ ହେଇ ରହୁଥିଲେ ମନେଅଛି ନା ?"

ଫାତିମା ଚାକରାଣୀକୁ କହିଲା, "ଯା, ଜଳଖିଆ ଟିକେ ଆଣ ଯା ।" ଅସ୍‌ଲମ ହାତ ହଲେଇ ନାହିଁ କଲେ, କହିଲେ, "ଖାଲି ତମକୁ ଦେଖା କରିଯିବି ବୋଲି ଆସିଚି ବେଟୀ । ତମ ହୋଟେଲ୍, ତମ ମଲ୍ କଥା ସବୁ ଶୁଣି ସିଙ୍ଗାପୁରରୁ ଧାଇଁଆସିଚି ମୁଁ ଦେଖିବାକୁ, ବିଶ୍ୱାସ କରିବ ?" ଫାତିମା କୋଳର ନାତୁଣୀର ପାପୁଲିରେ ଖେଳୁଖେଳୁ କହିଲା, "ସବୁ ସେଇ ଉପରବାଲାର ଦୟା ।" "ହେଲେ ତମେ ନାଁ କମେଇଲ ଝିଅ, ତମ ବାପ ଦାଦା ଯାହା କରିନଥିଲେ, ତମେ ସେକଥା କରିଗଲ । ସାତପୁରୁଷରୁ ରୁଖାଶୁଖା ଖାଇ ପେଟ ପୋଷିଥିଲେ ତମ ପୂର୍ବଜ, ଏବେ ତମେ ଆସି ନବାବଙ୍କଠୁ ଅଧିକରେ ପହଞ୍ଚିଗଲ । ହଉ ଆଲ୍ଲା ଭଲରେ ରଖନ୍ତୁ ତମକୁ ।"

ଜଳଖିଆ ଆସିଯାଇଥିଲା । ପ୍ଲେଟ୍‌ରୁ ଲୁଣିଭଜା ଚୋବେଉ ଚୋବେଉ ଅସ୍‌ଲମ କହିଚାଲିଲେ, "ଏଇ ତାଲ କୂଳଟା ସେମିତି କାଦୁଆ ଅସନା ପଙ୍କ ପଚପଚ ହେଇ ରହିଥାନ୍ତା ଯଦି, କ'ଣ ହେଇଥାନ୍ତା ? ପୋତାହେଲା, ଝୁପୁଡ଼ି ବସ୍ତିର ଗରିବ ଲୋକଙ୍କୁ ଉଠାଗଲା, ତା' ଉପରେ ସଡ଼କ ହେଲା, ତମର ଭାଗ୍ୟ ଖୋଲିଗଲା ନା ଆଉ କ'ଣ ?" ତାଙ୍କ ମନର ବାଫସବୁ ବାହାରିଯିବାକୁ ଦେଲା ଫାତିମା । ନାତୁଣୀ ସାଙ୍ଗେ ଖେଳିଲାଗିଲା କେବଳ । ପିଲାଟିର ହାତ ପାପୁଲିରେ ବାଲକନି କାନ୍ଥର ବେତପଟି-ପର୍ଦ୍ଦା ଫାଙ୍କ ଦେଇ ଚେନାଏ ଗୋଲ୍ ଖରା ପଡୁଥିଲା । ସେ ତା' ଟିକି ପାପୁଲିକୁ ମୁଠା କରୁଥିଲା, ଖୋଲୁଥିଲା ଥରକୁ ଥର । ଧରିବାକୁ ଗଲାକ୍ଷଣି ତାକୁ ଚମକାଇ ଦେଇ ମୁଠା ବାହାରେ ଉଭା

ହେଉଥାଏ ଆଠଣି ଆକାର ଆଲୁଅଟି, ହାତ ଖୋଲିଦେଲେ ପୁଣି ଆସି ପାପୁଲି ମଝିରେ ପଡ଼େ । ଗାଲରେ ଲୁହ ଧାର ଶୁଖିନଥାଏ, ପିଲାଟି ଏଣେ ଖେଳ ନିଶାରେ କାନ୍ଦ ଭୁଲିଯାଇଥାଏ ।

ଅସ୍‌ଲମ ପ୍ଲେଟ୍ ଥୋଇ ଉଠିଲା ବେଳକୁ ଫାତିମା କହିଲା, "ଘରେ ସମସ୍ତେ ଭଲ ଅଛନ୍ତି ତ ଉତ୍ସ ? ଆପଣଙ୍କୁ ବି କ'ଣ କିଛି କମ୍ ଦେଇଚି ଉପରଓ୍ୱାଲା । ଯାହାକୁ ଯାହା ଦେବା କଥା ସିଏ..." । ତାକୁ କଥା ପୂରା କରିବାକୁ ନଦେଇ ଅସ୍‌ଲମ କହିଲେ, "ଆମେ ? ଆମେ ତ ଏଠି ରଜା ଲେଖେଁ ଥିଲୁ, ନବାବ ଥିଲୁ । ଆମ କଥା ଭିନ୍ନ । ଏଇ ଯେ ନବାବ ମଞ୍ଜିଲ୍, କାହାର ଥିଲା କହୁନା ?" ଫାତିମା ଅଳ୍ପ ହସି କହିଲା, "ଆପଣଙ୍କର ଥିଲା । ସେଇ ନାଁ ତ ରହିଚି, ଖାଲି ଏ ହାତରୁ ସେ ହାତକୁ ଦେଉଥାଏ ନେଉଥାଏ ଆଲ୍ଲା ମିଆଁ ।" ଯିବାକୁ ପାଦ ବଢ଼େଇ ଅସଲମ କହିଲେ, "ହଉ, ସେତିକି ଯେମିତି ମନେ ରହେ । ପାଣି ଉପରେ ଗାର ବୋଲି ଜାଣ, ଏଇ ଯୋଉ ସବୁ କାଣ୍ଡ କାରସାଦି କରି ଧନ କମେଇବା । ବଡ଼ଲୋକ ବୋଲି ଦେଖେଇହେବାକୁ ଡେଙ୍ଗୁରା ପିଟି ତାମସା ମଉଚ୍ଛବ କରିବା । ଆଜି ଅଛି କାଲି ନାହିଁ । ବାଲି ଉପରେ ପାଦଚିହ୍ନ, ହାବୁକାଏ ପବନରେ ଲିଭିଯାଏ ସବୁ ।"

ଏତେବେଳକୁ ତରବର ହେଇ ପଶିଆସିଲା ଟୋକାଟିଏ, ତଳେ କିଏ ଡାକୁଚନ୍ତି କହି ଅସ୍‌ଲମଙ୍କୁ ଡାକି ନେଇଗଲା । ପଛରୁ ଫାତିମା ତାଙ୍କୁ ସାକୁଲେଇଲା ଗଳାରେ କହିଲା, "ପ୍ରୋଗ୍ରାମ ଦେଖିବାକୁ ରହିବେ ନିଶ୍ଚେ ଉତ୍ସ, ରାତିରେ ଖାଇକି ଯିବେ ।" ଯାଉଯାଉ ବୁଢ଼ା କହିଲେ, "ହଉ ରହିବି ଯେ, ବୟସରେ ବଡ଼ ବୋଲି କହିଗଲି କେତେକଥା, ମନେ ରଖିଥିବ ।" ନିଜ ପାପୁଲି ମଝିରେ ନାତୁଣୀର କଅଁଳ କୁନି ପାପୁଲିକୁ ମୁଠାକରି ଖୋଲି ସନ୍ଧ୍ୟାର ନାରଙ୍ଗୀ ଖରାର ବୃତ୍ତଟିକୁ ଧରିବାର ହଜେଇବାର ମିଛ ଖେଳରେ ଫାତିମା ବି ମିଶିଯାଇଥିଲା । ତାଆରି ଭିତରୁ ଗୁଣୁଗୁଣୁ ଉତ୍ତର ଦେଲା, "ମନେ ରଖିଚି । ବାଲି ଉପରେ ପାଦଚିହ୍ନ । ହାତ ପାପୁଲିରେ ଖରା ।"

ଅସ୍‌ଲମ ବାହାରିଯାଇ ସିଡ଼ିରେ ଓହ୍ଲାଉଥିବାର ପାଦଶବ୍ଦ ଶୁଭୁଥିଲା । କୁନି ପାପୁଲିର ଖେଳରୁ ଫାତିମା ମୁହଁ ଟେକିଲା, ସେଇ ପାଦଶବ୍ଦ ଆଡ଼େ ଅନେଇ ଭାବି ଭାବି କହିଲା, "ହେଲେ ଖାଲି ବାଲି ଉପରେ କାହିଁକି ? ପଥର ଉପରେ ବି କାଳେ ପାଦଚିହ୍ନ ରହିଚି । ଅନ୍ତତଃ ଓଦାମାଟିରେ ଯଦି ପାଦଚିହ୍ନ ପଡ଼େ ?"

❑❑❑

**ଡକ୍ଟର ଯଶୋଧାରା ମିଶ୍ର ଓଡ଼ିଆ ସାହିତ୍ୟର ଖୁବ୍ ପରିଚିତ ଲେଖିକା । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ୧୯୬୯-୧୯୭୧ ବ୍ୟାଚରେ ସ୍ନାତକୋତ୍ତର ଇଂରାଜୀ ବିଭାଗରେ ଶିକ୍ଷା ଲାଭ କରିବା ପରେ ନାଟକ ସମ୍ପର୍କରେ ଗବେଷଣା କରି ପିଏଚଡି ପାଇଥିଲେ ଓ ଇଂରାଜୀ ସାହିତ୍ୟରେ ଅଧ୍ୟାପନା କରିଥିଲେ । ସେ ଓଡ଼ିଶା ବାହାରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି । ଓଡ଼ିଆରେ ଗଳ୍ପ, କବିତା, ଓ ଉପନ୍ୟାସ ଲେଖିବା ସହିତ ସେ ଇଂରାଜୀରେ ବିଭିନ୍ନ ସମାଲୋଚନାମୂଳକ ପ୍ରବନ୍ଧ ଲେଖିଛନ୍ତି ଓ ଅନୁବାଦ କରିଛନ୍ତି । ଅନେକ ଆନ୍ତର୍ଜାତିକ ସାହିତ୍ୟ ଉତ୍ସବରେ ଆମ ଭାଷାକୁ ପ୍ରତିନିଧିତ୍ୱ କରିଥିବା ଶ୍ରୀମତୀ ମିଶ୍ରଙ୍କର ଅନେକ ରଚନା ହିନ୍ଦୀ ଓ ଇଂରାଜୀରେ ଅନୁବାଦିତ ହୋଇ ବିପୁଳ ଲୋକପ୍ରିୟତା ଲାଭ କରିଛି । ଗଳ୍ପ ସଂକଳନ 'ସମୁଦ୍ର କୂଳ ଘର' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ସମେତ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଆହୁରି ଅନେକ ମର୍ଯ୍ୟାଦାଜନକ ପୁରସ୍କାର ପାଇଛନ୍ତି । ତାଙ୍କ ସହିତ ୮୮୫୧୮ ୯୧୬୫୨ ନମ୍ବରରେ ଯୋଗାଯୋଗ କରାଯାଇପାରିବ ।**

# ବାନ୍ଧବୀ

**ପରେଶ କୁମାର ପଟ୍ଟନାୟକ**



ଆଜି ଯଦି 'ବନ୍ଧୁପଣର କ୍ରମବିକାଶ' ନାମରେ ଗୋଟିଏ ପ୍ରବନ୍ଧ ଲେଖିବାକୁ ପଡ଼େ, ତେବେ ତା'ର ଉପସଂହାରରେ ଏମିତି କଥା କେତେପଦ ଲେଖିବାକୁ ପଡ଼ିବ ଯେ, ଶୈଶବର ଧୂଳି ଧୂସରିତ ଖେଳସାଥୀମାନେ ହଜିଯାଆନ୍ତି, ପାଠପଢ଼ା ବନ୍ଧୁଙ୍କ ବହି ଓ ଖାତା ଭିତରେ । ପାଠପଢ଼ା ବନ୍ଧୁମାନେ ଅଚିହ୍ନା ହୋଇଯାଆନ୍ତି, ଚାକିରି ଜୀବନର ପ୍ରମୋସନ, ଟ୍ରାନ୍ସଫର, ସହକର୍ମୀମାନଙ୍କ ରାଜନୀତି ଭିତରେ । ଚାକିରି ଜୀବନ ପରେ ପାଖ ପଡ଼ୋଶୀ ଅବସରପ୍ରାପ୍ତମାନଙ୍କୁ ନେଇ ଗଢ଼ାହୁଏ ମର୍ଣ୍ଣିଂୱାକ୍  ଆଉ ପ୍ରବଚନମୁଖୀ ବନ୍ଧୁମହଲ । ଏବଂ ସର୍ବଶେଷରେ ଏକା ।

ପାଠପଢ଼ା ଛାଡ଼ିବାର ଅନେକବର୍ଷ ପରେ କିଛି ଉତ୍ସାହୀ ବନ୍ଧୁ ପଛକୁ ଫେରିଚାହାଁନ୍ତି ଓ ଗଢ଼ାହୁଏ ଅନୁଷ୍ଠାନ । ବିଜେବି ପଞ୍ଚସ୍ତରୀ, ରେଭେନ୍ସା ଅଶୀ ଅବା ବାଣୀବିହାର ପଞ୍ଚାଅଶୀ । ଆମ ସମସାମୟିକ ସହପାଠୀମାନେ ଏମିତି ଆଦର୍ଶରେ ଯେତେବେଳେ ଖୁବ୍ ଉତ୍ସାହିତ ହୋଇପଡ଼ିଲେ, ଗଢ଼ା ହୋଇଗଲା ନୂତନ ଅନୁଷ୍ଠାନ- ବାଣୀବିହାର ଏକାଅଶୀ । ବାର୍ଷିକ ବନ୍ଧୁମିଳନ ଆୟୋଜିତ ହେଲା । ସେଠି ପ୍ରତ୍ୟେକ ପରସ୍ପରକୁ ଚିହ୍ନିବାକୁ କିଛିକିଛି ସମୟ ବ୍ୟୟ କରୁଥିଲେ । ମୁହଁ ଦୋଦୋଚିହ୍ନା ମନେହେଉଥିଲା । ନାଁ ମନେ ପଡୁନଥିଲା । ଅନେକଙ୍କର ଉଦର ଗଣେଶଙ୍କୁ ଥଟ୍ଟା କଲାଭଳି । ଆଉ କେତେଜଣଙ୍କର କେଶଚର୍ଯ୍ୟା ଝୋଟକୁ ନିନ୍ଦା କଲାଭଳି । କେତେଜଣଙ୍କ ମଥାରୁ କେଶ ନିର୍ବାସିତ । କାହାରିକାହାରି ମୁହଁରେ ଅକାଳବାର୍ଦ୍ଧକ୍ୟର କଳା ଛାଇ । କାହାର ଦାନ୍ତ ପାନ ଖାଇଖାଇ କଳା । କାହାର ଓଠ ସିଗ୍ରେଟ୍ ଶୋଷାରେ ମଳିନ । କାହାର ଆଖି ତଳେ କୋଲେଷ୍ଟ୍ରାଲ୍‌ର କଳାଦାଗ । କାହାର ଆଖି ଉପରେ ମୋଟା ଲେନ୍ସର ଚଷମା । ସମସ୍ତେ ଅତୀତର ଭୂତ ଭଳି ।

: ଆରେ ! ରୁହ ରୁହ ! ତୁମକୁ ଚିହ୍ନିଲା ଭଳି ମନେ ହେଉଛି ।

: କୁହ ! କୁହତ ଦେଖି ! ମୁଁ କିଏ ?

: ଚେହେରା ତ ଟିକେଟିକେ ଚିହ୍ନାଲାଗୁଛି । ନାଁଟା ମନେପଡୁନି ।

: ମତେ ଚିହ୍ନିଲ ନା ?

: ତମେ କୋଉ ହଷ୍ଟେଲରେ ରହୁଥିଲ, କହିଲ ?

: ତୁମର ସବ୍‌ଜେକ୍ଟ କ'ଣ ଥିଲା ?

: ଏବେ କୋଉଠି ଅଛ, କହିଲ ?

: ଚିହ୍ନିଲି ! ଚିହ୍ନିଲି !

: ତୁମେ ପୂରା ବଦଳିଯାଇଛ ହୋ !

ଏହା ପରେ କରମର୍ଦ୍ଦନ ଓ ଉଚ୍ଛ୍ୱସିତ ହସର ଫୁଆରା । କୋଳାକୋଳି ଓ କୋଳାହଳ । ସହପାଠୀମାନଙ୍କର ଚେହେରା ଉପରେ ବୟସର ଅତ୍ୟାଚାର ଖୁବ୍ ତୀବ୍ର । ଗତକାଲିର ୟୁନିଭରସିଟି ସୁନ୍ଦରୀମାନେ ମେଦୁକିମୁହାଁ ହୋଇଯାଇଛନ୍ତି । ପେଟ ଅଶ୍ଳୀଳ ଭାବରେ ବାହାରି ଆସିଛି । ସ୍ତନ ଅବନତ । ଶରୀରର ଅନୁପାତ ଅସମ୍ଭବ ଭାବରେ ଛିନ୍ନଛତ୍ର । ବୟସକୁ ଟାଣି ଧରି ରଖିବାର ଅସଫଳ ପ୍ରୟାସ ଭିତରେ ମଥାର କେଶ କ୍ଷୀଣ ହୋଇଆସିଛି । କୃତ୍ରିମ ରଙ୍ଗ ପ୍ରୟୋଗରେ ବିକୃତ ଦିଶୁଛି ଚୂର୍ଣ୍ଣକୁନ୍ତଳ । ପ୍ରସାଧନ ଲୁଚାଇବାକୁ ଅକ୍ଷମ ହୋଇଛି ବୟସର ଦାଗ । ଆଣ୍ଠୁଗଣ୍ଠି ବାତରେ ଚାଲିବାର ଛନ୍ଦ ରୁଗ୍‌ଣ ହୋଇପଡ଼ିଛି । ପାଦ ଆଉ ସମର୍ଥ ନୁହେଁ ବୋହିବାକୁ ପୃଥୁଳ ନିତମ୍ବ ।

ତେବେ କିଛି ନାରୀ ନିଜ ନିଜ ସ୍ୱାମୀଙ୍କୁ ଆଣି ଆସିଛନ୍ତି । ସ୍ୱାମୀମାନଙ୍କ ଚେହେରାରେ ବିଚରା ବିଚରା ଭାବ । ମୁହଁରେ ତୁଣ୍ଡି ଭିଡ଼ି ଖାଲି ଏପଟକୁ ସେପଟକୁ ଚାହୁଁଛନ୍ତି ଅସହାୟ ଦୃଷ୍ଟିରେ । ପତ୍ନୀ କୌଣସି ସହପାଠୀଙ୍କୁ ପରିଚୟ କରେଇଦେଲେ ହସୁଛନ୍ତି । କୃତ୍ରିମ ଓ କୁଣ୍ଠିତ ହସ । (ସ୍ୱଗତୋକ୍ତି – ଓହୋ ! କି ଜାଗାରେ ଆସି ପହଞ୍ଚିଲା ମଣିଷ ! କେତେବେଳକୁ ଏଠୁ ମୁକ୍ତି ମିଳିବ, କୁହ ହୋ !) ।

କଥାବାର୍ତ୍ତା କୋଳାହଳରେ ପରିଣତ ହେବାରେ ଲାଗିଲା । ଆଲୋଚନାର ଦିଗ କ୍ରମେ ବସ୍ତୁବାଦୀ ହେବାରେ ଲାଗିଲା । କଲେଜ ଛାଡ଼ିବା ୟା ଭିତରେ ପଚିଶ ବର୍ଷ ଡେଇଁ ସାରିଥିଲା । ତେଣୁ ଆସିଥିବା ସଭ୍ୟମାନେ ଊଣାଅଧିକେ ସମାଜରେ ପ୍ରତିଷ୍ଠିତ ଓ ସ୍ୱଚ୍ଛଳ । (ଅସ୍ୱଚ୍ଛଳମାନେ ପ୍ରାୟତଃ ଆସିନାହାନ୍ତି) । ତେଣୁ ଆଲୋଚନାରେ କ୍ଷମତା ଓ ପ୍ରତିପତ୍ତିର ବାସ୍ନା ବୋହିବାରେ ଲାଗିଥିଲା ।

ବାହାରକୁ ଶୁଣାଯାଉଥିବା କଥାଭାଷାର ଭଗ୍ନାଂଶ ଏହିଭଳି –

: ତୁମେ କେଉଁଠାରେ ଘର ତୋଳିଲ ?

: କେତୋଟି ପ୍ଲଟ୍ ପକେଇଛ ରାଜଧାନୀରେ ?

: ତୁମେ କେଉଁ କାର୍ କିଣିଲ ?

: ନିଜେ ଚଳାଉଛ ନା ଡ୍ରାଇଭର ରଖିଛ ?

: ତୁମର ଝିଅ କ'ଣ ପଢ଼ିଲା ? ମେଡିକାଲ ନା ଇଂଜିନିୟରିଂ ?

: ପୁଅ କେତେ ପାଉଛି ଆଜିକାଲି ?

: ଏଠି ଅଛି, ନା ଷ୍ଟେଟ୍‌ସରେ ?

: ତୁମର ପ୍ରମୋସନ୍ ପୁଣି ହେବ କେବେ ?

: ଏଇଟା ମୋର କାର୍ଡ । ରଖ ! ମୋତେ ଫୋନ୍ କରିବ ।

: ତୁମେ ଫାଇନାନ୍ସରେ ଅଛଟି ! ମୋତେ ସେକଥା କହୁନ ! ମୋର ଗୋଟେ ଫାଇଲ୍ ସେଠି ପଡ଼ିଲାଣି ତିନିମାସ ହେଲା ।

ବନ୍ଧୁମିଳନଟି ଆୟୋଜିତ ହୋଇଥିଲା ଏକ ଅଭିଜାତ ହୋଟେଲ୍‌ରେ । ଗୋଟେ ଛୋଟ ଷ୍ଟେଜ୍ ଥିଲା । ସେଇଠି ମାଇକ୍ ଲାଗିଥିଲା । ତୀବ୍ର ଆଲୋକ କେନ୍ଦ୍ରୀଭୂତ ହୋଇଥିଲା ପୋଡିୟମ୍‌ରେ । ସେଠି ସଦସ୍ୟମାନେ ଜଣଜଣ ହୋଇ ଠିଆ ହେଉଥିଲେ । ନିଜର ପରିଚୟ ଦେଉଥିଲେ । ଏବେ କେଉଁଠି କେମିତି ଅବସ୍ଥାପିତ ହୋଇଛନ୍ତି, ତା'ର ବିବରଣୀ ଦେଉଥିଲେ । ମୋତେ କିନ୍ତୁ କଥାସବୁ ଶୁଣାଯାଉଥିଲା

ଅନ୍ୟପ୍ରକାରେ । ସେମାନେ ଯେମିତି କହୁଥିଲେ, ଆରେ ତମେ ଯାହାକୁ ପଚିଶବର୍ଷ ତଳେ ହଳେ ପ୍ୟାଣ୍ଟସାର୍ଟକୁ ଧୋଇ ଶୁଖେଇ ପିନ୍ଧୁଥିବାର ଦେଖୁଥିଲ, ଏବେ ଦେଖ, ସେ କେମିତି କୋଟ୍-ଟାଇ ପିନ୍ଧା ଅଫିସର ହୋଇଛି । ତମେ ଯାହାକୁ ଛିଣ୍ଡା ଚପଲ ପିନ୍ଧି ମାସିକ ଦରମା ଦେଇପାରୁ ନ ଥିବାର ଦେଖିଥିଲ, ଏବେ ଦେଖ, ତା'ର ଦୁଇଟା କାର୍ । ରାଜଧାନୀରେ ଚାରୋଟି କୋଠାଘର । ତମେ ଯାହାକୁ ଦେଖିଥିଲ ସର୍ବହରାର ଦଳ ଏସ୍‌ୟୁସିଆଇ ପକ୍ଷରୁ କାନ୍ଥରେ ଲେଖୁଥିଲା ସ୍ଲୋଗାନ୍ 'ବିକ୍ଷୋଭ'କୁ 'ବିଖୋଭ' ବୋଲି, ଏବେ ସେ ଉଡାଜାହାଜରେ ଉଡ଼େ । ପଞ୍ଚତାରକା ହୋଟେଲ୍‌ରେ ରାତ୍ରିଯାପନ କରେ । ଯିଏ ଗତକାଲି ବ୍ୟାକ୍‌ପେପର୍ କ୍ଲିୟର୍ କରି ପାରୁ ନ ଥିଲା, ଆଜି ତା' ହାତରେ ଏତେ କ୍ଷମତା ଯେ, ସେ ତମ ଘରେ ସି. ବି. ଆଇ, ଇନ୍‌କମ୍ ଟ୍ୟାକ୍ସ ରେଡ୍ କରିଦେଇପାରେ ।

ମୋତେ ଏ ସମସ୍ତ ଆଲୋଚନା ଭଲ ଲାଗୁ ନ ଥିଲା । ମୁଁ ସ୍ଥାନ ତ୍ୟାଗ ପାଇଁ ପ୍ରସ୍ତୁତ ହେଉଥିଲି । (ଏ କ'ଣ ମୋର ଇନଫରିୟରିଟି କମ୍ପ୍ଲେକ୍ସ?) । ଏ ଆୟୋଜନର କର୍ମକର୍ତ୍ତା ବନ୍ଧୁମାନଙ୍କୁ ମୁଁ ମୋର ମନୋଭାବ ସୂଚାଇ ସାରିଥିଲି । ଠିକ୍ ଏତିକିବେଳେ ଜଣେ ଭଦ୍ରମହିଳା ମାଇକ୍ ସାମ୍ନାକୁ ଆସିଲେ ଓ ବନ୍ଧୁମିଳନ ଘଟଣାଟିକୁ ଏକ କାହାଣୀ ଆଡ଼କୁ ମୁହାଁଇ ନେଲେ ।

ଭଦ୍ରମହିଳା ମଂଚରେ ଠିଆ ହୋଇଥିଲେ । ସମବେତ ବନ୍ଧୁମାନଙ୍କୁ ଉଦ୍‌ବୋଧନ ଦେବାର ଠାଣି କଲେ ।

ପଚାରିଲେ: ବନ୍ଧୁଗଣ ! ଆପଣମାନେ ମୋତେ ଚିହ୍ନିପାରୁଛନ୍ତି ତ ?

ଆମେ ସମସ୍ତେ ତାଙ୍କୁ ନିରେଖିଲୁ । ଚିହ୍ନିପାରିଲୁ ନାହିଁ ।

ଭଦ୍ରମହିଳା କହିଲେ: ମୁଁ ଯେତେବେଳେ ଶୁଣିଲି, ଆମ ବ୍ୟାଚ୍‌ର ବାଣୀବିହାର ପିଲାମାନେ ଗୋଟାଏ ବନ୍ଧୁମିଳନର ଆୟୋଜନ କରୁଛନ୍ତି, ଆସି ଏଠି ପହଞ୍ଚିଗଲି । ଏବେ ମୋତେ ଚିହ୍ନିଲେ ତ !

ଆମ ଭିତରୁ କାହାରି ମୁହଁରେ ଚିହ୍ନିପାରିବାର ଭାବ ଆସିପାରିଲା ନାହିଁ । ସମସ୍ତେ ପରସ୍ପରକୁ ଚାହୁଁଥିଲେ ଓ ଆଖିରେ ଇସାରା କରୁଥିଲେ, ଇଏ କିଏରେ ! ଇଏ କିଏ ମ !

ଭଦ୍ରମହିଳା ପୁଣି କହିଲେ : ମୋତେ କିଏ ଡାକିଥିଲା କି ?

ସେ ଟିକେ ଅଟକିଲେ, ସମସ୍ତଙ୍କୁ ଚାହିଁଲେ । ତାଙ୍କୁ ପ୍ରକୃତରେ କେହି ଡାକି ନ ଥିଲେ । ସେ ତାଙ୍କ ମନକୁମନ ଆସିଥିଲେ । ଆୟୋଜକ ବେହେରାବାବୁ ଏହିପରି ବନ୍ଧୁମାନଙ୍କୁ ସ୍ୱାଗତ କରିଥାଆନ୍ତି । ତାଙ୍କ ମତରେ ସମସ୍ତେ ମନକୁମନ ଆସିବା କଥା, ଦେୟ ଦେଇଦେବା କଥା । ଆସ ଆସ ବୋଲି ଯା ତା'ପଛରେ ଗୋଡ଼ାଇବା ଅପମାନଜନକ କଥା ।

ଭଦ୍ରମହିଳା ଶୁଣାଇଲେ : ମୋର ନାମ ରଶ୍ମିତା ରଥ । ମୋତେ ଚିହ୍ନିଲେ ?

ତଥାପି କେହି ଚିହ୍ନିଲେନି । କୋଉଠୁ ହେଲେ ବି ଆସିଲାନି ସ୍ୱାଗତ ସୂଚକ ହର୍ଷଧ୍ୱନି ।

ଭଦ୍ରମହିଳା କହିଲେ : ମୁଁ ଜାଣେ । ମୁଁ ଜାଣେ, ଆପଣମାନେ ମୋତେ କାହିଁକି ଚିହ୍ନିପାରୁ ନାହାନ୍ତି ।" ଆମେ ସମସ୍ତେ ଚୁପ୍ । ସେ ତାଙ୍କ ଭାଷଣର ଗତି ବଢ଼ାଇଲେ : କାରଣ ମୁଁ ସଂସ୍କୃତ ପଢୁଥିଲି । ଆମେ ଯୋଉମାନେ ସଂସ୍କୃତ ପଢୁଥିଲୁ, କାହା ସାଙ୍ଗରେ ସେତେ ବେଶି ମିଶୁନଥିଲୁ କିମ୍ବା ଅନ୍ୟମାନେ କେହି ଆମ ସାଥୀରେ ମିଶୁ ନ ଥିଲେ । କାହିଁକି ନା ସଂସ୍କୃତଟାକୁ କେହି ଗୋଟାଏ ଏମ୍.ଏ. ପାଠ ବୋଲି ଗଣୁ ନ ଥିଲେ । ଠିକ୍ ନା ?

ସମସ୍ତଙ୍କ ମୁହଁରେ ମୃଦୁମୃଦୁ ହସର ଛିଟିକା । ଅନ୍ୟମାନଙ୍କ ମୁହଁରେ ହସର ଝଲକ ଦେଖି ଭଦ୍ରମହିଳା ଉତ୍ସାହିତ ହୋଇ ଯାଇଥିଲେ । କହିଲେ : ଅସରପା ଗୋଟେ ଚଢ଼େଇ ନା ସଂସ୍କୃତ ଗୋଟେ ପାଠ ! ମୁଁ ଭାବୁଛି, ସଂସ୍କୃତବାଲା ଏଠି ଆଉ କେହି ଜଣେ ହେଲେ ବି ନ ଥିବେ । କିଏ ଅଛନ୍ତି କି ?' ଆମ ଭିତରୁ କେହି ଜଣେ ହେଲେ ବି ଆଗୁସାର ହେଲେନି । ହାତ ଟେକିଲେନି । କିମ୍ବା ଆୱାଜ ଦେଲେନି । ଅର୍ଥାତ୍ ସଂସ୍କୃତ ସବ୍‌ଜେକ୍ଟରୁ କେହି ଆସିନାହାଁନ୍ତି ।

ଭଦ୍ରମହିଳା କହିଲେ : ନା ! କେହି ନାହାଁନ୍ତି । ନ ଆସନ୍ତୁ ! ମୁଁ ଏକୁଟିଆ ଯଥେଷ୍ଟ ।" ଆମେ ସମସ୍ତେ ସମତାଳରେ ତାଳିମାରିଲୁ । କହିଲୁ

: ଆପଣଙ୍କୁ ସ୍ୱାଗତ ।" ଭଦ୍ରମହିଳା କହିଲେ : ମୁଁ ଏବେ ଗୋଟେ ଗାର୍ଲସ୍ ହାଇସ୍କୁଲରେ ମାଷ୍ଟ୍ରାଣୀ ଅଛି । ଯଦି ଆପଣଙ୍କ ଭିତରୁ କାହାରି ପିଲାର ସଂସ୍କୃତ ଭଲ ହେଉ ନ ଥାଏ, ତେବେ ମୋ ସହିତ ଯୋଗାଯୋଗ କରିପାରିବେ । ଖାତା ଦେଖାବେଳେ ବି ମୁଁ ସାହାଯ୍ୟ କରିପାରିବି । ମୋର ବନ୍ଧୁମାନଙ୍କୁ ସାହାଯ୍ୟ କରିପାରିଲେ ମୁଁ ଖୁସିହେବି ।

ସେ ମାଇକ୍ ସାମ୍ନାରୁ ଓହ୍ଲାଇ ଆସିଲେ । ସମସ୍ତଙ୍କ ସହିତ କରମର୍ଦ୍ଦନ କଲେ ଓ ଘୋଷଣାକଲେ : ମୁଁ ଏବେ ଫେରିଯିବି । ମୋତେ କେହି ଟିକେ ଛାଡ଼ି ଦେଇପାରିବେ କି ?" ବେହେରା ବାବୁ ଉଦ୍ୟୋକ୍ତା ଭାବରେ ଖୁବ୍ ଗର୍ବିତ ଥିଲେ । କାରଣ ତାଙ୍କ ଟାର୍ଗେଟ ବାହାରୁ ବି କେହିକେହି ଏ ସମାବେଶରେ ଯୋଗ ଦେଇଥିଲେ । ସେ ଭଦ୍ରମହିଳାଙ୍କ ପାଖରେ ପହଞ୍ଚିଲେ । ତାଙ୍କ ଫୋନ୍ ନମ୍ବର ଓ ଠିକଣା ରଖିଲେ । ସାହାଯ୍ୟକାରୀ ମୁଦ୍ରାରେ ଚାହିଁଲେ । ସେ ଏପଟସେପଟ ଚାହିଁବା ଭିତରେ ତାଙ୍କର ନଜର ପଡ଼ିଲା ମୋ' ଉପରେ । ପଚାରିଲେ : ତୁମେ ପରା ଚାଲିଯିବ ବୋଲି କହୁଥିଲ ! ଏବେ ଯଦି ଯିବା କଥା, ଯାଅ । ମ୍ୟାଡାମ୍‌ଙ୍କୁ ନେଇଯାଅ ! ଛାଡ଼ିଦେବ ।

ବାଧ୍ୟ ହୋଇ ମୁଁ କହିଲି : ଠିକ୍ ଅଛି ! ଆସନ୍ତୁ !

ମୁଁ ଆଗେ ଆଗେ ବାହାରିଆସିଲି । ମୋତେ ଅନୁସରଣ କଲେ ମ୍ୟାଡାମ୍ ରଶ୍ମିତା ରଥ । ମୁଁ ଗାଡ଼ି ଷ୍ଟାର୍ଟ କରିସାରିଥିଲି । ମ୍ୟାଡାମ୍ ବସି ସାରିଥିଲେ । ଗାଡ଼ି ଧୀରେ ଧୀରେ ଗଡୁଥିଲା । ପଚାରିଲି : ଆପଣ କୋଉଠିକୁ ଯିବେ ? ଅର୍ଥାତ୍, ମୁଁ ଆପଣଙ୍କୁ କୋଉଠି ଛାଡ଼ିବି ?

ସେ ସିଧାସଳଖ କିଛି ଉତ୍ତର ଦେଲେନି । ଟିକେ ଭାବିଲା ପରି ହେଲେ ଓ ମୋ ପ୍ରଶ୍ନକୁ ଏଡ଼ାଇ ମୋ ଆଡ଼କୁ ଆଉ ଗୋଟେ ପ୍ରଶ୍ନ ଫିଙ୍ଗିଦେଲେ । ପଚାରିଲେ : ଆପଣଙ୍କର କ'ଣ କେବେ ମନେପଡୁଛି ଯେ, ମୁଁ ଆପଣଙ୍କ ସାଙ୍ଗରେ ଦିନେ ପଢୁଥିଲି ?

ମୁଁ କହିଲି : ଦୁଃଖିତ ! ମୋର ଜମା ହିଁ ମନେପଡୁନି ।

ସେ କହିଲେ : ମୋର ଚେହେରା ମନେ ପଡୁ ନ ଥାଇପାରେ । ମୋର ନାମଟା ମନେ ପଡ଼ିପାରେ । ଆପଣଙ୍କ ସ୍ମୃତିରେ କ'ଣ ଅଛି ଯେ ରଶ୍ମିତା ବୋଲି କିଏ ଜଣେ ଆପଣଙ୍କ ସାଙ୍ଗରେ ପାଠ ପଢୁଥିଲା ?

ମୁଁ କହିଲି : ମୁଁ ଆଉଥରେ ଦୁଃଖ ପ୍ରକାଶ କରୁଛି, ମୋର ମନେନାହିଁ ।

ସେ ପୁଣି ପଚାରିଲେ : ଏକଥା କ'ଣ ମନେପଡୁଛି ଯେ, ସେତେବେଳେ ସଂସ୍କୃତ ବୋଲି ଗୋଟେ ଡିପାର୍ଟମେଣ୍ଟ ଥିଲା ଓ ସେଠି ସତୁରୀଭାଗ ଝିଅପିଲା ହିଁ ପାଠ ପଢୁଥିଲେ ।

ମୁଁ କ୍ଷମା ପ୍ରାର୍ଥନାର ସ୍ୱରରେ କହିଲି : ନା ! ତାହା ବି ମୋର ମନେପଡୁନି ।

ସେ କହିଲେ : ତେବେ ଆପଣଙ୍କର ନିଶ୍ଚୟ ମନେଥିବ ଯେ, ସେତେବେଳେ ସଂସ୍କୃତ ଡିପାର୍ଟମେଣ୍ଟରେ ଗୋଟେ ହାଦ୍‌ସା ହୋଇଥିଲା ।

: ହାଦ୍‌ସା ମାନେ ?

: ଗୋଟେ ଘଟଣା । ଖରାପ ଘଟଣା । ଘଟିଥିଲା ଗୋଟେ ଝିଅକୁ ନେଇ । ଏମିତି କିଛି ମନେପଡ଼େ ?

: ନା ! ମୋର ସେମିତି କିଛି ଘଟଣା ମନେ ପଡୁନାହିଁ ।

: ଆପଣ ସେତେବେଳେ ପାଠ ପଢୁଥିଲେଟି ?

ମୁଁ ହାତ ଯୋଡ଼ିବା ସ୍ତରକୁ ଆସି ଯାଇଥିଲି ।

କହିଲି : କ୍ଷମା କରିବେ । ମୁଁ ପାଠ ପଢୁଥିବା କାଳରେ ଜମା ସିରିୟସ୍ ହିଁ ନଥିଲି । ଭାରି ବୋହେମିଆନ୍ ଥିଲି । ମାନେ ମାତ୍ରାଧିକ ବାତରା । ଦାୟିତ୍ୱହୀନ । ନିୟମିତ କ୍ଲାସ୍ ବି କରୁନଥିଲି । ଏବେ ଅବଶ୍ୟ ଭାବିଲେ ଦୁଃଖଲାଗେ । ଅବସୋସ ଲାଗେ ଯେ କାହିଁକି ମୁଁ ଏମିତି ଭାବରେ ଜୀବନକୁ ଭୁଲ୍ ବାଟରେ ଗଡ଼େଇଆଣିଲି ।" ସେ ମୋ କଥା ଶୁଣିବାକୁ ଚାହୁଁ ନ ଥିଲେ ଯେମିତି । ମୋର ଲମ୍ବା ବକ୍ତବ୍ୟରେ ସେ ଧୈର୍ଯ୍ୟଚ୍ୟୁତା ହୋଇପଡ଼ିଲେ । ସେ କେବଳ ତାଙ୍କରି କଥା ଶୁଣାଇବାକୁ ଚାହାନ୍ତି । କହିଲେ : ସେତେବେଳେ ଘଟଣାଟି ୟୁନିଭରସିଟି କ୍ୟାମ୍ପସ୍‌ରେ ଖୁବ୍

ହଇଚଇ ସୃଷ୍ଟି କରିଥିଲା ।

: କ'ଣ ହୋଇଥିଲା ?

: ଆପଣ ଜାଣନ୍ତି ନାହିଁ ?

: ନା ! ଜାଣେନା ।

: ସେମାନେ ଗୋଟେ ଝିଅକୁ ଉଠେଇ ନେଇଥିଲେ ।

: ସତେ ନା କ'ଣ ?

: ତାକୁ ଗୋଟେ ଘରେ ତିନି ଦିନ ବନ୍ଦୀକରି ରଖିଥିଲେ ।

: ସତ ?

: ତା' ସହିତ ଦୁଷ୍କର୍ମ କରିଥିଲେ ।

: ଓଃ !

: ଆପଣ ଜାଣିବାକୁ ଚାହିଁପାରନ୍ତି ସେ ଝିଅଟି କିଏ ?

: କିଏ ?

: ଆପଣ ବିଶ୍ୱାସ କରିବେ ତ !

: ଏଥିରେ ବିଶ୍ୱାସ ଅବିଶ୍ୱାସର କ'ଣ ଅଛି ?

: ସେ ଝିଅ ମୁଁ ଥିଲି । ମୁଁ ମାନେ ରଶ୍ମିତା ରଥ । ଆପଣ ବିଶ୍ୱାସ କରିପାରୁଛନ୍ତି ?

ରାଜଧାନୀର ରାଜପଥ ଉପରେ ମୋର ଗାଡ଼ି ଅଚାନକ ବ୍ରେକ୍ କଷି ରହିଗଲା । ମୁଁ ଭଦ୍ରମହିଳାଙ୍କ ମୁହଁକୁ ଆଉଥରେ ଚାହିଁଲି । ଏପର୍ଯ୍ୟନ୍ତ ମୁଁ ଜାଣେନାହିଁ, ଆମେ କୁଆଡ଼େ ଯାଉଛୁ । ଭଦ୍ର ମହିଳା କୋଉଠାରେ ଓହ୍ଲାଇବେ, ତାହା ମଧ ଜଣାନାହିଁ । ଗୋଟେ ନିରୁଦ୍ଦେଶ୍ୟ ଲକ୍ଷ୍ୟରେ ଧୀରେଧୀରେ ଆଗଉଛି ଆମର ଗାଡ଼ି ଏବଂ ଭିତରେ ମ୍ୟାଡାମଙ୍କ ଓଠରୁ ଝରିପଡୁଛି ବିସ୍ଫୋରଣ । କ'ଣ କହିବି ବା ମନ୍ତବ୍ୟ ଦେବି, ସ୍ଥିର କରିପାରିଲିନି । ଅଥଚ ଭଦ୍ରମହିଳା ମୋ ମୁହଁକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁରହିଛନ୍ତି ଗୋଟେ ଯଥାର୍ଥ ପ୍ରତ୍ୟୁତ୍ତର ଆଶାରେ ।

କହିଲି : ସୋ ସ୍ୟାଡ୍ ! (ଇଂରାଜିରେ କହିବାକୁ ପଡ଼ିଲା । ଓଡ଼ିଆ ଶବ୍ଦ ଅକୁଳାନ ହେଲା ମୋର ଭାବ ପ୍ରକାଶ କରିବାକୁ) ଭଦ୍ରମହିଳା ଖୁସି ହେଲେନି ମୋର ପ୍ରତ୍ୟୁତ୍ତରରେ । କହିଲେ : ସୋ ସ୍ୟାଡ୍ ବୋଲି କହିଦେଲେ ହେଲା ! ଆପଣ ପୁରୁଷ, ଆପଣ ଅନୁଭବ କରିପାରିବେ ନାହିଁ । ଆପଣମାନେ ଏମିତି ଗୋଟେ ଲଘୁ ମନ୍ତବ୍ୟ ଦେଇ ଆପଣଙ୍କ ଦାୟିତ୍ୱ ସରିଗଲା ବୋଲି ଭାବନ୍ତି । ପ୍ରକୃତରେ କିନ୍ତୁ ଘଟଣାଟି ତା' ନୁହେଁ । ଆପଣଙ୍କ ମନ୍ତବ୍ୟଠୁ କାହିଁ କେତେ ଗୁଣରେ ଦୁଃଖଦ ସେ ଘଟଣାଟି ।

ମୁଁ ନିରବ ରହିଲି । ଗାଡ଼ିକୁ ଧୀରେଧୀରେ ଆଗକୁ ନେଉଥିଲି । ଭଦ୍ରମହିଳା ମୁହଁ ଖୋଲିଲେ । କହିଲେ : ଆପଣ ଜାଣନ୍ତି, ସେ ପିଲାମାନେ କିଏ ?

ମୁଁ କ୍ଷୀଣ ସ୍ୱରରେ ପଚାରିଲି : କିଏ ?

ସେ କହିଲେ : ଆମରି କ୍ଲାସ୍‌ମେଟ୍ ପିଲାସବୁ ।

ମୁଁ ଆହୁରି କ୍ଷୀଣ ସ୍ୱରରେ କହିଲି : ଓଃ !

ସେ କହିଲେ : ମୁଁ ଏଠାକୁ କାହିଁକି ଆସିଥିଲି ଜାଣନ୍ତି ? ସେଇ ପିଲାମାନଙ୍କୁ ଖୋଜିବାକୁ । ଯେତେବେଳେ ଖବରକାଗଜ ପୃଷ୍ଠାରେ ପଢ଼ିଲି ଯେ, ଆମ ବ୍ୟାଚ୍‌ର ଷ୍ଟୁଡେଣ୍ଟମାନେ ଗୋଟେ ବନ୍ଧୁମିଳନ କରୁଛନ୍ତି, ମୋର ଧାରଣାହେଲା ସମସ୍ତେ ନିଶ୍ଚୟ ଏଠିକି ଆସିଥିବେ । ଆଉ ମୁଁ

ଯୋଉମାନଙ୍କୁ ଖୋଜୁଛି, ସେମାନଙ୍କୁ ନିଶ୍ଚୟ ପାଇଯିବି ।" ମୁଁ ସେମିତି ନିମ୍ନସ୍ୱରରେ ପଚାରିଲି : ପାଇଲେ ?

ସେ ହତାଶବାଣୀ ଶୁଣାଇଲେ : ନା ! ଚିହ୍ନିପାରିଲିନି । ହୁଏତ ସେମାନେ ଆସି ନାହାନ୍ତି । ଆସିଥିଲେ ବି ଚେହେରା ବହୁତ ବଦଳିଯାଇଛି । ଯା ଭିତରେ ଯେ ବିତି ଯାଇଛି ଲମ୍ବା ପଚିଶ ବର୍ଷ । ଚିହ୍ନିବାରେ କଷ୍ଟ ହେଉଛି । ମୁଁ ଜଣଜଣ କରି ଲକ୍ଷ୍ୟକଲି, ମାତ୍ର ନିଶ୍ଚିତ ହୋଇପାରିଲିନି ।

: ତା'ମାନେ କାହାକାହା ଉପରେ ସନ୍ଦେହ ଆସୁଥିଲା ?

: ହଁ, ଆସୁଥିଲା । ବହୁତ ଲୋକ ଆସୁଛନ୍ତି ସନ୍ଦେହର ଘେର ଭିତରକୁ ।

: କିଏ ସେମାନେ ?

: ଆପଣ ନୁହଁନ୍ତି ବା କାହିଁକି ?

ସେ ସିଧାସଳଖ ମୋ ମୁହଁକୁ ଚାହିଁଲେ । ମୋ ଚେହେରାକୁ ପଚିଶବର୍ଷ ତଳକୁ ଫେରାଇନେବାକୁ ଉଦ୍ୟମ କରୁଥିଲେ ଓ ଅଭିଯୁକ୍ତର ଭୂମିକାକୁ ଠେଲିବାରେ ଲାଗିଥିଲେ । ମୁଁ ସ୍ତବ୍ଧ ହୋଇପଡ଼ିଲି । ମୋ ଗାଡ଼ି ଦ୍ୱିତୀୟଥର ପାଇଁ ବ୍ରେକ୍‌ର ଧକ୍କା ଖାଇ ଠିଆ ହୋଇଗଲା ରାଜରାସ୍ତାରେ । ସେ ତାଙ୍କର ଆରୋପ ଫେରାଇନେଲେ । କହିଲେ : ଆପଣ ହୋଇ ମଧ୍ୟ ନ ପାରନ୍ତି । କିନ୍ତୁ ସମସ୍ତଙ୍କର ଚେହେରା ଯେ ବଦଳିଯାଇଛି । ମୁଁ କେମିତି ଚିହ୍ନିବି ସେମାନଙ୍କୁ !

ମୁଁ ଭାରି ବିନମ୍ର ସ୍ୱରରେ ପଚାରିଲି : ମ୍ୟାଡାମ୍ ! ଆପଣ ସେମାନଙ୍କୁ ଖୋଜୁଛନ୍ତି କାହିଁକି ?

ତାଙ୍କ ମୁହଁ ଉଜ୍ଜ୍ୱଳ ଦେଖାଗଲା । କହିଲେ : ମୁଁ ସେ ଲୋକମାନଙ୍କୁ ଖୋଜି ବାହାର କରିବାକୁ ଚାହେଁ । ଯା ଭିତରେ ସେମାନେ ସବୁ ଚାକିରିବାକିରି କରି, କୋଠାବାଡ଼ି ବାଢ଼େଇ, ଛୁଆପିଲା ନେଇ ସୁଖରେ ଅଛନ୍ତି । କିନ୍ତୁ ମୁଁ ଘୁରିବୁଲୁଛି ଏଠିକି ସେଠିକି । ମୁଁ ପ୍ରତିଶୋଧ ନେବି । ସେମାନଙ୍କୁ ଜାଳିପୋଡ଼ି ଧ୍ୱଂସ କରିବି । ଆପଣ ନିଜେ କୁହନ୍ତୁ ! ଆପଣ ଚାକିରି କରିଛନ୍ତି କି ନାହିଁ ? କୋଠା ତୋଳିଛନ୍ତି ନା ନାହିଁ ? ଏ ଗାଡ଼ିଟା କାହାର ? ଆପଣଙ୍କ ସ୍ତ୍ରୀ ପିଲା ଅଛନ୍ତି ନା ନାହିଁ ? ତେବେ ମୁଁ କାହିଁକି ସେସବୁରୁ ବଂଚିତ ହେଲି ।

ମୁଁ ତାଙ୍କୁ କ'ଣ କହି ସାନ୍ତ୍ୱନା ଦେବି, ସ୍ଥିର କରିପାରୁ ନ ଥାଏ । ଅନୁମାନ କରିପାରୁ ନ ଥାଏ ଯେ ଭଦ୍ରମହିଳା କେତେ କ୍ଷତାକ୍ତ । ତାଙ୍କ ପଛପଟର ଦାରୁଣ କାହାଣୀ, ଯାହା ତାଙ୍କ ମାନସିକତାକୁ ଆଘାତ ଆଣୁଛି, କେତେ ଗଭୀର ! ମୁଁ ପଚାରିଲି : ଆପଣ ସେମାନଙ୍କୁ ପଚିଶ ବର୍ଷ ପରେ ଏବେ କାହିଁକି ଖୋଜୁଛନ୍ତି ? ସେ ଦୀର୍ଘଶ୍ୱାସ ପକେଇଲେ । କହିଲେ : ପଚିଶ ବର୍ଷ ତଳର ଅବସ୍ଥା ଥିଲା ଅଲଗା । ଭାବିଥିଲି, ସବୁ ଠିକ୍ ହୋଇଯିବ । ମୁଁ ଭୁଲିଯିବି ଘଟଣାଟାକୁ ଗୋଟେ ଦୁର୍ଘଟଣା ଭାବି । ମୋତେ ସମସ୍ତେ ବୁଝାଇଥିଲେ, ଏ ସବୁକୁ ଭୁଲିଯିବା ଉଚିତ ହେବ । ଭୁଲିଗଲେ ହିଁ ସବୁ ଠିକ୍ ହୋଇଯିବ । ମୁଁ ମଧ୍ୟ ଭୁଲିଯିବାକୁ ବହୁତ ଚେଷ୍ଟା କରିଥିଲି । ମାତ୍ର ତାହା ହେଲାନାହିଁ । କାହିଁକି ହେଲା ନାହିଁ, ଜାଣନ୍ତି ? ମୋର ବିବାହ ହୋଇପାରିଲା ନାହିଁ । ଖୁବ୍ ଇଚ୍ଛା ଥିଲା ବିବାହ କରିବାକୁ । ମାତ୍ର ସମ୍ଭବ ହେଲାନି । କାହିଁକି ସମ୍ଭବ ହେଲାନି, ଜାଣେନା । ବାହାଘର ପ୍ରସ୍ତାବସବୁ ଗୋଟାକ ପରେ ଗୋଟାଏ ଭାଙ୍ଗିଯାଉଥିଲା । ମୋର ବୟସ ବଢ଼ି ଯାଉଥିଲା । ଅବଶେଷରେ ମୁଁ ନିଜକୁ ଦେଖିଲି, ଗୋଟେ ଗାର୍ଲସ୍ ସ୍କୁଲ୍‌ର ଅଭିଆଡ଼ୀ ଶିକ୍ଷୟିତ୍ରୀ ଭାବରେ । ମୋତେ ପାଇବାକୁ ଅନେକ ଲୋକଙ୍କର ଇଚ୍ଛା । କିନ୍ତୁ ବିବାହ କରିବାକୁ କାହାରି ଇଚ୍ଛା ନାହିଁ । ଯୋଉ କଥାଗୁଡାକ ମୁଁ ଭୁଲିଯିବାକୁ ଚେଷ୍ଟାକରୁଥିଲି, ତାହା ଅଧିକ ସ୍ପଷ୍ଟ ହୋଇ ରହିଲା ମୋର ସ୍ମୃତିରେ । ଦିନକୁଦିନ ତାହା ଅଧିକ ସ୍ପଷ୍ଟ ହୋଇ, ପ୍ରାଞ୍ଜଳ ହୋଇ ବସା ବାନ୍ଧିଲା ମନରେ । ପୁରୁଣା ଘଟଣାସବୁ ଏବେ ମୋ ପଛରେ ଭୂତ ହୋଇ ଗୋଡ଼େଇଛି । ମୋର ବଂଚି ରହିବା ଦୁର୍ବିସହ । ମୁଁ ଏବେ କ'ଣ କରିବି, କୁହନ୍ତୁ ?

ମୁଁ ସେମିତି ଦୁର୍ବଳ ସ୍ୱରରେ କହିଲି : ଆପଣଙ୍କର ବିବାହଟା ହୋଇଯାଇଥିଲେ ସବୁ ଠିକ୍ ହୋଇଯାଇଥାଆନ୍ତା ସମ୍ଭବତଃ ।

ସେ କହିଲେ : ନ ହେଇବି ପାରିଥାନ୍ତା । ମୋର ସ୍ୱାମୀ କୋଉଠୁ ଶୁଣିଥାନ୍ତେ ଘଟଣାଟାକୁ ଓ ମୋତେ ସନ୍ଦେହ କରିଥାଆନ୍ତେ । ଭୁଲ ବୁଝିଥାନ୍ତେ । ମୋତେ ଛାଡ଼ି ଦେଇଥାଆନ୍ତେ । ମୁଁ ବି ଭୁଲିପାରି ନଥାନ୍ତି ଘଟଣାର ଭୟାବହତାକୁ । ସ୍ୱାମୀର ବାହୁବନ୍ଧନ ଭିତରେ ଥାଇ ମୋତେ ଖାଇ ଗୋଡ଼େଇଥାନ୍ତା ମୋର ଅତୀତ । କିଏ ଜାଣେ ?"

ମୁଁ ସେମିତି ସହାନୁଭୂତିକ ସ୍ୱରରେ କହିଲି : ଏବେ ଆଉ କ'ଣ କରା ଯାଇ ପାରିବ ?

ସେ ଗର୍ଜିଉଠିଲେ : କାହିଁକି ? ଆପଣ ଏମିତି କଲେ କାହିଁକି ?

ମୁଁ ଚମକି ପଡ଼ିଲି : ମୁଁ କଲି ! ସେ କହିଲେ : ହଁ ! ଆପଣ କଲେ । ମୁଁ ଆପଣଙ୍କ ଘରକୁ ଯିବି । ଆପଣଙ୍କ ପତ୍ନୀ ଓ ପିଲାମାନଙ୍କୁ ଭେଟିବି । ସେମାନଙ୍କ ସାମ୍ନାରେ ଆପଣଙ୍କର ମୁଖା ଖୋଲିଦେବି । ଆପଣଙ୍କ ଘରେ ନିଆଁ ଲଗାଇଦେବି । ମୋର ତ ଘରସଂସାର ହୋଇପାରିଲାନି । ଆପଣ ସୁଖରେ ରହିବେ କାହିଁକି ?

ଏସବୁ କହିଲା ବେଳେ ତାଙ୍କ ଆଖି କ୍ରୋଧ ଓ ଘୃଣାରେ ଦାଉଦାଉ ଜଳୁଥିଲା । ମୁଁ ଭୀତତ୍ରସ୍ତ ସ୍ୱରରେ କହିଲି : ମ୍ୟାଡାମ୍ ! ଆପଣ ପରା କହୁଥିଲେ ମୁଁ ସେମାନଙ୍କ ଭିତରେ ନ ଥାଇପାରେ ! ସେ କହିଲେ : ଥାଇ ବି ପାରନ୍ତି ! କିଏ ଜାଣେ ? ଯା ଭିତରେ ସମସ୍ତଙ୍କର ଚେହେରା ବଦଳିଯାଇଛି । ରାମ ଓ ରାବଣ, ସମସ୍ତେ ଏକା ପରି ଦିଶୁଛନ୍ତି । ମୁଁ ନୀରବ ରହିଲି । ଏ ସଂକଟଜନକ ପରିସ୍ଥିତିରୁ କେମିତି ଖସିବି, ତାହା ଚିନ୍ତା କରୁଥିଲି । କିନ୍ତୁ କୌଣସି ବିଶ୍ୱାସଯୋଗ୍ୟ ରାସ୍ତା ମିଳୁ ନ ଥିଲା । ସେ ପୁଣି କହିଲେ : ଆପଣ ହିଁ ଅସଲ ଅପରାଧୀ । ଆପଣ କ'ଣ ଛାତିରେ ହାତ ରଖି କହିପାରିବେ ଯେ, ଆପଣ ଜୀବନରେ କେବେହେଲେ କୌଣସି ନାରୀ ଆଡ଼କୁ କାମନା ବାସନାର ହାତ ବଢ଼ାଇନାହାଁନ୍ତି । ମୁଁ ପୁଣି ନୀରବ ରହିଲି । ସେ କହିଲେ : ଏ ସଂସାରରେ ଏପରି କୌଣସି ପୁରୁଷ ନାହିଁ, ଯିଏ ନିଷିଦ୍ଧ କାମନାର ନଖଦନ୍ତରେ ରାମ୍ପୁଡ଼ି ନାହିଁ କୌଣସି ନାରୀର ଦେହବଲ୍ଲରୀ । ଏ ସଂସାରରେ ଏପରି କୌଣସି ନାରୀ ମଧ୍ୟ ନାହିଁ, ଯାହା ମନରେ ନାହିଁ ଅବାଞ୍ଛିତ ପୁରୁଷର ନଖାଘାତର କ୍ଷତ ! କାହିଁକି ଆପଣ ଏମିତି କରନ୍ତି ?

ମୁଁ ତଥାପି ନୀରବ ଥିଲି । ସେ ନିଜର ଭ୍ୟାନିଟି ବ୍ୟାଗ୍ ଭିତରକୁ ହାତ ଭର୍ତ୍ତିକଲେ । ମନେହେଲା, ତା'ଭିତରେ ଅଛି ତୀକ୍ଷ୍ଣ ଛୁରିକା ବା ପିସ୍ତଲ । ସେ ତାହା କାଢ଼ିବେ ଓ ମୋ ଓଠରୁ ସତ୍ୟ ବାନ୍ତି କରାଇବେ । ମୁଁ ଯେମିତି ଗୋଟେ ପେଷାଦାର ଅପରାଧୀ ଓ ଥାନା ହାଜତରେ ଚାଲିଛି ମୋର ଇଣ୍ଟରୋଗେସନ୍ ।

କହିଲେ : ନିଜ ଅତୀତ ଆଡକୁ ଫେରିଯାଅ । ନିଜ ଅତୀତର ପୃଷ୍ଠାଗୁଡ଼ିକୁ ତର୍ଜମା କର । ଠିକ୍‌ଠିକ୍ ମନେପକାଅ । ମୋତେ କୁହ ଯେ କେବେ କାହା ପ୍ରତି ତୁମେ ସେମିତି ବ୍ୟବହାର କରିଥିଲ ?

ମୁଁ ଅତୀତକୁ ଫେରିଗଲି । ବାହାରକୁ ଦେଖା ନ ଗଲେ ବି, ବାହାରେ କେହି ନ ଜାଣି ପାରୁଥିଲେ ବି ମୁଁ ଅତୀତକୁ ଫେରିଯାଏ ବେଳେବେଳେ । ମୋର ଧକ୍କା ହୁଏ ସମସ୍ତ ନାରୀଜନିତ ସ୍ମୃତି ସହ । ଏବେ ସେମିତି ମୁଁ ମୁହାଁମୁହିଁ ହେଲି ମୀନାକ୍ଷୀର, ପଛକୁ ଫେରୁଫେରୁ । ଦିନେ ମୀନାକ୍ଷୀକୁ ସ୍ପର୍ଶ କରିଥିଲି ଦୁଃସାହସର ସହିତ । ତାହା କ'ଣ ପାପ ଥିଲା ? ତାହା କ'ଣ ଭୁଲ୍ ଥିଲା ?

ରଶ୍ମିତା ମ୍ୟାଡାମ୍ ପ୍ରଶ୍ନ ପଚାରି ଚାଲିଛନ୍ତି । ଜେରା କରୁଛନ୍ତି ।

: କ'ଣ କରିଥିଲ ତୁମେ ତାଙ୍କ ସହ ?

: କାହା ସହିତ ?

: ଯାହା କଥା ତୁମେ ଏବେ ଭାବୁଛ ?

: ମୀନାକ୍ଷୀ !

: ଓଃ ! ତେବେ ତାଙ୍କର ନାମ ମୀନାକ୍ଷୀ ! କ'ଣ କରିଥିଲ ତାଙ୍କ ସହିତ ?

ମୁଁ ଖୁବ୍ ଆବେଗ ପୀଡ଼ିତ ହୋଇ, ଲକ୍‌ଅପ୍‌ରେ ଅପରାଧୀ ତା'ର ସମସ୍ତ ଅପରାଧର ସ୍ୱୀକାରୋକ୍ତି ଦେଲାଭଳି, ସବୁ ଓଗାଳି ପକାଉଥିଲି । କହିଲି: ଥରେ ଯାହା ତାଙ୍କର ବକ୍ଷ ସ୍ପର୍ଶ କରିଥିଲି ।

: କାହିଁକି କରିଥିଲ ?

: ତୀବ୍ର ଆକର୍ଷଣରେ ।

: ତୁମେ କ'ଣ ଜାଣିନଥିଲ ତାହା ଭୁଲ୍ ଥିଲା ବୋଲି ?

: ଜାଣିଥିଲି । ତଥାପି ଏତେ ପରିମାଣରେ ବିମୋହିତ ଥିଲି ଯେ ଭୁଲ୍‌ଠିକ୍ ଜାଣିପାରିଲିନି । ସେତେବେଳେ ମୋର ଯୌବନର ପ୍ରାରମ୍ଭିକ ଦିନସବୁକୁ ନାରୀର ବକ୍ଷୋଜ ପାଗଳ ଭଳି ପ୍ରଲୋଭିତ କରୁଥିଲା । ନାରୀର ଦୈହିକ ସୌନ୍ଦର୍ଯ୍ୟରେ ପତଙ୍ଗ ଭଳି ଝାସଦେବା ତ ପୁରୁଷର ଭାଗ୍ୟ !

: ବାଜେ କଥା କୁହନି । କୁହ, କାହିଁକି ଏମିତି କରିଥିଲ ?

: କବି ଲେଖକମାନଙ୍କ କଥାରେ ପଡ଼ି । କବିମାନେ ତ ସ୍ତନ ସୌନ୍ଦର୍ଯ୍ୟ ସଂପର୍କରେ ରାଶିରାଶି କାବ୍ୟ କବିତା ଲେଖିଯାଇଛନ୍ତି । ରାଜେନ୍ଦ୍ର କିଶୋର ପଂଡା ତ ଠାଏ ଲେଖିଛନ୍ତି, କୋମଳ ସ୍ତନର ଉହାଡ଼ରେ ଅଛି କ୍ରୂରତମ ହୃତ୍‌ପିଣ୍ଡ । ଜଗଦୀଶ ମହାନ୍ତି ତ ଠାଏ ଲେଖିଛନ୍ତି, ଛାତିର ବଖରା ଭିତରକୁ ପଶିଯିବାକୁ ହ୍ୟାଣ୍ଡେଲ୍‌ଟେ ଥାଏ ସେଠି । ମୁଁ ସେଇ ହ୍ୟାଣ୍ଡେଲ୍ ଖୋଜୁଥିଲି । କ୍ରୂରତମ ହୃତପିଣ୍ଡ ଖୋଜୁଥିଲି ।

: କିଏ ଏ ପାଗଳମାନେ ?

: କବି ଲେଖକଗଣ ।

: ତୁମେ ତାହେଲେ ଗଳ୍ପ କବିତା ପଢ଼ ?

: ସେଇମାନେ ମୋତେ ନଷ୍ଟକଲେ ।

: ତୁମେ କେବେ ଭାବିଛ, କ'ଣ ହୋଇଥିବ ସେ ଝିଅର ଅବସ୍ଥା ? କେମିତି ଦାଗ ଲାଗିଥିବ ତା' ମନରେ ? କେମିତି ଆଘାତ ଆସିଥିବ ତା' କୋମଳ ପ୍ରାଣକୁ ?

: ମୁଁ ଭାବିଥିଲି, ସେଇଠୁ ଭଲପାଇବା ଆରମ୍ଭ ହେବ । ଆମ ଭିତରେ ସଂପର୍କ ଆରମ୍ଭ ହେବ । ଆମର ପ୍ରେମ ହୋଇଯିବ ।

: ସେମିତି ହୋଇଥିଲା କି ? ଏଟା ଭୁଲ୍ । ଏଇଟା ଠିକ୍ ରାସ୍ତା ନୁହେଁ ।

: କିନ୍ତୁ ସେମିତି ହୋଇଥିଲା । ଆମ ଭିତରେ ସଂପର୍କ ବଢ଼ିଥିଲା । ପ୍ରେମ ହୋଇଥିଲା ।

: ଭୁଲ୍ । ପୂରାପୂରି ଭୁଲ୍ । ଏମିତି ହୁଏନା । ଅସମ୍ଭବ । ଏଇଟା ଆକ୍ରମଣ । କ୍ଷତ । ବିଦାରଣ । ନାରୀର ସମ୍ମାନ ଉପରେ ଆକ୍ରମଣ ।

: କିନ୍ତୁ ସେମିତି ହୋଇଥିଲା । ଆମର ପ୍ରେମ ହୋଇଥିଲା ।

: ନା ! ମୁଁ ମାନିବିନି । ଏମିତି ହୁଏନା । ତୁମେ ଯାହା କରିଥିଲ, ଭୁଲ କରିଥିଲ । ତୁମକୁ ଭୁଲ୍ ମାନିବାକୁ ପଡ଼ିବ । କ୍ଷମା ମାଗିବାକୁ ପଡ଼ିବ । ଦୋଷ ସ୍ୱୀକାର କରିବାକୁ ପଡ଼ିବ । ଏବେ ମୁଁ ଜାଣିପାରୁଛି, ମୋ ପ୍ରତି ଯେଉଁ ଅବିଚାର ହୋଇଥିଲା, ତାହା କେବଳ ତୁମେ ହିଁ କରିଥିବ । ଯୋଉମାନେ ମନ ଭିତରେ ଏପରି ଧ୍ୟାନଧାରଣା ପୋଷଣ କରନ୍ତି, ସେଇମାନେ ହିଁ ଅପରାଧୀ । ତୁମର ଆଉ ତିନିଜଣ ସହଯୋଗୀ କିଏ ? ମୋତେ କୁହ ସେମାନଙ୍କ ନାମ ।

ଜେରାର ଶେଷରେ ମୁଁ ଅପରାଧୀ ସାବ୍ୟସ୍ତ ହୋଇ ସାରିଥିଲି । ମୀନାକ୍ଷୀ ମାର୍ଫତ ମୋର ପ୍ରାକ୍ ଯୌବନ କାଳର ସାମାନ୍ୟ ଦୁଃସାହସ ମୋର ଦୋଷକୁ ପ୍ରମାଣିତ କରୁଥିଲା । ମୁଁ ରାସ୍ତାକଡ଼କୁ ଗାଡ଼ି ପାର୍କ କରିଥିଲି । କାରଣ ମୁଁ ଜାଣିନଥିଲି, କେଉଁ ଦିଗରେ ଆଉ କେଉଁ ସ୍ଥାନକୁ ମୋତେ ଯିବାକୁ ହେବ । ଅବା କୋଉଠି ଭଦ୍ରମହିଳାଙ୍କୁ ଡ୍ରପ୍ କରିବାକୁ ହେବ । ମୁଁ ଜୀବନରେ ଭେଟିଥିବା ଶତାଧିକ ନାରୀଙ୍କ ତୁଳନାରେ ସେ ଥିଲେ ଅଲଗା ଓ ବିଚିତ୍ର । ତାଙ୍କର କାହାଣୀ ଯଦିଓ ଭଲ ଲାଗୁଥିଲା, ତାଙ୍କଠୁ ମୁକ୍ତି ପାଇବା ମଧ୍ୟ ପ୍ରୟୋଜନ ଥିଲା ।

ମୁଁ କହିଲି : ମ୍ୟାଡାମ୍ ! ମୁଁ ଆପଣଙ୍କୁ କ୍ଷମା ମାଗୁଛି । ସମଗ୍ର ପୁରୁଷଜାତି ତରଫରୁ କ୍ଷମା ମାଗୁଛି । ଆପଣ ସମସ୍ତ ପଛକଥାକୁ ଭୁଲିଯାଆନ୍ତୁ । ଏବଂ ଆଗକୁ ବଢ଼ନ୍ତୁ ।" ସେ ଚିଡ଼ିଗଲେ । କହିଲେ : ଖାଲି କ୍ଷମା ପ୍ରାର୍ଥନା କରିଦେଲେ ହୋଇଗଲା ! କ୍ଷତ ଭରିଯିବ ? ପଛକଥା ଭୁଲିଯାଅ ବୋଲି ଉପଦେଶ ଦେବା ବହୁତ ସହଜ, କିନ୍ତୁ ଭୁଲିବା ବହୁତ କଷ୍ଟ । ମୋ ପଛରେ ଗୋଡେଇଛି ସେଦିନର ଜାନ୍ତବ ଭୂତ । ଖୁବ୍ ଭୟଙ୍କର ଭାବରେ ଗୋଡ଼େଇଛି । ମୁଁ କ'ଣ କରିବି ? କ'ଣ କରିପାରିବି ?

ମୁଁ ନୀରବ ରହିଲି । ମୋ ପାଖରେ ଉତ୍ତର ନ ଥିଲା ।

କିଛି ସମୟର ନୀରବତା ପରେ, ଯେତେବେଳେ ଦେଖିଲି, ତାଙ୍କ ମୁହଁରେ ପୁରୁଷଜାତି ପ୍ରତି ଦାରୁଣ କ୍ରୋଧ ବଦଳରେ ଅନ୍ୟମନସ୍କତା ପରିସ୍ଫୁଟ ହେଉଛି, ସେତେବେଳେ ସେଇକଥାଟା ପଚାରିଲି, ଯାହା ମୁଁ ବହୁତ ଆଗରୁ ପଚାରିଥିଲି, କିନ୍ତୁ ଉତ୍ତର ପାଇ ନ ଥିଲି । ଯେଉଁ ଉତ୍ତରଟା ନିହାତି ଆବଶ୍ୟକ ଥିଲା ସେଇ ମୁହୂର୍ତ୍ତରେ । ପଚାରିଲି : ମ୍ୟାଡାମ୍! କହିଲେ ନାହିଁ ତ, କୋଉଠି ଆପଣଙ୍କୁ ଛାଡିବି ?

ସେ ହଠାତ୍ ପ୍ରସ୍ତୁତ ହୋଇଗଲେ । କହିଲେ : ଏଇଠି ଛାଡ଼ିଦେଲେ ବି ଚଳିବ । ମୁଁ ଆଶ୍ଚର୍ଯ୍ୟଭାବ ପ୍ରକାଶ କଲି : ଏଇଠି ? ଏଠି ତ ନାହିଁ କିଛି ଘରଦ୍ୱାର ! ବଜାରହାଟ ! ଏଇଟା ତ ନୁହେଁ କୌଣସି ବସ୍‌ଷ୍ଟପ୍ ବା ରେଲୱେ ଷ୍ଟେସନ୍ ! କୁଆଡ଼େ ଯିବେ ଏତେ ରାତିରେ ?

ସେ ଓହ୍ଲାଇବାକୁ ଉଦ୍ୟମ କଲେ । ଗାଡ଼ିର ଡୋର୍ ଖୋଲିଲେ । କହିଲେ : ହଁ ! ମୁଁ ଏଇଠି ଓହ୍ଲାଇବି । ମୋର ସେମାନଙ୍କୁ ଖୋଜିବାକୁ ଅଛି ।

: ଏଇଠି ଖୋଜିବେ ?

: ହଁ । ଏଇଠି ! ସେମାନେ ଏଇଠି ଥାଇପାରନ୍ତି । ସେମାନେ ଯେକୌଣସି ସ୍ଥାନରେ ଥାଇପାରନ୍ତି । ଖୁବ ବଦମାସ ସେମାନେ । ନାରୀର ଜୀବନକୁ ନଷ୍ଟ କରିସାରି ସେମାନେ ସମାଜରେ ଭଦ୍ରଲୋକ ସାଜି ବୁଲୁଛନ୍ତି । ମୁଁ କିଛି ପ୍ରତିମନ୍ତବ୍ୟ ଦେଲିନାହିଁ । ସେ ଗାଡ଼ିରୁ ଓହ୍ଲାଇଲେ ।

ଯିବା ପୂର୍ବରୁ କହିଲେ : ମୋର ଧାରଣା ଭୁଲ୍ ହୋଇପାରେ । ଆପଣ ସେମାନଙ୍କ ଭିତରେ ନ ଥାଇପାରନ୍ତି । ଯା ଭିତରେ ଚେହେରା ବହୁତ ବଦଳିଯାଇଛି ଆପଣଙ୍କର । ମୁଁ ଠିକ ଭାବରେ ସନାକ୍ତ କରିପାରୁନି । ତା' ମାନେ ଆପଣ ଭାବିବେ ନାହିଁ ଯେ, ଆପଣ ଖସିଗଲେ । ପୁଣି ଥରେ ଆପଣଙ୍କ ସହିତ ଭେଟ ହୋଇପାରେ । ମୁଁ ଆଉକିଛି ପ୍ରମାଣ ଏକାଠି କରୁଛି । ପ୍ରମାଣ ମିଳିଗଲେ ମୁଁ ପ୍ରତିଶୋଧ ନେବି ।

ମୁଁ କହିଲି : ଧନ୍ୟବାଦ ! ଶୁଭରାତ୍ରୀ ।

ଟିକିଏ ପଛକୁ ଫେରିପଡ଼ି ସେ ପୁଣି ପଚାରିଲେ : ଏଇଯେ ମୀନାକ୍ଷୀଙ୍କ କଥା କହୁଥିଲେ, ଯାହା ପ୍ରତି ଆପଣ ଆକର୍ଷିତ ହୋଇ ଭୁଲ୍ କରିଥିଲେ ଓ ଭୁଲ୍‌ଟା ପ୍ରେମରେ ପରିଣତ ହୋଇଥିଲା, ତାଙ୍କୁ ବିବାହ କଲେ ତ ?

ମୁଁ ଅବସୋସଭରା ସ୍ୱରରେ କହିଲି : ନା ! ତା' ଆଉ ହୋଇପାରିଲା କୋଉଠି ?

ତାଙ୍କ ଆଖି ଡିମାଡିମା ହୋଇଗଲା । ରକ୍ତ ଜମାଟ ବାନ୍ଧିଗଲା ଯେମିତି । ସେ ବିରକ୍ତିମିଶା ସ୍ୱରରେ କହିଲେ : ତା' ମାନେ ? ଆପଣ ତାଙ୍କୁ ଧୋକା ଦେଲେ । ପ୍ରତାରଣା କଲେ ।" ସେ ପୁଣି ଗାଡ଼ି ପାଖକୁ ଫେରିଲେ । ଗାଡ଼ିର ଡୋର୍ ଖୋଲିଲେ । ଭିତରକୁ ପଶିବାକୁ ଉଦ୍ୟମକଲେ । ମନେହେଲା ଚାଲିଯାଉଥିବା ବିପଦଟା ପୁଣି ଫେରିଆସୁଛି । ମୁଁ ତରବରରେ କହିଉଠିଲି : ତାଙ୍କୁ ହିଁ । ତାଙ୍କୁ ହିଁ ବିବାହ କରିଛି ।

ସେ ଅଟକିଗଲେ । କହିଲେ : ଠିକ୍ ଅଛି ! ତଥାପି ତାଙ୍କୁ କ୍ଷମା ମାଗିବାକୁ ପଡ଼ିବ । ଏବେ ଆପଣ ଘରକୁ ଫେରି ସେଦିନର ଭୁଲ୍ ପାଇଁ କ୍ଷମା ମାଗିନେବେ । ମୁଁ ବାଧ୍ୟ ବଶମ୍ବଦ ଛାତ୍ର ଭଳି କହି ଉଠିଲି : ନିଶ୍ଚୟ ! ନିଶ୍ଚୟ ! ଏହାପରେ ସେ ଆଗେଇଗଲେ । ଆଗରେ ଗୋଟେ ଅନ୍ଧକାରାଚ୍ଛନ୍ନ ଗଳିଥିଲା । ସେ ଗଳି ଆଡ଼କୁ ଜୋର ପାଦ ପକେଇ ଆଗେଇଗଲେ ଓ ଅଦୃଶ୍ୟ ହେଲେ ।

❑❑❑

**ବିଶିଷ୍ଟ ଲେଖକ ପରେଶ ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ମାନବ ସମ୍ବଳ ପରିଚାଳନା ଓ ଶିଳ୍ପ ସଂପର୍କ (ପିଏମଆଇଆର) ବିଭାଗର ୧୯୮୧-୮୩ ବ୍ୟାଚ ଛାତ୍ର । ଗଳ୍ପ ଓ ଉପନ୍ୟାସ ଲେଖିବା ବ୍ୟତୀତ ଶିଶୁ ଓ କିଶୋରମାନଙ୍କ ପାଇଁ ସେ ବହୁ ସାହିତ୍ୟ ସୃଷ୍ଟି କରିଛନ୍ତି । ସାହିତ୍ୟ ରଚନା ପାଇଁ ବିପୁଳ ପାଠକୀୟ ସ୍ୱୀକୃତି ସହ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର', 'ଝଙ୍କାର ପୁରସ୍କାର' ସମେତ ଅନେକ ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି । ତାଙ୍କୁ ୯୪୩୭୦୦୦୩୪୫ରେ ଯୋଗାଯୋଗ କରାଯାଇପାରିବ ।**

# ଋଖଣ୍ଡେ ପେଟ

**କ୍ଷୀରୋଦ ଦାସ**



ଅପରାହ୍ନ ଠିକ୍ ଛ'ଟା ସୁଦ୍ଧା ସେଇ ନିର୍ଦ୍ଧାରିତ ସ୍ଥାନରେ ଭେଟ ହୁଏ ଦୁଇଜଣଙ୍କର । ଭେଟ ହେବାଟା ନିଧାର୍ଯ୍ୟ । ସେମାନଙ୍କ ଭିତରେ ସେହି ସମୟରେ ସେହି ସ୍ଥାନରେ ଭେଟ ହେବ ବୋଲି କୌଣସି ଲିଖିତ କିମ୍ବା ମୌଖିକ ଚୁକ୍ତି ହୋଇନଥିଲା କିମ୍ବା ଦୁଇଜଣଙ୍କ ଭିତରୁ କେହି ଜଣେ ଯଦି କେଉଁ ଦିନ ଅସୁବିଧା ବଶତଃ ଆସି ନ ପାରିଲା ତେବେ କାହାର ସେମିତି କ୍ଷତିଟାଏ ହୋଇଯିବାର ଆଦୌ ସମ୍ଭାବନା ବି ନଥିଲା । ତଥାପି ଘଣ୍ଟାରେ ପାଞ୍ଚଟା ବାଜିଲେ ମହେଶ ଥୟଧରି ବସିପାରେ ନାହିଁ ଅଫିସରେ । ବିବ୍ରତ ଜଣାପଡ଼େ, କୌଣସି ଗୋଟେ ଜରୁରୀ କାମ ବାକି ପଡ଼ିଥିବା ପରି । କାମରେ ମନ ଲାଗେ ନାହିଁ । ଯଥାଶୀଘ୍ର ଟେବୁଲ ଖାଲି କରେ, ବ୍ୟକ୍ତିଗତ ଡ୍ର ଏବଂ ଆଲମିରାରେ ଚାବି ପକାଇ ଦ୍ରୁତ ପଦକ୍ଷେପରେ ଓହ୍ଲାଏ ତିନିମହଲାରୁ । ସେଡ୍‌ରୁ ହିରୋହୁଣ୍ଡା କାଢ଼ି ଷ୍ଟାର୍ଟ ମାରେ ।

ଦୁଇଜଣଙ୍କର ନୁହେଁ, ସେଠି ତିନିଜଣଙ୍କର ଭେଟ ହୁଏ । ମହେଶ ଓ ପିଲା ଦୁଇଟି । ଜଣେ ବଡ଼, ସାତ ଆଠବର୍ଷର ଏବଂ ତା' ପିଠିରେ ମାଙ୍କଡ ଛୁଆ ଭଳି ଓହଳିଥାଏ କୁନି ଛୁଆଟେ । ପୁରୁଣା ଷ୍ଟେସନ ବଜାରଠାରୁ ଅଧା କିଲୋମିଟର ଦୂର ଗୋଟେ କଲଭର୍ଟ ଉପରେ ମହେଶ ବସେ, ପାଖରେ ହିରୋହଣ୍ଡାରେ ଷ୍ଟାଣ୍ଡ ମାରି । ପକେଟରୁ ଗୋଲ୍‌ଡ ଫ୍ଲେକ ସିଗାରେଟ କାଢ଼ି ନିଆଁ ଧରାଏ ଓ ଧୂଆଁ ଛାଡୁଛାଡୁ ଦେଖେ ସେମାନେ ଆସି ଯାଇଛନ୍ତି ।

ବୋତାମ ନଥିବା ଲୋଚାକୋଚା ରଙ୍ଗଛଡ଼ା ପ୍ୟାଣ୍ଟଟାଏ ସେ ପିନ୍ଧିଥାଏ ଅଣ୍ଟାରେ ମୋଡ଼ି, ଯେଉଁଟା ମିନିଟକୁ ଚାରି ପାଞ୍ଚଥର ତାକୁ ହରକତ କରେ ତଳକୁ ଖସିପଡ଼ି । ତା' ନାକରୁ ଅହର୍ନିଶି ବୋହି ପଡୁଥାଏ ଈଷତ ହଳଦୀ ରଙ୍ଗର ଗାଢ଼ ସିଙ୍ଘାଣି । ବାଁ କାଖରୁ ଦୁଇ ଅଢ଼େଇ ବର୍ଷର ଛୁଆଟା ଖସି ପଡୁଥାଏ ବାରମ୍ବାର । କଲଭର୍ଟ ପାଖରେ ପହଞ୍ଚି ସେ ଛୁଆଟିକୁ ତଳେ ବସାଇ ଦିଏ । ପ୍ୟାଣ୍ଟକୁ ଭଲ କରି ମୋଡ଼ି ଗଣ୍ଠି ପକାଏ ଅଣ୍ଟାରେ, ଉପର ଓଠ ଯାଏ ବୋହି ଆସୁଥିବା ସିଙ୍ଘାଣିକୁ ଏକା ଥରକେ ଶୋଷାଡ଼ି ନିଏ ଭିତରକୁ ଏବଂ ପରେ ମହେଶ ଆଡ଼କୁ ଅନାଇ ଅନାଇ କେନାଲ ବନ୍ଧ ଧାରରେ ଗଦା ହୋଇଥିବା ଲୁହାପଥର ଏବଂ ପୋଡା କୋଇଲା ଗଦା ଭିତରକୁ ଗଡ଼ିଯାଇ କ'ଣସବୁ ଅଣ୍ଡାଳେ ।

ଅନେକ ଦିନ ଧରି ଏକଥା ଲକ୍ଷ୍ୟ କରି ଆସୁଥିଲା ମହେଶ । ପିଲାଟି ସହିତ ସେପର୍ଯ୍ୟନ୍ତ କଥା ହୋଇନଥାଏ । କେଉଁଦିନ ପିଲାଟି କିଛି ପାଇଲା ପରି ମନେହୁଏନା । ତଥାପି ସନ୍ଧ୍ୟା ହୋଇ ଅନ୍ଧାର ମାଡ଼ି ଆସିବା ପର୍ଯ୍ୟନ୍ତ ସେ ଖୋଜିଚାଲେ ସେଇ ଅପୂର୍ବ ଦ୍ରବ୍ୟଟିକୁ ।

"କିରେ, ତୋ' ନାଁ କ'ଣ ? ଆସିଲୁ ଏଠିକି !" ଦିନେ ମହେଶ ଡାକିଲା ତାକୁ ।

ପିଲାଟି ତା' ନିରୀହ ବଡ଼ବଡ଼ ଡୋଳାରେ ଭୟ ମିଶ୍ରିତ କିଛି ସଂଭ୍ରମ ଭାବ ଫୁଟାଇ ପାଖକୁ ଆସିଲା ।

ତୋ ନାଁ କ'ଣ ?

ପୁରିଆଁ... ।

କ'ଣ ? - ମହେଶ ଠିକ୍ ଭାବେ ଶୁଣି ପାରିଲାନି ।

'ପୁରିଆ' - ସେ ଟିକେ ଉଚ୍ଚା ଗଳାରେ କହିଲା ।

ଆଚ୍ଛା...ଆଚ୍ଛା, ବେଶ୍ ବଢ଼ିଆ ନାଁଟା ତ ! ସିଏ ତୋ ସାନଭାଇ ?- ଛୋଟ ପିଲାଟି ଆଡକୁ ହାତ ଦେଖେଇ ପଚାରିଲା ମହେଶ ।

'ସାନ ଭଉଣୀ !' - ପୁରିଆ ସଂଶୋଧନ କଲା ।

ଟିକେ ସହଜ ହୋଇଯିବାରୁ ମହେଶ ପଚାରିଲା, ଆଚ୍ଛା ପୁରିଆ, ସବୁଦିନେ ତୁ ସେ ଅଳିଆ ଗଦା ଭିତରୁ କ'ଣ ଖୋଜୁଛୁ ?'

ଟଙ୍କା । - ବେଧଡକ ଉତ୍ତରଟେ ଦେଲା ସେ ।

'ଟଙ୍କା !' - ମହେଶ ଆଶ୍ଚର୍ଯ୍ୟ ହେଲା- 'ସବୁଦିନେ ସେଠୁ ଟଙ୍କା ଖୋଜୁଛୁ ! ସେଠି ଟଙ୍କା ଆସିବ କୁଆଡୁ ? କେତେ ଟଙ୍କା ତୁ ପାଇଲୁଣି ଏ ପର୍ଯ୍ୟନ୍ତ ?'

ପୁରିଆ ମୁହଁରେ ଖେଳିଗଲା ସାମାନ୍ୟ ହତାଶା ଭାବଟେ । ଟିକେ ଅପ୍ରତିଭ ହୋଇ ସେ କହିଲା, "ପାଇଥିଲେ ଆଉ ଖୋଜନ୍ତି କାହିଁକି ? ଏଇଠି କୋଉଠି ପଡ଼ିଗଲା, ସେଇ ଦିନଠୁ ଖୋଜି ଖୋଜି ଆଉ ପାଉ ନାଁ... ଇ ... ।"

'ପଡ଼ିଗଲା ? ତୋ'ର ? କେତେ ଟଙ୍କା ? କେବେ ?" - ତା' କଥାରୁ କିଛି ବୁଝି ନ ପାରି ମହେଶ ପଚାରିଲା ।

ସାନ ଭଉଣୀକୁ କଲଭର୍ଟ ଉପରେ ବସାଇ ଦେଇ ତା' ଅଲରା କେଶ ସାଉଁଳେଇ ଦେଉଦେଉ ପୁରିଆ କହିଲା - ଆର ବର୍ଷ ଏଇ କେନାଲରେ ଯେତେବେଳେ ପାଣି ଆସିଥିଲା, ସେଇବେଳ କଥା । ଜଣେ ବାବୁ କେନାଲ ତୁଠରେ ଗୋଡ଼ ଧୋଉଧୋଉ ତାଙ୍କର ପଟେ ଚପଲ ଭାସିଗଲା ପାଣିରେ । ବାବୁ ଖାଲି ହାଉଳି ଖାଇଲେ । ମୁଁ ବସିଥେଲି ଏଇଠି । ଏକା ଡିଆଁକେ ଡେଇଁଲି ପାଣିକୁ ଯେ, ପହଁରି ପହଁରି ଚପଲଟା ଆଣି ବାବୁଙ୍କ ପାଖରେ ହାଜର । ବାବୁ ଖୁସି ହୋଇ ମତେ ଦେଇଥିଲେ ପାଞ୍ଚଟଙ୍କା । ବୋଉକୁ ଲୁଚେଇ ସେଇଟା ରଖିଥିଲି ପାକିଟିରେ । ତା'ପରେ ଦିନେ ଏଇଠି ଖେଳୁଥିବା ବେଳେ କୋଉଠି ଗଳିପଡ଼ିଲା ଯେ... ଆଉ ପାଉନି... ।"

କାରୁଣ୍ୟର ଢେଉଟେ ସଞ୍ଚରିଗଲା ମହେଶ ଭିତରେ । ବର୍ଷକ ପୂର୍ବେ ହଜି ଯାଇଥିବା କଏନ୍‌ଟିଏ, ଯାହାକି କୁଆଡ଼େ ଭାସି ଯିବଣି, ପୋତି ହୋଇ ପଡ଼ିବଣି, କି କାହା ଦ୍ୱାରା ହରଣଚାଲ ହୋଇଯିବଣି । ଅଥଚ ଦେଖ, କାଳେ ମିଳିଯିବ ବୋଲି କେତେ ଆଶା, କେତେ ଆଗ୍ରହ ନେଇ ନିର୍ବୋଧ ଏଇ ବାଳକଟି ତାକୁ ଖୋଜୁଛି ଓ ଖୋଜି ଆସୁଛି ଦିନଦିନ, ମାସମାସ ଧରି !!

ତା' ଏକାଗ୍ର ଚିତ୍ତରେ ଖୋଜିବାର ଭଙ୍ଗୀ ଦେଖିଲେ ଯେ କେହି ଭାବିବ ଯେ, ଏଇ ଲୁହାପଥର କୋଇଲା ତଳେ ସତେ କି ହଜିଯାଇଛି ତା' ଜୀବନର ସାରାଂଶ ! ତାକୁ ଠାବ କରିବା ହେଉଛି ତା' ଜୀବନର ଏକମାତ୍ର ଆଭିମୁଖ୍ୟ । ମହେଶ ସଙ୍କୁଚିତ ହୋଇପଡ଼ିଲା ଏବଂ ସେଇ ମୁହୂର୍ତ୍ତରେ ପୁରିଆ ପ୍ରତି ଅଚାନକ ଶ୍ରଦ୍ଧାର ଭାବଟେ ଅଙ୍କୁରିତ ହୋଇ ଉଠିଲା ତା' ମନରେ । ଏ କ୍ଷେତ୍ରରେ ତାକୁ ସାହାଯ୍ୟ କରିବାର ଉପାୟଟେ ସହସା ଢୁକିଗଲା ତା' ମସ୍ତିଷ୍କରେ । ସ୍ମିତ ହସଟିଏ ଖେଳିଗଲା ମହେଶ ଓଠରେ ।

ତା' ପରଦିନ ଯଥେଷ୍ଟ ପୂର୍ବରୁ ମହେଶ ଆସି ପହଞ୍ଚି ସାରିଥିଲା । ପାଞ୍ଚ ଟଙ୍କିଆ କଏନ୍‌ଟାକୁ ସେ ଏମିତି ସ୍ଥାନରେ ପକାଇ ଦେଲା ଯେ, ଯୋଉଠୁ ବିଶେଷ କଷ୍ଟ ନ କରି ପୁରିଆ ପାଇଯିବ । ତା'ପରେ ଫେରିଆସି କଲଭର୍ଟ ଉପରେ ବସି ସିଗ୍ରେଟ ଟାଣିଲା । ଦିଗ୍‌ବଳୟକୁ ଚାହିଁଲା । ବୋର୍

ହେଲା ପୁରିଆ ଆସିବାକୁ ଡେରି କରୁଥିବାରୁ । ଟହଲି ଟହଲି ପୁରିଆ ଆସିଲା, ତା' ସାନ ଭଉଣୀକୁ କାନ୍ଧରେ ବସାଇ । ବସିଲା କଲଭର୍ଟ ଉପରେ ଟିକେ ଥକ୍କା ମେଣ୍ଟାଇବା ପାଇଁ । ବିଳମ୍ବ ହେଉଥିବାରୁ ଏବଂ ଧୀରେଧୀରେ ଅନ୍ଧାର ମାଡ଼ି ଆସୁଥିବାରୁ ମହେଶ ଅଧୈର୍ଯ୍ୟ ହୋଇ ପଚାରିଲା – "କିରେ, ଆଜି ଟଙ୍କା ଖୋଜିବୁନି କି ? ଆଁ ? ?

– ଆଉ କ'ଣ ସେଇଟା ମିଳିବ ? କେତେ ଖୋଜିଲିଣି ! – ଶୁଭିଲା ପୁରିଆର ହତାଶ ତଥା ବିମର୍ଷ ସ୍ୱର ।

– 'ମିଳିବ, ନିଶ୍ଚେ ମିଳିବ ! ତୁ ମନଧ୍ୟାନ ଦେଇ ଆଖି ଲଗାଇ ଖୋଜିଲେ ନିଶ୍ଚେ ମିଳିବ" – ବ୍ୟଗ୍ରତାର ସହିତ କହିଲା ମହେଶ ଏବଂ ପର ମୁହୂର୍ତ୍ତରେ ସଚେତନ ହେଲା ଯେ ସେ ଅଧିକ କହି ପକାଉଛି ।

ପୁରିଆ ତା' କଥାରୁ କ'ଣ ଅନୁମାନ କଲା କେଜାଣି ଆଶ୍ଚର୍ଯ୍ୟ ଆଖିରେ ଟିକେ ଚାହିଁଦେଇ ଓହ୍ଲାଇଗଲା ଖୋଜିବା ସ୍ଥାନକୁ ।

ଅନ୍ୟ ଦିନମାନଙ୍କ ପରି ତା' ଆଡ଼କୁ ନଜର ନ ଦେଇ ମହେଶ ଅନ୍ୟମନସ୍କ ହେବାର ଛଳନା କଲା । ପାଞ୍ଚ ଟଙ୍କିଆ କଏନ୍‌ଟାକୁ ଉଠାଇ ଆଣି ପ୍ୟାଣ୍ଟ ପଛପଟେ ପୋଛୁପୋଛୁ ପୁରିଆ କହିଲା, "ବାବୁ, ଏଠି ଆଉ କାହାର ଏ ଟଙ୍କା ବୋଧେ ପଡ଼ିଯାଇଛି ।"

– "ଆଉ କାହାର କାହିଁକି ହେବ ? ତୋର ତ ! !" – ଜୋର ଦେଇ କହିଲା ମହେଶ ।

ପୁରିଆ ହସିଲା । ମହେଶକୁ ନିର୍ବୋଧଟିଏ କରିଦେବା ପାଇଁ ଯଥେଷ୍ଟ ଥିଲା ସେ ହସ । ହସି ହସି କହିଲା – "ନାଇଁ ବାବୁ, ଏଇଟା ନୂଆ ଟଙ୍କାଟା । ମୋର ନୁହେଁ । ମୋର ତ କେଉଁକାଳୁ ହଜିଲାଣି, ସେଇଟା କ'ଣ ଏମିତି ଚକ୍‌ଚକ୍ କରୁଥିବ ?" ତା' ଜୀବନକାଳ ଭିତରେ ଏପରି କେବେ ପ୍ରତାରିତ ହୋଇନଥିଲା ମହେଶ । ଜଣେ ଆଠବର୍ଷର ଅଶିକ୍ଷିତ ବାଳକ ପାଖରେ ତା'ର ସବୁ ଭାବନା, ପରିଶ୍ରମ ଓ କାର୍ଯ୍ୟକ୍ରମ ଫସର ଫାଟି ଯାଉଥିବାରୁ ସେ ହତାଶ ହୋଇ ପଡୁଥିଲା । ତଥାପି ମନ ଆଣ୍ଟ କରି କହିଲା – "ହଉ, ଯାହାର ହୋଇଥାଉ, ସେଥିରେ ତୋ'ର କ'ଣ ଅଛି ? ତୁ ନେଇଯା ସେଇଟା । ତୋ' ଟଙ୍କା ତ ପୁଣି କିଏ ଜଣେ ନେଇଗଲା ।"

– "ନାଇଁ ନାଇଁ !" – ତାକୁ ଗୁରୁତର ଅନ୍ୟାୟ କାମଟେ କରିବାକୁ କୁହାଯାଉଛି ବୋଲି ଜାଣିପାରି ପୁରିଆ କହିଲା – "ବୋଉ କହିଛି, କାହା ଧନ ଉପରେ ଆଖି ପକେଇବୁନି । ମେହନତି କରି ପେଟ ପୋଷିବୁ । ମୁଁ ଜମା ନେବିନି ସେ ଟଙ୍କା । ବୋଉ ଜାଣିଲେ ମାରି ମାରି ମୋ ହାଡ଼ ଭାଙ୍ଗି ଦେବ ।" ବାମନଟିଏ ପାଲଟି ଯାଉଥିଲା ମହେଶ । ନିଜକୁ ଗୋଟେ ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିରୁ ବଞ୍ଚାଇବାକୁ ଯାଇ ବାଆଁରେଇ ପଚାରିଲା – 'ତୋ' ବାପା କ'ଣ କରନ୍ତି କିରେ ?'

– 'ବାପା ନାହାନ୍ତି !' – ପାଞ୍ଚ ଟଙ୍କିଆ କଏନ୍‌ଟାକୁ କ'ଣ କରିବ କିଛି ଠିକ୍ କରିପାରୁ ନଥିବା ବେଳେ ପୁରିଆ ଜବାବ ଦେଲା ।

'ନାହାନ୍ତି ! ମାନେ ?'

– 'ମରିଗଲେଣି କେବେଠୁ । ମୋର ମନେ ନାଇଁ । ବୋଉ କହୁଥିଲା ମତେ ଯେତେବେଳେ ପାଞ୍ଚବର୍ଷ ଆଉ ଏ ମୁନି ଜନ୍ମ ହେବାର ଦୁଇ ମାସ ପରେ ସେ ମରିଗଲେ ।' ପାଞ୍ଚଟଙ୍କିଆ କଏନ୍‌ଟାକୁ କଲଭର୍ଟ ଉପରେ ଥୋଇ ଦେଇ, ଭଉଣୀକୁ କାଖେଇ ପୁରିଆ ଯିବାର ଉପକ୍ରମ କଲା । ମହେଶ ଚାହିଁଲା ତା' ଆଡ଼େ । ଚାହିଁଲା ଏବଂ ସ୍ୱୀକାର କଲା ଯେ, ପୁରିଆର ସାବେନା ମୁହଁ ଉପରେ ଘନୀଭୂତ ହୋଇଥିବା ଅନନ୍ୟ ନିରୀହତା ସେ ଆଉ କେଉଁଠି କେବେ ଦେଖି ନଥିଲା । ପୁରିଆ ପ୍ରତି ସ୍ନେହରେ ଓଦା ହୋଇଗଲା ତା' ମନ । ତା' ପାଖକୁ ଲାଗି ଆସି ସେ ପଚାରିଲା – "ତମ ଘରେ ଆଉ କିଏକିଏ ଅଛନ୍ତି ?"

"ବୋଉ, ମୁଁ ଓ ମୁନି । ଆମେ ତିନିଜଣ ।"

ରେଳବାଇ ଘଣ୍ଟାରେ ଢାଏଁ ଢାଏଁ କରି ଆଠଟା ବାଜିଲା, ପୁରିଆ ତତ୍ପର ହୋଇ ଉଠିଲା । 'ବୋଉ କୋଉଠି କାମ କରେ ?' ମହେଶ ଅନୁସନ୍ଧିତ୍ସୁ ହୋଇପଡୁଥିଲା । 'କିଛି କାମ କରେନା । ସବୁବେଳେ ଘରେ ଥାଏ ।' – ସାନ ଭଉଣୀକୁ କାଖେଇ ପୁରିଆ ଗୋଟିଏ ଗୋଟିଏ ଚାଲିବାକୁ ଆରମ୍ଭ କଲା । ମହେଶ ବି ଷ୍ଟାର୍ଟ ମାରିଲା ଗାଡ଼ିରେ ।

କେତେ ସହଜରେ ସୃଷ୍ଟି ହୋଇଯାଏ ଗୋଟେ ଆତ୍ମୀୟତା । ପୁରିଆ ଭିତରେ କେଉଁ ସଂଜ୍ଞାତୀତ ଆଲୋକିତ ଦିଗଟି ପ୍ରତି ସେ ଆକର୍ଷିତ ହୋଇଯାଉଥିଲା, ସେ କଥା ସେ ଜାଣେନା; ହେଲେ ଆଠବର୍ଷର ସେଇ ବାଙ୍ଗେରା ପିଲାଟି ସହିତ ପଦେ କଥା ହେବା ପାଇଁ, ଟିକେ ଦେଖିବା ପାଇଁ ସେ ଅସ୍ଥିର ହୋଇ ପଡୁଥିଲା, କାମଦାମ ଛାଡ଼ି ଧାଇଁ ଆସୁଥିଲା ଅନେକ ଗୁଡ଼ାଏ ବାଟ, ତେଲ ପୋଡ଼ି ପୋଡ଼ି ।

ଗୋଟେ ଅଦୃଶ୍ୟ, ନାମହୀନ ସମ୍ପର୍କର ରଜ୍ଜୁରେ ବାନ୍ଧି ହୋଇଯିବାକୁ କେତେ ସମୟ ଲାଗେ ?

'ତମ ଘର ଏଠୁ କେତେ ଦୂର ?' ମହେଶ ପଚାରିଲା ତା' ପରଦିନ ।

"ହେଇଟି ପରା ସେଇ ଯୋଉ ବୁଢ଼ା ବରଗଛ, ତା' ସେପଟକୁ ବାଁପଟ ଗଳିରେ ଗଲେ କିଛିବାଟ ପରେ ଗୋଟେ ବଡ଼ ଗଡ଼ିଆ, ତା' ଡାହାଣ ପଟେ ଯେଉଁ ଗଳିଟି, ତା'ର ଠିକ୍ ଶେଷ ମୁଣ୍ଡରେ ଆମ ଘର ।" - ପୁରିଆ କହିଲା ।

ତମ ଘରକୁ ଦିନେ ଯିବା ? - ମହେଶ ଥଟ୍ଟାରେ ପଚାରିଲା ।

ଚାଲୁନା ! - ଯୋଡ଼େ ଦାୟିତ୍ୱ ସମ୍ପନ୍ନ ଆଖି ନଚାଇ ପୁରିଆ କହିଲା - "ତମରି ପରି କେତେ ବାବୁ ଆସନ୍ତି ଆମ ଘରକୁ ସବୁଦିନ । ବୋଉ ଭାରି ଖୁସିହୁଏ ସେମାନଙ୍କୁ ଦେଖି । ତମକୁ ଦେଖିଲେ ସେ ଖୁସି ହେବ ।"

'ଏତେ ଲୋକ ସବୁଦିନେ କାହିଁକି ଆସନ୍ତି ତମ ଘରକୁ ? - ମହେଶ ପଚାରିଲା କିଛିଟା ସନ୍ଦେହ ନିଜ ଭିତରେ ଚାପି ରଖି ।

- 'କେଜାଣି ? - ପୁରିଆ ପାଣି ଭିତରକୁ ଗୋଟେଗୋଟେ ଗୋଡ଼ି ଛାଟୁଛାଟୁ କହିଲା - ବୋଉ କିନ୍ତୁ ସେମାନେ ଆସିଲେ ଆମକୁ ଶୁଆଇ ପକାଏ କିମ୍ବା ଦିନ ହୋଇଥିଲେ ବାହାରକୁ ପଠାଇ ଦିଏ । ଘରକୁ ଫେରିଲେ ଆମକୁ ଭଲଭଲ ଜିନିଷ ଆଣି ଖାଇବାକୁ ଦିଏ ।

ମହେଶ ଅନ୍ୟମନସ୍କ ହୋଇଗଲା । ସହସା ସଚେତନ ହେଲା ଯେ, ସେ ଅଯଥା ଅନ୍ୟ କଥାରେ ମୁଣ୍ଡ ପୂରାଉଛି । ସିଗ୍ରେଟ ଖାଇବାକୁ ଭାରି ଇଚ୍ଛା ହେଲାରୁ ସେ ପକେଟ ଅଣ୍ଡାଳିଲା । ଯା !... ପକେଟ ଖାଲି । ସିଗାରେଟ ନାହିଁ । ଧୂଆଁ ପିଇବାର ଲାଳସା ଥରେ ହେଲେ ତାକୁ ଦମନ କରିବା କାଠିକର ପାଠ । ଷ୍ଟେସନ ବଜାର ଏଠୁ ଅଧାକିଲୋମିଟର ବାଟ । ସେ ଉଠୁ ଉଠୁ ବସିଲା, ଗୋଟେ ଚମତ୍କାର ଆଇଡିଆ ତା' ମୁଣ୍ଡକୁ ଢୁକିଯିବାରୁ । ପୁରିଆକୁ ଏ କାମରେ ଲଗାଯାଇପାରେ । କାର୍ଯ୍ୟର ପାରିଶ୍ରମିକ ସ୍ୱରୂପ କିଛି ପଇସା ମଧ୍ୟ ଦିଆଯାଇପାରେ । ଟୋକାଟା ଭାରି ମର୍ଯ୍ୟାଦା ସଚେତନ କି ନା ! ମେହନତ ନ କରି ମୋଫତ ଧନ ସେ ନିଏନା । ତା' ବୋଉ ରାଗିବ ।

ଦଶ ଟଙ୍କିଆଟେ ଧରି ଡିଆଁଟେ ମାରିବା ପୂର୍ବରୁ ପୁରିଆ କହିଲା - "ବାବୁ, ମୁନିକୁ ଟିକେ ଅନେଇଥିବ । ସେଇଟା ଭାରି ଖରଖରୀ । ଗୁରୁଣ୍ଡି ଗୁରୁଣ୍ଡି ପାଣି ପାଖକୁ ଚାଲିଯିବ । ମୁଁ ହେଇ ଗଲି, ହେଇ ଆଇଲି ।" ପୁରିଆ ଯିବା ପରେ ମୁନି ବସିଥିବା ଜାଗାକୁ ମହେଶ ଉଠି ଆସିଲା । ଏତେବେଳ ଯାଏ ଭାରି ନିର୍ଭୀକ ତଥା ସ୍ୱଚ୍ଛନ୍ଦରେ ବସିଥିବା ପିଳେହୀ ପେଟା ଛୁଆଟା, ତାକୁ ଦେଖି ଭେଁ ଭେଁ କାନ୍ଦି ଉଠିଲା । ଗୋଟେ ଛୋଟ ଛୁଆକୁ କିପରି ବୋଧ କରାଯାଏ ? "ନା .... ନା... କାନ୍ଦେନା, ସୁନା ଝିଅଟା, ତୋ' ଭାଇ ଯାଇଛି ବଜାରକୁ, ଆଣିବ ତୋ' ପାଇଁ ପକେଟ ଭର୍ତ୍ତି ଚକୋଲେଟ ... କାନ୍ଦେନା ... ଚୁ ... ଚୁ" । ତା'ର ସମସ୍ତ ପ୍ରବୋଧନାକୁ ବେଖାତିର କରି ଗୋଟେ ଖିନମିନିଆ କାନ୍ଦ ଅବ୍ୟାହତ ରହିଥିଲା ଅଧଘଣ୍ଟା, ଘଣ୍ଟେ ଧରି ।

କୁଆଡ଼େ ଗଲା ଟୋକାଟା ଏତେବେଳ ଯାଏ ? ଗୋଟେ କାନ୍ଦୁରୀ କୁନି ଝିଅଟାର ମସ୍ତବଡ଼ ଓଜନଟାଏ ତା' ଉପରେ ଲଦିଦେଇ କୋଉଠି ରହିଲା ? ବଜାର ଏଠୁ ଜମା ଡାକେ ବାଟ । ଯେତେବେଳୁ ସେ ଗଲାଣି, ଜଣେ ଦଶଥର ଯାଇ ଦଶ ପାକେଟ ସିଗାରେଟ ଆଣି ଦଶଥର ଫେରି ଆସନ୍ତାଣି । ଦୁଶ୍ଚିନ୍ତାର କଳା ବାଦଲଟା ଛାଇଗଲା ମହେଶ ମନରେ । କିଛି ବିପଦରେ ପଡ଼ିଗଲା କି ? ଏକାଥରକେ ଦଶଟଙ୍କିଆଟା ହାତରେ ପଡ଼ିଗଲା ବୋଲି ଭୁଲିଗଲା କି ସାରା ଦୁନିଆଁ ? ପଶିଗଲା କି ଷ୍ଟେସନ ବଜାର ଉପରେ ଥିବା 'ପିଙ୍କି' ସିନେମା ହଲ୍ ଭିତରେ ! ! !

ଅନ୍ଧାର ବଢ଼ି ଯାଉଥିଲା, ତା' ସହିତ ଛୋଟ ଝିଅଟିର କାନ୍ଦଣା । କାନ୍ଦି କାନ୍ଦି ହାଲିଆ ହୋଇ ଧକେଇବାକୁ ଆରମ୍ଭ କଲାଣି । ଘୁମେଇ ପଡ଼ିଲାଣି । ତା' ମାଆ ତେଣେ ବୋଧେ ବ୍ୟସ୍ତ ହେବଣି ପିଲା ଦୁଇଟିଙ୍କୁ ଏତେବେଳ ଯାଏ ଫେରିବାର ନ ଦେଖି । ଯିବ କି ବଜାର

ଯାଏ ? ଗାଡ଼ିଟାକୁ କେମିତି ନବ ? ଏଡ଼େ ବକଟେ ପିଲା, ପୁଣି ଶୋଇ ପଡ଼ିଲାଣି, ଗାଡ଼ିରେ ବସିବ କେମିତି ? ପୁରିଆ ଘର ତ ସେ ଦେଖିନି । ବଜାରରେ ଯଦି ପୁରିଆ ନ ମିଳେ, ତେବେ ? କାହାକୁ ଦେବ ଯେ ପିଲାକୁ ? କିଏ ଚିହ୍ନିବ ଯାକୁ ?

ସାମାନ୍ୟ ବୋଲି ଜଣାପଡୁଥିବା ଘଟଣାଗୁଡ଼ା ବେଳେବେଳେ ଅସମାହିତ ସମସ୍ୟାଟିଏ ଛିଡ଼ା କରାଇ ଦିଏ ସାମ୍ନାରେ, ଯାହାକୁ ଅତିକ୍ରମ କରିବା କାଠିକର ପାଠ ହୋଇପଡ଼େ ଭାରି ଚାଲାକ, ଚତୁର ବୋଲି ଭାବୁଥିବା ମଣିଷ ପକ୍ଷରେ । ନିଜ ଉପରେ ଭାରି ରାଗ ହେଉଥିଲା ମହେଶର, ତା' ସହିତ ସିଗାରେଟ ଖାଇବାର ନିଶା ପ୍ରତି । ପୁରିଆକୁ ସିଗାରେଟ ପାଇଁ ପଠାଇଥିବାର ଭୁଲ୍ ତାକୁ ଦଂଶନ କରୁଥିଲା ବାରମ୍ବାର ।

ଆକାଶରୁ ଧୀରେଧୀରେ ଲୁଚି ଯାଉଥିଲେ ତାରାମାନେ । ସେଇଟା କେଉଁ ତିଥି ଥିଲା କେଜାଣି, ଜହ୍ନ ଜମା ନ ଥିଲା ସେମାନଙ୍କ ଗହଣରେ । ଥୋପା ଥୋପା ଲୁହ ଢାଳି ଆକାଶଟା ସେଦିନ ଗୁମୁରି ଗୁମୁରି କାନ୍ଦୁଥିଲା କେଉଁ ଏକ ଅଜଣା ଦୁଃଖରେ ।

ନା, ଆଉ ଅପେକ୍ଷା କରି ଲାଭ ନାଇଁ । କିଛି ଗୋଟାଏ କରିବାକୁ ପଡ଼ିବ ଜଲଦି । ରାତିର ଆୟୁଷ ବଢ଼ିବା ସଙ୍ଗେସଙ୍ଗେ ବଢୁଥିଲା ମନ ଭିତରର ଆଶଙ୍କା । ସତୁରୀ ହଜାର ଟଙ୍କାରେ ମାତ୍ର ଛ' ମାସ ହେଲା କିଣାଯାଇଥିବା ମେରୁନ ରଙ୍ଗର ହିରୋହଣ୍ଡା ମୋଟର ସାଇକେଲର ହ୍ୟାଣ୍ଡେଲ ଲକ୍, ଷ୍ଟାଣ୍ଡ ଲକ୍ ଆଦି ପକାଇ ସାରି, ତାକୁ ଏପରି ଏକ ଅପାଙ୍‌କ୍ତେୟ, ବିପଦଶଙ୍କୁଳ ସ୍ଥାନରେ ଏକୁଟିଆ ଛାଡ଼ିଦେଇ ଯାଉଥିବାର ଦୁଃଖରେ ଘାରି ହୋଇ, ଥରେ ଦିଥର ପଛକୁ ଚାହିଁ ମହେଶ ଚାଲିଲା ଷ୍ଟେସନ ବଜାର, ପୁରିଆର ଟିକି ଭଉଣୀକୁ କାଖରେ ଧରି ।

ପୁରିଆ ପଡ଼ିଥିଲା ରାସ୍ତା କଡ଼ରେ । ଛଟପଟ ହେଉଥିଲା ଯନ୍ତ୍ରଣାରେ । ପାଟିରେ ଆହା ... ଚୁ ... ଚୁ ...ର ସମବେଦନା ଜଣାଉଥିବା, ଅନ୍ୟ ଦୁଃଖରେ ଦୁଃଖୀ ବୋଲି ଛଳନା କରୁଥିବା କିଛି ମଣିଷ ( ? ) ଜମିଥିଲେ ତା' ଚାରିପାଖରେ । ସେମାନଙ୍କୁ ପଚାରିବାରୁ ଉତ୍ତର ମିଳିଲା – ସ୍କୁଟରବାଲାଟିଏ ବାଡ଼େଇ ଦେଇ ପଳାଇଲା ।" ପୁରିଆର ବାମପଟ ଆଣ୍ଠୁଟା ମାଡ଼ ହୋଇ ଫୁଲି ଯାଇଥିଲା । ଦେହର କେତେକ ସ୍ଥାନ ଖଣ୍ଡିଆ ଖାବରା ହୋଇ ରକ୍ତ ବାହାରୁଥିଲା । ମହେଶ ସଙ୍ଗେସଙ୍ଗେ ଗୋଟେ ରିକ୍ସା ଡାକି, ପାଖ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା ପରେ ଆବଶ୍ୟକୀୟ ଔଷଧ କିଣି ପିଲା ଦୁଇଟିକୁ ସେଇ ରିକ୍ସାରେ ଧରି ପୁରିଆର ଘରକୁ ଫେରୁଥିବା ବେଳେ ଗୋଟେ ଅପରାଧବୋଧରେ ଜଡ଼ସଡ଼ ହୋଇ ଯାଉଥିଲା । ଦୋଷୀଦୋଷୀ ଲାଗୁଥିଲା ତାକୁ ।

'ଆମ ଘର ।' – ବାମ ପଟେ ଗୋଟେ ଚାଳିଆକୁ ହାତ ଦେଖାଇ ଚିହ୍ନାଇ ଦେଲା ପୁରିଆ । ସେମାନଙ୍କୁ ଓହ୍ଲାଇ ଦେଇ ରିକ୍ସାବାଲାଟି ଅନ୍ଧକାର ଗଳି ଭିତରେ ଅଦୃଶ୍ୟ ହୋଇଗଲା । ପୁରିଆ ଛୋଟେଇ ଛୋଟେଇ ଗୋଟିଏ ହାତରେ ଔଷଧ ଓ ଅନ୍ୟ ହାତରେ ତା' ସାନଭଉଣୀର ହାତ ଧରି ଯାଇ ବସି ପଡ଼ିଲା ପିଣ୍ଡାରେ । ମହେଶ କହିଲା – "ଏଇଟା ତମ ଘରଟି ? ଘର ଭିତରକୁ ନ ଯାଇ ବାହାରେ ବସିଲୁ କାହିଁକି ? ଡାକୁନୁ ତୋ' ବୋଉକୁ ?" ତ୍ରସ୍ତ ସ୍ୱରରେ ପୁରିଆ କହିଲା – "ନା, ନା, ଆମେ ଏବେ ଘର ଭିତରକୁ ଯିବୁନି । ବୋଉ ରାଗିବ । ସବୁଦିନେ ଫେରି ଆସି ଆମେ ଏଇ ପିଣ୍ଡାରେ ବସୁ । କେତେବେଳେ ବୋଉ ଆସି ଆମକୁ ଟାଣିନିଏ ଘର ଭିତରକୁ ।" ପୁରିଆର କଥାରୁ କିଛି ବୁଝି ନ ପାରି ମହେଶ କବାଟ ଠକ୍‌ଠକ୍ କଲା । ଭିତରୁ କିଛି ଜବାବ ମିଳିଲାନି । ମହେଶ ପୁଣି ଥରେ କବାଟ ବାଡ଼େଇଲା ।

ଭିତରୁ ଶୁଭିଲା ଗୋଟେ ଅସନ୍ତୁଷ୍ଟ ନାରୀ କଣ୍ଠ – "ପୁଣି ଜଣେ ବାଡ଼ିପଶା କିଏ ଆସି କବାଟ ବାଡ଼େଇଲାଣି । ଏ ମାଉଁସ ରଙ୍କୁଣା ଅଳପେଇଷାଗୁଡ଼ା ଶାନ୍ତିରେ ଟିକେ ରଖେଇ ଦେବେନି ମତେ... ।" କଥାଗୁଡ଼ା କାହା ଉଦ୍ଦେଶ୍ୟରେ କୁହାଯାଉଚି ବୁଝିପାରିଲାନି ମହେଶ । ପିଲା ଦି'ଟା ପିଣ୍ଡାରେ ଘୁମେଇ ପଡ଼ିଲେଣି । ଆଉ ଥରେ ଜଞ୍ଜିରକୁ ଠକ୍‌ଠକ୍ କଲା ସେ । ଧଡ଼୍ କରି ଖୋଲିଗଲା ବାଉଁଶ ସନ୍ଧିରେ ମାଟି ଲେସାଯାଇ ତିଆରି ହୋଇଥିବା କବାଟ । ଦିକ୍‌ଦିକ୍ ହୋଇ ଜଳୁଥିବା ଲଣ୍ଠନ ଭିତରୁ କୁଣ୍ଠିତ ଭାବରେ ଛିଟିକି ଆସୁଥିବା ମଇଳା ଆଲୁଅରେ ବୁଢ଼ୀ କି ଦରବୁଢ଼ୀ, ଯୁବତୀ କି ତରୁଣୀ, ଗୋରୀ କି କାଳି ସମଝି ହେଉ ନଥିବା ସ୍ତ୍ରୀ ଲୋକଟି ମୁଣ୍ଡ ଖୋସା ସଜାଡୁ ସଜାଡୁ ଝପଟି ଆସି ଦ୍ୱାର ମୁହଁରେ ଠିଆ ହୋଇ ଝିଙ୍ଗାସିଲା – "କ'ଣ ହେଲା ? ଟିକେ ଅପେକ୍ଷା କରିପାରୁନା ? ସନ୍ଧ୍ୟାବେଳଠାରୁ ଏତେ ଯଦି ଅସମ୍ଭାଳ, ଯାଉନା ତମ ମାଇକିନାମାନଙ୍କ ପାଖକୁ । ଏକା ଥରକେ ଦି' ଦି'ଟା ମରଦକୁ ସମ୍ଭାଳିବା ମୋ ଦେହି ହବ ନାଇଁ । ବୁଝିଲ ! !" କହିଲା ଏବଂ ଧଡ଼୍ କରି କବାଟ ବନ୍ଦ କରିଦେଲା ମହେଶର ମୁହଁ ଉପରେ ।

ମହେଶର ଆଉ କିଛି ମନେପଡ଼ିଲା ନାହିଁ । ପୁରିଆ କଥା କି ତା' ଛୋଟ ଭଉଣୀ କଥା । ଘର କଥା କି ଅଫିସ୍ କଥା । ସେ ଏକରକମ ଛିଟିକି ପଡ଼ିଲା ତଳକୁ ଏବଂ ଏକା ନିଃଶ୍ୱାସକେ ଯାଇ ଗାଡ଼ି ପାଖରେ ହାଜର । ଗାଡ଼ି ଷ୍ଟାର୍ଟ କରି ଘରେ ପହଞ୍ଚିବା ଯାଏ ତା' ହୃଦସ୍ପନ୍ଦନ ଆଶାତୀତ ଭାବେ ବଢ଼ି ଯାଇଥିଲା । ତା' ତଣ୍ଟି ଶୁଖି ଶୁଖି ଯାଉଥିଲା ।

ତା' ପରଦିନ ନିର୍ଦ୍ଧାରିତ ସମୟରେ କଲଭର୍ଟ ପାଖକୁ ଯିବାକୁ ଆଦୌ ଇଚ୍ଛା ହେଲା ନାହିଁ ମହେଶର । ହେଲେ ପୁରିଆ କଥା ରହିରହି ପଶି ଆସୁଥିଲା ମନ ଭିତରକୁ । କେମିତି ଥିବ ତା' ଦେହ ? ଆଣ୍ଠୁ ଦରଜ କମିଯାଇଥିବ ନା ନାହିଁ ? ସେ କ'ଣ ଆଜି ଆସିଥିବ ସେଠିକୁ ? ଯିବ କି ଘେରାଏ ବୁଲି ଆସିବ ? ଅନେକ ଦ୍ୱନ୍ଦ୍ୱକୁ ସାଙ୍ଗରେ ଧରି ସେ ଘରକୁ ଫେରିଲା ।

ସ୍ତ୍ରୀ ନିର୍ମଳା ଅସମୟରେ ତାକୁ ଦେଖି ତାଜୁବ । ପୁଅ ପିଣ୍ଟୁ ଘେରାଏ ନାଚିଗଲା ଖୁସିରେ । ଜଳଖିଆ ଟିକେ ଖାଇଦେଇ ଖଟରେ ଗଡ଼ପଡ଼ ହୋଇ ଟି.ଭି. ଦେଖୁଥିବା ବେଳେ କେତେବେଳେ ତାକୁ ନିଦ ଲାଗିଗଲା, ସେ କଥା ମାଲୁମ୍ ନାହିଁ । ସେ ସ୍ୱପ୍ନ ଦେଖିଲା, ପୁରିଆ ଯନ୍ତ୍ରଣାରେ ଛାଟିପିଟି ହେଉଛି । ବାପାଲୋ, ମାଆ ଲୋ ଚିତ୍କାର କରି ଗଡୁଚି ଖଟସାରା । ତା' ଦେହ ଖଣ୍ଡିଆ ଖାବରା ହୋଇ ଲହୁଲୁହାଣ ହୋଇ ଯାଇଛି । ସାରା ସଂସାର ତା' ଆଡ଼କୁ ଆଙ୍ଗୁଳି ଦେଖାଇ ଟିଟକାରୀ କରୁଛି 'ପିଲାଟିର ଏ ଦୁର୍ଦ୍ଦଶା ପାଇଁ ତୁ ଦାୟୀ... କେବଳ ତୁ ଦାୟୀ... ।'

ହଠାତ ନିଦ ଭାଙ୍ଗିଗଲା । ଭାରିଭାରି ଲାଗୁଥିଲା ତା' ମନ । ରାତି ନ'ଟା । ପ୍ୟାଣ୍ଟସାର୍ଟ ପିନ୍ଧୁଥିବା ବେଳେ ନିର୍ମଳା ପଚାରିଲା - "ଅବେଳଟାରେ କୁଆଡ଼େ ପୁଣି ବାହାରିଲ ? କାମ ଯଦି ଥିଲା, ଏକାଥରକେ ସାରିଦେଇ ଆସିଲନି ?" ପୁରିଆ ସମ୍ପୂର୍ଣ୍ଣ ରୂପେ ଅକ୍ତିଆର କରିଥିଲା ତା' ଚେତନାକୁ । ତା'ର ଏ ଅବସ୍ଥା ପାଇଁ ସେ ଦାୟୀ, ଏକଥା ଭାବିଦେବା କ୍ଷଣି ଗୋଟେ ଅପରାଧବୋଧରେ ନଇଁ ପଡୁଥିଲା ସେ । ସାମାନ୍ୟ ସିଗାରେଟ ପାଇଁ ତାକୁ ପଠେଇଲା ବୋଲି ସିନା ଏସବୁ ଘଟିଗଲା । ଗରୀବ ବାପ ଛେଉଣ୍ଡ ପିଲା । ଏ ଭାବନା ସହିତ ଗତ ରାତିରେ ତା' ବୋଉର କଥାଗୁଡ଼ା ତା'ର ମନେ ପଡ଼ିଯାଉଥିଲା । ଏପରି କଥା ସେ କାହିଁକି କହିଲା ତାକୁ ? ସ୍ତ୍ରୀ ଲୋକଟି କ'ଣ ଭଲ ସ୍ୱଭାବର ନୁହେଁ କି ? ଯଦି କିଛି ବାଜେ ଧନ୍ଦା କରୁଥାଏ, ତେବେ ? ସେଠିକି ଯାଇ ଯଦି ସେ କାହା ନଜରରେ ପଡ଼ିଯାଏ, ତେବେ ?

ଏ ସବୁ ଭାବନା ସତ୍ତ୍ୱେ ସେ ଠିଆ ହୋଇଥିଲା ପୁରିଆ ବନ୍ଦ ଦରଜା ଏପଟେ । ହାତ ଯାଉଥିଲା କବାଟ ଠକ୍‌ଠକ୍ କରିବା ପାଇଁ, ପୁଣି ଫେରି ଆସୁଥିଲା । ଏହିପରି ଆଗପଛ ହୋଇ ବିତିଗଲା ଅଧଘଣ୍ଟା । ସେ କବାଟରେ କରାଘାତ କଲା । କବାଟ ଖୋଲିଲା । ପୂର୍ବଦିନର ଲଣ୍ଠନ ଆଲୁଅ ଆଲୋକିତ କରୁଥିଲା ଘରକୁ । ଘର ଭିତରକୁ ନ ଯାଇ ମହେଶ ପଚାରିଲା, "କେମିତି ଅଛି ପୁରିଆ ଦେହ ?" ସ୍ତ୍ରୀ ଲୋକଟି ତା' ପାଇଁ ବାଟ ଛାଡ଼ିଦେଲା ଘର ଭିତରକୁ ଯିବାକୁ । ମହେଶ ଆଗପଛ ହେଲା । ଘର ଭିତରକୁ ଯିବ କି ନା ଦ୍ୱନ୍ଦ୍ୱରେ ପଡ଼ିଗଲା । କେବଳ ପୁରିଆକୁ ଟିକେ ଦେଖିଦେଇ ପଳାଇବ ଭାବି ସନ୍ତର୍ପଣରେ ସେ ଘର ଭିତରେ ପାଦ ଦେବା ମାତ୍ରେ କେଁ କଟର ଶବ୍ଦ କରି କବାଟଟା ବନ୍ଦ ହୋଇଗଲା ।

ତକ୍ତପୋଷଟେ ଉପରେ ପୁରିଆ ଶୋଇଥିଲା । କଡ଼କୁ ତା' ସାନ ଭଉଣୀ । ମହେଶ ଦଣ୍ଡେ ଠିଆ ହୋଇ ଚାହିଁଲା ଆଠ ନ' ବର୍ଷର ବାଳକଟିକୁ । ଗଭୀର ନିଦରେ ତା' ଛାତି ପେଟ ପଡୁଥିଲା ଉଠୁଥିଲା । ଫେରି ଆସୁଥିବା ବେଳେ ପକେଟରୁ ପାଞ୍ଚଶହ ଟଙ୍କିଆ ନୋଟ୍ ଖଣ୍ଡେ କାଢ଼ି ପୁରିଆ ବୋଉ ଆଡ଼କୁ ବଢ଼ାଇ ଦେଉଦେଉ ଅନୁଚ୍ଚ ତଥା ଅପ୍ରତିଭ ସ୍ୱରରେ ସେ କହିଲା, "ଏ ଟଙ୍କା ରଖନ୍ତୁ । ତା' ଔଷଧ ଖର୍ଚ୍ଚ ପାଇଁ । ମୁଁ ପୁଣି ଆସିବି..." ।

ମହେଶ ଭାବିଥିଲା ପୁରିଆ ବୋଉ ଅପ୍ରତିଭ ହୋଇପଡ଼ିବ । ଟଙ୍କା ନେବାକୁ ଅନିଚ୍ଛା ପ୍ରକାଶ କରିବ । ତା' ପୁଅ ଗୋଡ଼ହାତ ଭାଙ୍ଗି ଶେଷରେ ଭଲେଇ ହୋଇ ବଦାନ୍ୟତା ଦେଖାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ ଝାଡ଼ିଦେବ ମୁହଁ ଉପରେ । ଅଥଚ ତାକୁ ଆଚମ୍ବିତ କରି ସେ ଚଟ୍ କରି ନେଇଗଲା ନୋଟ୍‌ଟିକୁ । ମହେଶ ଫେରି ଆସୁଥିବା ବେଳେ ଗୋଟେ ବୈଦ୍ୟୁତିକ କରେଣ୍ଟ ଅନୁଭବ କଲା ସମଗ୍ର ଶରୀରରେ । ତା' ଶରୀରରୁ ସର୍ବଶେଷ ଶକ୍ତି ଟିକକ ଅପହୃତ କରି ଗୋଟେ ଅକ୍ଟୋପାସୀ ବନ୍ଧନ ତାକୁ ଛନ୍ଦି ପକାଉଥିଲା ପଛରୁ ।

'ଦେଖ, ମୁଁ ସେଭଳି ଲୋକ ନୁହେଁ । ଛାଡ଼ ମତେ ।' - ମୁକ୍ତି ପାଇବାକୁ ଛଟପଟ ହେଉଥିବା ମହେଶକୁ ଏଇ ପଦେ କଥା କହିବା ପାଇଁ ନୟାନ୍ତ ହେବାକୁ ପଡ଼ିଥିଲା । ଆଖିରେ ଏକ ଉଲଗ୍ନ ଆମନ୍ତ୍ରଣ ଫୁଟାଇ ପୁରିଆବୋଉ କହିଲା - "କୋଉ ଭଳି ଲୋକ ? ପୁରୁଷମାନେ କ'ଣ ଅଲଗା ଅଲଗା ପ୍ରକାର ଥା'ନ୍ତି କି ? ସବୁ ପୁରୁଷ ସମାନ । ସମସ୍ତଙ୍କର ଥାଏ ଏ ଦେହ ପ୍ରତି ପ୍ରଚଣ୍ଡ ଲୋଭ । ଖୋଲାଖୋଲି ହେଉ କି ଲୁକ୍‌କାୟିତ ଭାବରେ ହେଉ, ସମସ୍ତେ ଚାହିଁଥାନ୍ତି ଏ ଦେହର ସାନ୍ନିଧ୍ୟ ।"

'ମୁଁ ଆସିଥିଲି ପୁରିଆ ପାଖକୁ । ତାକୁ ଟିକେ ଦେଖିବାକୁ । କିଛି ସାହାଯ୍ୟ କରିବାକୁ ।' - ମହେଶ ଧଇଁସଇଁ ହୋଇଯାଉଥିଲା ।

'ସବୁ ଦାନର କିଛି ପ୍ରତିଦାନ ଥାଏ ।' - ତା' ପିଠି ଉପରେ ମୃଦୁ ମାଂସଳ ଚାପ ଦେଉଦେଉ ଦୁଷ୍ଟାମୀର ହସ ହସି କହିଲା ପୁରିଆ ବୋଉ ।

'ନା, ମୁଁ ଚାହେଁନା କୌଣସି ପ୍ରତିଦାନ ।' – ମହେଶ ଅସହାୟତାର ଆବର୍ତ୍ତ ଭିତରୁ ବାହାରି ଆସିବାକୁ ଚେଷ୍ଟା କରି କହିଲା – "ମୁଁ ଚାହେଁ ପୁରିଆ ଭଲ ହୋଇଯାଉ । ଖୁବ ଶୀଘ୍ର ଭଲ ହୋଇଯାଉ, ବାସ୍ ।"

'ଓଃ, ଆପଣ ନ ଚାହିଁ ପାରନ୍ତି କୌଣସି ପ୍ରତିଦାନ । ହେଲେ ମୋ ଦେହି ସେ କଥା ହେବ ନାଇଁ । କୌଣସି ଲୋକର ଅଯଥା ଦୟାର ବୋଝ ବୋହି ବୋହି ଚାଲିବା, କାହାର ସମବେଦନାର ଛାଇ ତଳେ ବଞ୍ଚିବା କ'ଣ ଦରକାର, ଏ ଦେହ ପାଞ୍ଚଫୁଟ ଥାଉ ଥାଉ ? ମୋଫତରେ ନେବା ଏବଂ ତାକୁ ହଜମ କରିବାର ଶକ୍ତି କିମ୍ବା ଇଚ୍ଛା ମୋର ନାଇଁ ।" – ସାମାନ୍ୟ ଗମ୍ଭୀର ସ୍ୱରରେ କହିଲା ପୁରିଆ ବୋଉ ।

'ବାଃ, ଚମତ୍କାର !' – ମହେଶ ସହସା ବୁଲିପଡ଼ି ସ୍ତ୍ରୀ ଲୋକଟିର ମୁହଁକୁ ସିଧା ଚାହିଁ କହିଲା, "ତମ ପରି ସ୍ତ୍ରୀ ଲୋକ, ଯିଏ ଦେହକୁ ଆୟୁଧ କରି ଜୀବନ ବଞ୍ଚିବାର ବାହାନା କରନ୍ତି, ସେପରି ଲୋକ ମୁହଁରୁ ଏପରି ବଡ଼ବଡ଼ କଥା ଭାରି ବେଖାପ ଲାଗୁଛି । ହାସ୍ୟାସ୍ପଦ ଲାଗୁଛି । ବୁଝିଲ, ଏତେ ଯଦି ନିଜ ସ୍ୱାଭିମାନକୁ ଜଗି ଚଳିବାର ଇଚ୍ଛା, ତେବେ ଦେହ ବିକୁଛ କାହିଁକି ? କାହିଁକି ମାତିଛ ଏପରି ହୀନ, ଜଘନ୍ୟ କାମରେ ? ତା' ଅପେକ୍ଷା ପରଘରେ ବାସନ ମାଜିବା, ଲାଟ୍ରିନ ସଫା କରିବାରେ ବରଂ ଗୌରବ ଅଛି, ଜୀବନ ବଞ୍ଚିବାରେ ସାର୍ଥକତା ଅଛି ।"

'ଆହା, ଏତେ ଦିନକେ କେଡ଼େ ବଢ଼ିଆ କଥା ପଦେ ନ ଶୁଣିଲା ଏ କାନ ! ! – ପୁରିଆ ବୋଉ ମୁହଁରେ ଥୋଡ଼େ ତାଚ୍ଛଲ୍ୟ ଫୁଟାଇ କହିଲା, "ଆଚ୍ଛା ହଉ ବାବୁ, କାଲି ସକାଳୁ ମୁଁ ତମ ଘରେ ପହଞ୍ଚିବି । ବାସନ ମାଜିବି, ଲୁଗା କାଚିବି, ଲାଟ୍ରିନ ସଫା କରିବି, ମତେ ଦୁଇଓଳି ନିର୍ଜ୍ଞାଳ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିଦେବ ତ !"

ମହେଶର ମୁହଁ ଶୁଖିଗଲା । 'ମୋ ଦୁଇ ଛୁଆଙ୍କୁ ବଂଚିବାର ଖୋରାକ ଯୋଗାଇ ଦେବ ତ ! !' ମହେଶ ବିକଳ ଦେଖାଗଲା ।

'ତମ ସ୍ତ୍ରୀ ପିଲା ଘରେ ନ ଥିବାବେଳେ ରାତିରେ ନୁହେଁ, ଦିନରେ ବି ନିର୍ଭୟ ଚିତ୍ତରେ, ବେଧଡକ୍ ହୋଇ ମୁଁ ତମ ଘରେ ରହିପାରିବି ତ !' ମହେଶର ସବୁ ଗରିମା ଲୁଣ୍ଠିତ ହୋଇଯିବା ପରି ଲାଗୁଥିଲା । ବିନ୍ଦୁ ବିନ୍ଦୁ ଝାଳ ଜକେଇ ଆସୁଥିଲା ତା' ସମଗ୍ର ଶରୀରରୁ । କହିବାକୁ ଚାହିଁ ମଧ କିଛି କହିପାରୁ ନଥିଲା ସେ । ଆଲିଙ୍ଗନ କୋହଳ କରିଦେଇ ପୁରିଆ ବୋଉ ଲୁଗା ସଜାଡୁ ସଜାଡୁ ବିକୃତ ମୁହଁଟେ କରି କହିଲା, "ଯାଅ ବାବୁ ଯାଅ । ତମ ପରି ଫମ୍ପା ବାହାସ୍ଫୋଟ ମାରୁଥିବା ଅନେକ ମୁଖାପିନ୍ଧା ଭଦ୍ର ଲୋକଙ୍କୁ ମୁଁ ଦେଖି ଆସିଲିଣି ଅନେକ ବର୍ଷଧରି । ହାଡ଼େ ହାଡ଼େ ଚିହ୍ନି ସାରିଲେଣି ଏ ମାୟାବୀ ଦୁନିଆକୁ । ତନ୍ନ ତନ୍ନ କରି ଦେଖି ସାରିଲିଣି ମଣିଷର ବାହାର, ଭିତର ।"

ପୁରିଆ ବୋଉ ଟିକେ ଚୁପ ରହିଲା । ଆଖିରୁ ବୋହି ଆସୁଥିବା ଲୁହର ଧାରକୁ ଅଟକାଇବା ପାଇଁ ଅସମର୍ଥ ହୋଇ କାନ୍ଦୁରା ସ୍ୱରରେ କହିଲା, 'ଥିଲା । ମୋର ବି ଥିଲା ସୁଖର ସଂସାର । ଥିଲା ଜୀବନ ପାଇଁ ଅନେକ ରଙ୍ଗୀନ ସ୍ୱପ୍ନ । ହେଲେ ଆଖି ପିଛୁଳାକେ ଭାଙ୍ଗିଗଲା ସେ ସ୍ୱପ୍ନ ।' – ଲୁଗା କାନିରେ ଲୁହ ପୋଛିଲା ପୁରିଆ ବୋଉ । ତୀବ୍ର ଏକ ଶୋକର ବିସ୍ଫୋରଣରେ ଚହଲି ଯାଉଥିଲା ଅଧା ଅନ୍ଧାର ଅଧା ଆଲୁଅ ସେ ଘରର ବାତାବରଣ । 'ଭଲ ଲୋକେଟ ମରିଗଲା ।' – କୋହକୁ ଚପେଇ ଦେବାକୁ ଚେଷ୍ଟା କରୁକରୁ ସେ କହିଲା, "ରାତିରେ ଖାଇ ପିଇ ଶୋଇବା ବେଳେ ବେଜାଏ ଗେଲ କଲା ପିଲା ଦୁଇଟିଙ୍କୁ । ମୋ ସହିତ ଥଟ୍ଟାମଜା ହେଲା, ତା' ପରେ ନିଘୋଡ଼ ନିଦରେ ଶୋଇଲା ଯେ ଶୋଇଲା, ଆଉ ଉଠିଲାନି ସକାଳକୁ । ଏ ହାତରୁ ଶଙ୍ଖା, ମଥାରୁ ସିନ୍ଦୂର ପୋଛି ହୋଇଯିବା ପରି ଜୀବନର ସବୁ ସ୍ୱପ୍ନ, ସବୁ ଆଶା ଭରସା କୁଆଡ଼େ ଉଭାନ ହୋଇଗଲା ଆଖି ପିଛୁଳାକେ ।"

"ଏତେ ବଡ଼ ନିଃସ୍ୱ ପୃଥିବୀରେ ପିଲା ଦୁଇଟିର ଏତେ ବିଶାଳ ଓଜନକୁ ବୋହି ବୋହି କେମିତି ମୁଁ ଚାଲିଥାନ୍ତି ଏକାଏକା ?" "ମୋ ଛୁଆମାନଙ୍କ ଭୋକିଲା ପେଟ ଅପେକ୍ଷା ଏ ଦେହଟା କ'ଣ ବେଶି ମୂଲ୍ୟବାନ ?' 'ସେମାନଙ୍କ ଶୁଖିଲା ବିକଳ ମୁହଁଠାରୁ ଏ ଇଜ୍ଜତ, ଚରିତ୍ର ନାମକ ଫମ୍ପା ଶବ୍ଦଗୁଡ଼ା କ'ଣ ବେଶି ଗୁରୁତ୍ୱପୂର୍ଣ୍ଣ ?" ସହସା ତା'ର ମୁଖଭଙ୍ଗୀ ବଦଳି ଗଲା । ଏକ କଠୋର, ଘୃଣିତ ଚାହାଣୀ ହାଣି ସେ କହିଲା – "ଦିନରେ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ମାନବିକତାର ପଦ୍ମତୋଳା ବୋଲିବୋଲି ରାତି ଅନ୍ଧାରରେ ହିଂସ୍ର, କ୍ଷୁଧିତ, ଇତର ପଶୁ ପାଲଟୁଥିବା ମଣିଷମାନଙ୍କୁ ମୁଁ ଘୃଣା କରେ, ଦୟା କରେ । ନିଅ ତମ ଟଙ୍କା ।" "ସାଢ଼େ ତିନି ହାତର ମଣିଷଟିଏ ହୋଇ କେମିତି ଏତେ ରଙ୍ଗ ବଦଳେଇ ପାର ତମେମାନେ ? ଛି ! !"

ହାତରେ ଥିବା ପାଞ୍ଚଶହ ଟଙ୍କିଆ ନୋଟ୍‌ଟା ମକଚି ହୋଇ ଯାଉଥିଲା ଚରମ ବ୍ୟର୍ଥତାରେ । ନିର୍ଘାତ ନିର୍ବୋଧଙ୍କ ପରି ବାକ୍‌ଶୂନ୍ୟ ଅବସ୍ଥାରେ, ନିରବରେ ମହେଶ ଫେରି ଆସୁଥିଲା ବାହାରକୁ, ତା' ଗାଡ଼ି ପାଖକୁ ।

❑❑❑

‘ଅସୁସ୍ଥ ସମୟ’ଠାରୁ ‘ବୋଲେ ହୁଁଟି’ ପର୍ଯ୍ୟନ୍ତ ସତରଟି ଗଳ୍ପ ସଂକଳନ, ‘ସମ୍ପର୍କର ସୂତାଖିଅ’ରୁ ‘ପ୍ରିୟ ପୃଥିବୀ’ ପର୍ଯ୍ୟନ୍ତ ପାଞ୍ଚଖଣ୍ଡ ଉପନ୍ୟାସର ସ୍ରଷ୍ଟା ଶ୍ରୀଯୁକ୍ତ କ୍ଷୀରୋଦ ଦାସ ସାଂପ୍ରତିକ ସମୟର ଜଣେ ପ୍ରତିନିଧିସ୍ଥାନୀୟ କଥାକାର ଭାବରେ ସ୍ୱୀକୃତ । ଶ୍ରୀଯୁକ୍ତ ଦାସ ନିଜ ସୃଜନ ଯାତ୍ରାପଥରେ ପାଇଛନ୍ତି ବିପୁଳ ପାଠକୀୟ ଆଦୃତି ଓ ସମ୍ମାନ । ଅଧୁନା ଏଜି ଅଫିସ୍, ଭୁବନେଶ୍ୱରରେ କାର୍ଯ୍ୟରତ ଶ୍ରୀଯୁକ୍ତ ଦାସଙ୍କୁ ମୋବାଇଲ ନମ୍ବର ୯୪୩୭୧ ୬୩୦୦୨ରେ ଯୋଗାଯୋଗ କରାଯାଇପାରିବ ।

# ଇଚ୍ଛାମତୀ

**ନୀଳାମ୍ବର ବିଶ୍ୱାଳ**



ସେ'ତ ରାଜା ରାଜୁଡ଼ା ଅମଳର କଥା । ସେ କଥାଗୁଡ଼ାକ ଉଛୁଣିକା କାହାଣୀ ପରିକା ଲାଗୁଛି । ସତସତକା କଥାଗୁଡ଼ାକ ଏବେ ପରତେ ହେଉ ନାହିଁ ।

ଅଜା ନିଦ ମାଉସୀକୁ ଘଉଡ଼େଇ ଦେଇ କାହାଣୀ ପେଡ଼ି ଖୋଲି ଦେଇଛନ୍ତି । ଗେହ୍ଲା ନାତି ଟୁକୁନା ଆଉ ଫୁକୁନା ଆଁ କରି ପିଇଯାଉଛନ୍ତି ଅଜାଙ୍କର ମନମତାଣିଆ ଗପ । ଅଲିଅଳୀ ନାତୁଣୀ ଶିଲି ଆଖି ମିଟିମିଟି କରି ସତେଅବା ଦେଖିପକଉଚି କାହାଣୀର ଦୃଶ୍ୟ ସବୁ !

- ସେଉଠୁ କ'ଣ ହେଲାନା, ସୁବର୍ଣ୍ଣ ଦେଶ । ସୁବର୍ଣ୍ଣ ଦେଶର ରାଜକୁମାରୀ ବେଣୀ ମୁକୁଳା କରି, ସୁନା ଦିହକୁ ମାଜିମୁଜି, କାଚକେନ୍ଦୁ ପାଣିରେ ଢେଉ ଖେଳେଇ ଗାଧୋଉଥିଲେ ସୁବର୍ଣ୍ଣ ପୋଖରୀରେ । ପୋଖରୀ ହୁଡ଼ାର ଗୋଟିଏ ପାଖରେ ପାଦଚଲା ପଥ ଲମ୍ବି ଯାଇଛି ରାଜ ଉପବନର ଅଭ୍ୟନ୍ତରକୁ । ସେହି ପଥରେ ଘୋଡା ଛୁଟେଇ ମାଡ଼ି ଆସୁଥିଲେ ଜଣେ ଦିବ୍ୟ ତରୁଣ ବିଦେଶୀ ରାଜକୁମାର । ଅଦୂରରେ ଲଗାମ ଭିଡ଼ି ଘୋଡ଼ାରୁ ଓହ୍ଲେଇ ପଡ଼ିଲେ ପଥିକ । ମାତ୍ର ତା' ଆଗରୁ ଦୂରରୁ ଅଶ୍ୱାରୋହୀକୁ ଦେଖି ସୁବର୍ଣ୍ଣ ଦେଶର ରାଜକୁମାରୀ ତରତରକି ଓଦା ବସନରେ ପୋଖରୀରୁ ଉଠି ନିଜକୁ ଲୁଚେଇଦେଲେ ପୋଖରୀ ହୁଡ଼ାର ଏକ ଗଛ ଆଡୁଆଳରେ ।

- ବିଦେଶୀ ଯୁବକ ତ ରାଜା ପୁଅ । ତାଙ୍କର ଦୁଇ ଆଖି ନୁହେଁ, ଚାରିଆଖି । ସେ ରାଜକୁମାରୀଙ୍କ ପୋଖରୀ ତଟର ଭିଜିଲା ଦିହକୁ ଦୂରରୁ ଠିକ୍ ଦେଖି ପାରିଥିଲେ । ଭାବିଲେ, ବୋଧହୁଏ ତାଙ୍କୁ ଦେଖି ସରମରେ ଝିଅଟି ବତୁରା ଦିହରେ ପୋଖରୀରୁ ଉଠି ପଳେଇଲା । ତେଣୁ ସେ କୌତୁହଳରେ ନିଜ ଘୋଡ଼ାକୁ ପଛକୁ ଫେରେଇ ଅନ୍ୟ ଏକ ବୃହତ ବୃକ୍ଷ ଆଡୁଆଳରେ ଘୋଡ଼ା ସହ ନିଜକୁ ଲୁଚେଇ ଦେଲେ ।

କିଛିକ୍ଷଣ ଅନ୍ତେ ରାଜକୁମାରୀ ଗଛ ଆଡୁଆଳରୁ ବଙ୍କେଇ ଦେଖିଲେ । ବନପଥ ଫାଙ୍କା ଥିଲା, କେହି ନଥିଲେ । ଭାବିଲେ, ଆଗନ୍ତୁକ ବାଟଭାଙ୍ଗି ଚାଲିଗଲେ ବୋଧହୁଏ । ପୁଣି ସେହି ରାଜପୁଷ୍କରିଣୀରେ ଢେଉ ଖେଳେଇ ଗାଧୋଇଲେ । ଗାଧୁଆ ସରିକି ପିନ୍ଧା ବସନ ପାଲଟିଲେ । ମେଘଡମ୍ବରୁ ଶାଢ଼ି ପିନ୍ଧି ପରୀ ପରିକା ଦେଖାଗଲେ ।

ହଠାତ ଘୋଡ଼ା ଟାପୁର ଟପ୍‌ଟାପ୍ ଶବ୍ଦ ଶୁଣି ପଛକୁ ଫେରି ଚାହିଁଲେ ରାଜକୁମାରୀ । ଦେଖନ୍ତି ପଛରେ ଉଭା ହେଇଛନ୍ତି ଜଣେ ଅନିନ୍ଦ୍ୟ ସୁନ୍ଦର ବିଦେଶୀ ଯୁବକ । ସେହି ଦିବ୍ୟ ତରୁଣ ପରଦେଶୀ ରଜାପୁଅ । ସରମରେ ତଳକୁ ମୁହଁ ପୋତି ଦେଉଥିଲେ ରାଜକୁମାରୀ । ମାତ୍ର ବିଦେଶୀ ତରୁଣଙ୍କୁ ନିମିଷକ ଭିତରେ ସଂପୂର୍ଣ୍ଣ ଦେଖିପାରି ନଥିଲେ ରାଜଜେମା । ତେଣୁ ମନ ଆଉଟି ପାଉଟି ହେଲା । ଦର୍ଶନ ତୃଷା ଆଗପଛ ବିଚାରିଲା ନାହିଁ । ଡୋଳା ବୁଲେଇ ବଙ୍କେଇ ଚାହିଁଲେ ବିଦେଶୀଙ୍କୁ । ରାଜପୁତ୍ର କିନ୍ତୁ ରାଜଜେମାଙ୍କ ବଦନରେ ଲକ୍ଷ୍ୟ ସ୍ଥିର କରି ରଖିଥିଲେ । ଯେମିତି ଚାରି ଆଖିର ମିଳନ ହେଇଛି, ଏକ ଅଜଣା ଆଶଙ୍କାରେ ଥରି ଉଠିଲେ ରାଜଜେମା ।

ଚାହୁଁଚାହୁଁ ଅଦ୍ଭୁତ ଭାବରେ ତରୁଣ ରାଜକୁମାର କଅଁଳ ଶିଶୁଟିଏ ପାଲଟିଗଲେ । ସେହି ପୋଖରୀ ତୁଠରେ ରାଜକୁମାରୀଙ୍କ ଆଗରେ କୁଆଁକୁଆଁ କାନ୍ଦ ଆରମ୍ଭ କରିଦେଲେ । ଶିଶୁର କରୁଣ କ୍ରନ୍ଦନ ଧ୍ୱନିରେ ଅଧୀର ହୋଇ ଉଠିଲେ ରଜାଝିଅ । ଶିଶୁକୁ କୋଳେଇ ଧରି କେତେ ସନ୍ତାପି ହେଲେ । ଶିଶୁ ରାଜକୁମାରଙ୍କ ନୟନରୁ କୋହ ମିଶା ଧାରଧାର ଲୁହ ତା'ର ଗଣ୍ଡ ବତୁରେଇ ରାଜଜେମାଙ୍କ କୋଳର ମେଘଡମ୍ବରୁ ଶାଢ଼ି ପଣତ ତିନ୍ତେଇ ଦେଲା । ଅନେକ ଚିନ୍ତାକଲେ ରାଜଜେମା । କ'ଣ କରିବେ ! କିଛି ଉପାୟ ଜୁଟିଲା ନାହିଁ ମୁଣ୍ଡକୁ । ଶେଷରେ ଶିଶୁଟିକୁ କୋଳେଧରି ନଅରକୁ ଫେରିଲେ ।......

ଅଜା କହି ଚାଲିଥାଆନ୍ତି, ନାତି ନାତୁଣୀ ତିନିହେଁ ସେ କଥାଗୁଡ଼ିକୁ ଆଁ କରି ପିଇ ଯାଉଥାଆନ୍ତି । ଶିଶୁ ତ୍ରୟଙ୍କର ଆଗ୍ରହ ଦେଖି ଅଜା ନାଟକୀୟ ଢଙ୍ଗରେ ଗପଟି କହି ଚାଲିଥାନ୍ତି ।

-ତା'ପରେ କ'ଣ ହେଲାନା, ରାଜଉଆସରେ ରାଜଜେମାଙ୍କ ନାମରେ ଚୁପୁରୁ ଟାପୁରୁ ନାନା କଥା ଆରମ୍ଭ ହୋଇଗଲା । ତୁଣ୍ଡ ବାଇଦ ସହସ୍ର କ୍ରୋଶ । ଚାହୁଁଚାହୁଁ ରାଜ୍ୟସାରା କଥାଟା ପ୍ରଘଟ ହେଇଗଲା । ଶେଷକୁ ମହାରାଜାଙ୍କ କାନରେ ପଡ଼ିଲା । ସଭିଙ୍କ ତୁଣ୍ଡରେ ଗୋଟିଏ କଥା – "ଅଭିଆଡ଼ୀ ରାଜଜେମାଙ୍କର ପୁଅଟିଏ ହେଇଛି" ।

ଶେଷରେ କଳଙ୍କିନୀ ଆଖ୍ୟା ଦେଇ ରାଜଜେମାଙ୍କୁ ରାଜ୍ୟରୁ ତଡ଼ି ଦିଆଗଲା । ଅକାରାଣରେ କଳଙ୍କ ପସରାକୁ ମୁଣ୍ଡରେ ମୁଣ୍ଡେଇ ରାଜକୁମାରୀ ସୁବର୍ଣ୍ଣ ଦେଶର ରାଜଉଆସରୁ ଚାଲିଆସିଲେ । କୋଳରେ ପୁଣି ସେହି ଶିଶୁ ରଜାପୁଅଟି ସେମିତି ଲଟକି ଥାଏ । ଅପବାଦର ଅସହ୍ୟ ଆଘାତରେ ରାଜଜେମା ଜୀବନ ହାରିବାକୁ ବସିଲେ, ହେଲେ ପାରିଲେ ନାହିଁ । ଏବେତ' ଶିଶୁ ରାଜକୁମାରଟିର ଜୀବନ ତାଙ୍କ ଜୀବନ ସହିତ ଶକ୍ତ ଗଣ୍ଠିଟିଏ ପଡ଼ି ବନ୍ଧା ହୋଇଛି । ସିଏ ସିନା ଆଗ ମରିବେ, ହେଲେ ଶିଶୁଟି ଅନାହାରରେ ଡହଳବିକଳ ହୋଇ ଟିକିଏ ଡେରିରେ ମରିବ । ରଜାଝିଅ ବିନା ଶିଶୁଟିର ଆଉକିଏ ଅଛିଯେ ? ବାଘ କି ଭାଲୁ ଖାଇଗଲେ କିଏ ଦେଖିବ ? ପ୍ରକାରାନ୍ତରେ ଶିଶୁ ହତ୍ୟାର ପାତକ ଲାଗିବ ତାଙ୍କୁ । ରାଜଜେମା ଭାବି ଚାଲିଛନ୍ତି କେତେକଥା । ପୁଣି ଲକ୍ଷ୍ୟହୀନ ଭାବରେ ଆଗକୁ ଆଗକୁ ଆଗେଇ ଚାଲିଛନ୍ତି ରାଜକୁମାରୀ ।

x x x x x x

ଅଗନା ଅଗନି ବନସ୍ତ । ରଜାଝିଅ ଅଜଣା ପଥରେ ପଥିକ । ବାଟରେ ପଡ଼ିଲା ଉଜାଣି ନଈ । ନଈକୂଳିଆ ଝୁମ୍ପୁରା ଜାମ୍ବଗଛ ମୂଳରେ ଶିଶୁଟି ସହିତ ଆଶ୍ରୟ ନେଲେ ରଜାଝିଅ । ଥକ୍କା ମାରିଲେ ଘଡ଼ିଏ । କଅଁଳ ଶିଶୁଟି ହଠାତ କାନ୍ଦି ଉଠିଲା । ଭୋକରେ ଡହଳବିକଳ ହେଲା । ଖାଇବାକୁ ଦେବାକୁ ରାଜକୁମାରୀଙ୍କ ପାଖରେ କିଛି ନଥିଲା । ଶିଶୁଟି ପାଟିରେ ନଈରୁ ପାଣି ମୁନ୍ଦାଏ ଆଣି ଦେଲେ । ଶୋଷରେ ଆଉଟି ପାଉଟି ହେଉଥିଲା ଶିଶୁଟି । ଦଣ୍ଡେ ଥମିଗଲା ପାଣି ମୁନ୍ଦାଏ ପିଇ । ପୁଣି ଭୋକରେ ଚିତ୍କାର ଛାଡ଼ିଲା ଶିଶୁଟି । ପିଲାଟି ରାଜଜେମାଙ୍କ ଥନ ଅଣ୍ଡାଳି କ୍ଷୀର ଖାଇବାକୁ ବ୍ୟସ୍ତ କରୁଥାଏ । ହେଲେ କୁଆଁରୀ-ଝିଅ ରାଜଜେମା କେମତି ବା ତାକୁ କ୍ଷୀର ଦେଇ ବୋଧ କରିପାରିବେ ! ବଡ଼ ଅଡୁଆରେ ପଡ଼ିଲେ । କେତେ କଥା ଚିନ୍ତା କଲେ । ମାତ୍ର କିଛି ବି ବୁଦ୍ଧି ଜୁଟିଲା ନାହିଁ ମୁଣ୍ଡକୁ । ଶିଶୁଟିର କ୍ରନ୍ଦନ ଯେତେ ବଢୁଥାଏ, ବାତ୍ସଲ୍ୟର ଆକର୍ଷଣରେ ରାଜକୁମାରୀ ଶିଶୁଟି ଆଡ଼କୁ ସେତେ ଆକର୍ଷିତ ହେଉଥାନ୍ତି । ଉପାୟ ଶୂନ୍ୟ ଭାବରେ ରାଜଜେମା ଶିଶୁଟି ଅଧରରେ ବୁକଦେଇ କେତେ ଗେହ୍ଲା କଲେ । ତଥାପି ଶିଶୁ ରାଜାପୁଅର କୋହ କମିଲା ନାହିଁ । ଅନ୍ୟ ଉପାୟ ନପାଇ ରାଜଜେମା କାନ୍ଦୁରା ଶିଶୁକୁ କାନ୍ଧରେ ପକେଇ ନଈ କୂଳେକୂଳେ ଆଗକୁ ଚାଲିଲେ ।

ସେହି ବାଟରେ ଜଣେ ଦେବ ସନ୍ନ୍ୟାସୀ ସ୍ନାନ ସାରି ଫେରୁଥିଲେ । ଜଣେ ସମ୍ଭ୍ରାନ୍ତ ତରୁଣୀ ସହିତ ଏକ କାନ୍ଦୁରା ଶିଶୁକୁ ଦେଖି ତରୁଣୀଙ୍କୁ ପରିଚୟ ପୁଚ୍ଛାକଲେ ଦେବ ସନ୍ନ୍ୟାସୀ । ରାଜକୁମାରୀ ନିଜର ପରିଚୟ ଦେବାକୁ ଯାଇ କହିଲେ – ହେ ଦେବ ସନ୍ନ୍ୟାସୀ ! ମୁଁ

ଏକଦା ଜଣେ ଦେବକନ୍ୟା ଥିଲି । ମୁଁ ନରଲୋକଙ୍କ ପ୍ରତି ଆକୃଷ୍ଟ ହେବାର ଦେଖି ଦେବତାଗଣ ମୋତେ ଅଭିଶାପ ଦେଲେ । ତେଣୁ ନର ଦେହରେ ସୁବର୍ଣ୍ଣ ଦେଶର ରାଜକନ୍ୟା ହୋଇ ଜନ୍ମ ନେଲି । ଅଭିଶାପରୁ ମୁକ୍ତି ନିମନ୍ତେ ମୁଁ କାକୁତି ମିନତି ହେଲାରୁ, ମୋତେ ଏହି ଆଦେଶ ହେଲା ଯେ, ମୋର ଯୌବନାବସ୍ଥାରେ ଯେଉଁଦିନ କୌଣସି ରାଜକୁମାରଙ୍କ ସହିତ ପ୍ରଥମ ସାକ୍ଷାତରେ ଚାରି ଆଖିର ମିଳନ ହେବ, ସେଦିନ ଯଦି ମୁଁ ସେ ରଜାପୁଅକୁ ତୁଚ୍ଛକରି ମୋର ନେତ୍ର ଯୁଗଳକୁ ଫେରେଇ ଆଣି ପାରିବି, ତେବେ ସେଦିନ ମୋର ଶାପ ମୋଚନ ହେବ । ଯଦି ମୁଁ ସେହି ରାଜକୁମାରଙ୍କ ପ୍ରତି ଆକୃଷ୍ଟ ହୋଇ ନୟନ ଯୁଗଳକୁ ଆକଟ କରି ନପାରିଲି, ତେବେ ମୋର ମୁକ୍ତି ମିଳିବ ନାହିଁ । ପୁଣି ଓଲଟ ଅଭିଶାପ ବଳରେ ସେହି ରାଜକୁମାର ଜଣେ କଅଁଳା ଶିଶୁ ପାଲଟିଯିବ । ମୁଁ ଅଲକ୍ଷଣୀ, ଏହି ଦିବ୍ୟ ତରୁଣ ରଜାପୁଅକୁ ଦେଖି ଆତୁର ହୋଇ ଉଠିଲି । ଶାପ ମୋଚନର ଦେବାଦେଶ କ୍ଷଣକ ପାଇଁ ମୋ ମଗଜରୁ ବିସ୍ମରଣ ହୋଇଗଲା । ତାଙ୍କ ଆଖିରେ ଆଖି ମିଶେଇ ମୁଁ ଆଉ ମୋର ନୟନ ଯୁଗଳକୁ ନିୟନ୍ତ୍ରଣ କରି ପାରିଲି ନାହିଁ । ତେଣୁ ଏହି ବିଦେଶୀ ରାଜପୁତ୍ର କଅଁଳା ଶିଶୁ ପାଲଟିଗଲେ । ସଭିଏଁ ମୋତେ କଳଙ୍କିନୀ କହିଲେ । କଳଙ୍କ ପସରାକୁ ମସ୍ତକରେ ବହନ କରି ନିଜ ରାଜ୍ୟରୁ ନିର୍ବାସିତ ହେଲି । ଏଣେ ଏହି ଶିଶୁ ରାଜକୁମାର ଆହାର ବିନା ମୋତେ ବଡ଼ ଦହଗଞ୍ଜରେ ପକେଇଲେଣି ।"

ଦେବ ସନ୍ନ୍ୟାସୀଙ୍କର ପ୍ରାଣ ଦରଦରେ ଭରିଗଲା । ସମବେଦନା ଜଣାଇ ରାଜଜେମାଙ୍କୁ ତିନିଟି ବିକଳ୍ପ ବର ଯାଚିଲେ ସେ । ପ୍ରଥମ ବରଟି ହେଲା, -ରାଜକନ୍ୟା ଏହି ଶିଶୁଟିକୁ ନଈକୂଳରେ ଛାଡ଼ି ନିଜର ପୂର୍ବରୂପ ଫେରିପାଇ ଦେବକନ୍ୟା ହୋଇ ଦେବଲୋକକୁ ଯାଇ ପାରନ୍ତି । ଦ୍ୱିତୀୟ ବରଟି ହେଲା, - ଅଧୁନା ଏହି ଶିଶୁ ରାଜକୁମାର ନିଜ ବାସ୍ତବ ରୂପ ଫେରି ପାଇଲା ପରେ ରାଜଜେମା ତାଙ୍କର ଯୁବରାଣୀ ହୋଇ ରହି ପାରନ୍ତି । ତୃତୀୟ ବରଟି ହେଲା, - ରାଜକୁମାରୀ ମାତୃତ୍ୱ ଲାଭ କରି ଏହି ନଈକୂଳରେ କୁଡ଼ିଆଟିଏ କରି ଶିଶୁ ପୁତ୍ରଟିକୁ ଲାଳନପାଳନ କରି ପାରନ୍ତି ।

ତେବେ ବରପ୍ରାପ୍ତିର ନିୟମ ହେଲା – (୧) ତିନିଟି ବର ଭିତରୁ ଗୋଟିଏ ମାଗିବାକୁ ହେବ । (୨) ରାତ୍ରିର ଶେଷ ପ୍ରହର ସୁଦ୍ଧା ଯେକୌଣସି ଗୋଟଏ ବର ମନାସିଲେ, ତାହା ଫଳବତୀ ହେବ । ରାତ୍ରିର ଶେଷ ପ୍ରହର ଗଡ଼ିଗଲେ, ବର ହାତଛଡ଼ା ହୋଇଯିବ । ଏହାପରେ ସନ୍ନ୍ୟାସୀ ଚାଲିଗଲେ ସେଠାରୁ ।

ରାତିହେଲା । ରାଜଜେମାଙ୍କ ଚିନ୍ତା ବଢ଼ିଗଲା । କେଉଁ ବରଟି ମାଗିବେ ! ଦେବଲୋକକୁ ଦେବକନ୍ୟା ହୋଇ ଯିବାକୁ ମନ ଉଚ୍ଛନ୍ନ ହେଲା ତାଙ୍କର । ଅଳକାପୁରୀଠାରୁ ଅମରାବତୀ ଯାଏଁ ସବୁ ସ୍ମୃତି ଥାକଥାକ ହୋଇ ଚଳମାନ ହେଲା ମନ ଗହୀରରେ । ଅସୁମାରି ଆନନ୍ଦରେ ମନ ଗହନ କୁରୁଳି ଉଠିଲା । ପୁଣି ଶିଶୁ ରାଜକୁମାରଙ୍କୁ ରାଜା ବେଶରେ ଦେଖିବାକୁ ମନ କୁତୁକୁତୁ ହେଲା । ଆଦ୍ୟ ଯୌବନର ସାବଲୀଳ ପିପାସା ସାରା ଶରୀରରେ ଉଚ୍ଚାଟନର ଲହଡ଼ି ଖେଳେଇଦେଲା । ପୁଣି ସ୍ୱର୍ଗପୁରୀର ଅମରାବତୀ ତାଙ୍କୁ ତୁଚ୍ଛ ମନେହେଲା । ନରଲୋକର ଆକର୍ଷଣରେ ସେ ଅଭିଭୂତ ହେଲେ କ୍ଷଣକ ପାଇଁ ।

ଏପଟରେ ରାଜଜେମା ଦେଖିଲେ, ଶିଶୁଟି କ୍ଷୀର ପିଇବା ପାଇଁ ବ୍ରହ୍ମାଣ୍ଡ କମ୍ପଉଛି । ତାଙ୍କ ପ୍ରାଣକନ୍ଦର ବାତ୍ସଲ୍ୟ ମମତାରେ ଭରି ଉଠିଲା ଆପେଆପେ । ନରଲୋକର ନୈସର୍ଗିକ ଆନନ୍ଦ ତାଙ୍କ ବନ୍ଧୁର ବୁକୁରୁ ଅମିୟଧାରା ହୋଇ ନିଗିଡ଼ି ପଡ଼ିବାକୁ ଉଦ୍ୟତ ହେଲା । ରାଜଜେମା ଏହିପରି ଭାବି ଚାଲିଛନ୍ତି । ରାତ୍ରିର ଶେଷ ପ୍ରହର ଉପଗତ ହେଲା । ଏହି ପହର ଗଡ଼ିଗଲେ, ଦେବ ସନ୍ନ୍ୟାସୀଙ୍କ ପ୍ରସ୍ତାବିତ ବର ଆଉ ଫଳବତୀ ହେବ ନାହିଁ । ****

ଅଜା ସେଇଠି ଅଟକିଗଲେ । କିଛି କହିଲେ ନାହିଁ । ଭାବିଲେ, କୁନକୁନି ନାତି ନାତୁଣୀମାନେ ତାଙ୍କ କଥିତ ଗପକୁ ବୁଝି ପାରୁନଥିବେ । ସେ ଭାବପ୍ରବଣ ହୋଇ ସରଳ ଗଳ୍ପଟିକୁ କ୍ଲିଷ୍ଟ କରି ସାରିଲେଣି । ସେ ସଂପୂର୍ଣ୍ଣ ସାହିତ୍ୟିଆ ଭାଷାରେ କହି ମାଡ଼ିଚାଲିଛନ୍ତି ଆଗକୁ । ସାନସାନ ନାତି ନାତୁଣୀଗଣ ସେ ଭାଷାକୁ ବୁଝୁଛନ୍ତି କି ନାହିଁ ସେଥକୁ ତାଙ୍କର ନିଘା ନାହିଁ । ହେଲେ ଅଜା ବୁଝି ନାହାନ୍ତି, ଗପର ଭାଷା ଯେତେ କ୍ଲିଷ୍ଟ ହେଲେବି ଯଦି ତାହା ହୃଦୟଗ୍ରାହୀ, ତେବେ ତାହାକୁ ଗ୍ରହଣ କରିବାରେ ଭାଷାର ପ୍ରାବଲ୍ୟ ବାଧକ ହୁଏ ନାହିଁ । ଆଜି ତାହା ପ୍ରମାଣ କରିଦେଲେ, ଅଜାଙ୍କର ସେହି କଷି ନାତି ନାତୁଣୀମାନେ ।

ଅଜା ସିନା ଅଟକିଗଲେ ଅଧାରୁ, ହେଲେ ନାତି ନାତୁଣୀମାନେ ଅଟକିଲେ ନାହିଁ । ଟୁକୁନା କହିଲା – "ଅଜା ! ସେ ରାଜକନ୍ୟା କ'ଣ ଦେବକନ୍ୟା ହେଇ ସ୍ୱର୍ଗକୁ ପଳେଇଲା ?" ଫୁକୁନା ପଚାରିଲା – "ଅଜାମ, ଏ ଅଜା ! ସେହି ସୁବର୍ଣ୍ଣ ଦେଶର ରାଜଜେମା ବିଦେଶୀ ରାଜକୁମାରଙ୍କୁ ବାହାହେଇ ତା'ର ରାଣୀ ହେଇ ରହିଲା ନା କ'ଣ ?" ଶିଲି ଆଖି ମିଟିମିଟି କରି କହିଲା –"ନାଇଁମ ଅଜା, ସେ ସାନ

ରଜାପିଲାଟି କେତେ ଧକେଇ କାନ୍ଦିଲା, ନୁହେଁ? ରଜାଝିଅ ତାକୁ ଟିକିଏ କ୍ଷୀର ଦେଇ କ'ଣ ତୁନି କରିପାରିଲାନି ?"

ଅଜା ଦୀର୍ଘଶ୍ୱାସ ଛାଡ଼ି କହିଲେ – "ରାତି ତ ପାହିଗଲା । ମାତ୍ର ସେ ରାଜଜେମା ତିନିଟି ବର ଭିତରୁ କେଉଁ ବରଟି ମାଗିଲା କେଜାଣି ? ଯାହାର ମନ ଯେଡ଼େ, ତାହାର ପ୍ରଭୁ ତେଡ଼େ । ତମର ଯାହାର ମନ ଯାହା ଡାକୁଛି, ସେ ରଜାଝୁଅ ସେହି ବର ମାଗି ନେଇଥିବ ପରା । ମୋତେ ଆଉ ପଚାରୁଛ କଣ ?"

❑❑❑

ଶ୍ରୀଯୁକ୍ତ ନୀଳାମ୍ବର ବିଶ୍ୱାଳ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗର ୧୯୭୭-୧୯୭୯ ବ୍ୟାଚ୍ ଛାତ୍ର । ଅଧ୍ୟାପନା ବୃତ୍ତିରୁ ସେବା ନିବୃତ୍ତ ହୋଇଥିବା ଶ୍ରୀଯୁକ୍ତ ବିଶ୍ୱାଳ ଦୀର୍ଘ ୧୪ ବର୍ଷ ହେଲା, 'ଓଡ଼ିଶା ଗଣିତ ସଂସଦ'ର ତ୍ରୈମାସିକୀ 'ଅଭିନବ ଗଣିତ ବିଚିତ୍ରା'ର ସମ୍ପାଦନା କରୁଥିବା ବେଳେ 'ଗଣିତ ସାହିତ୍ୟର ସାଧକ' ନାମରେ ଓଡ଼ିଶାର ଗଣିତ ବିଷାରଦମାନଙ୍କ ଜୀବନୀ ପୁସ୍ତକ ସଂଯୋଜନାରେ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କର "ଶତାବ୍ଦୀର ଶେଷଅଙ୍କ" ଗପବହି ଓ 'ଟିକି ଚିଠିଟି ମୋ କୁନିପୁଅକୁ' କବିତା ଗ୍ରନ୍ଥ ପ୍ରକାଶ ପାଇଛି । 'ଗଣିତ ଛୁଙ୍କ', 'ଅଜାଙ୍କ ଖ୍ରୀଷ୍ଟାବ୍ଦ ଶିକ୍ଷା', 'ଗଣିତ ମହୋତ୍ସବ' ଆଦି ଜନପ୍ରିୟ ଗଣିତ ବହି ତାଙ୍କର ପ୍ରକାଶ ପାଇଛି । ଏହା ବ୍ୟତୀତ ମାଧ୍ୟମିକ ଶ୍ରେଣୀ ପାଇଁ ଓଡ଼ିଆ ଭାଷାର ପ୍ରଥମ କମ୍ପ୍ୟୁଟର ପାଠ୍ୟପୁସ୍ତକ 'ଆସ ଶିଖିବା କମ୍ପ୍ୟୁଟର'ର ସହଯୋଗୀ ଲେଖକ ଦାୟିତ୍ୱ ତୁଲାଇଛନ୍ତି । ଏହି ସିରିଜରେ ମୋଟ୍ ୫ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ଲେଖକ ଓ ସମୀକ୍ଷକ ଭାବରେ ନିମ୍ନମାଧ୍ୟମିକ ଶ୍ରେଣୀ ପାଇଁ ତିନିଟି କମ୍ପ୍ୟୁଟର ପାଠ୍ୟପୁସ୍ତକ 'କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ' ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ । ପିଲାଙ୍କ ପାଇଁ 'ଆସ ଜାଣିବା କମ୍ପ୍ୟୁଟର' ତାଙ୍କର ଅନ୍ୟ ଏକ ପୁସ୍ତକ । ତାଙ୍କ ସହିତ ମୋବାଇଲ ନମ୍ବର ୯୯୩୭୯୪୮୬୬୪ରେ ଯୋଗାଯୋଗ କରାଯାଇପାରିବ ।

# ବନ୍‌ଫାୟାର

**ଏକତା ପଣ୍ଡା**



**ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ତରଫରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଳ୍ପ**

ଦିନଯାକ ବହଳ କୁହୁଡ଼ି ଆସ୍ତରଣ ପଛରେ ଡରିଡରି ଲୁଚି ରହିଥିବା ସୂର୍ଯ୍ୟଟି ଶେଷରେ ମରିମରି ଆସୁଥାଏ । ଏଇ ବୟସରେ ବିରେନ ପୂରା ଫୁର୍ତ୍ତି । ମନାଲିର ବରଫାବୃତ୍ତ ହିଲ୍ ଷ୍ଟେସନ୍‌ରେ ଥରଥର ଶୀତରେ ବି ସାନ୍ଧ୍ୟ ଭ୍ରମଣ କରିବାର ଅଦ୍ଭୁତ ନିଶାଟା ତାଙ୍କର ନିଆରା । ଶୂନଶାନ ସଡ଼କ ଉପରେ ମୁଣ୍ଡରୁ ଗୋଡ଼ ଯାଏଁ ଲମ୍ବିଥିବା ଓଭରକୋଟ୍‌ଟା ପିନ୍ଧି ଧୀରେଧୀରେ ଚାଲୁଥାନ୍ତି ବିରେନ । ହଠାତ୍ ପାଦ ପଡ଼ିଯାଏ କୌଣସି ଏକ ବସ୍ତୁ ଉପରେ । ତଳୁ ଗୋଟାଇ ଆଣି ଦେଖନ୍ତି ତ ଗୋଟାଏ ଭର୍ତ୍ତି ଗୋଲ୍ଡ ଫ୍ଲେକ ସିଗାରେଟ୍ ପ୍ୟାକେଟ । କେହି ଜଣେ ପଛରୁ କୁହେ, "ଏକ୍ସକ୍ୟୁଜ୍ ମି ସାର୍, ୟେ ମେରା ହୈ ।" ବିରେନ୍ ଆଉ ପଛକୁ ନ ବୁଲି ତାଙ୍କୁ ଧରାଇ ଦିଅନ୍ତି ସିଗାରେଟ୍ ପ୍ୟାକେଟ୍‌ଟିକୁ, ଆଉ ସେ ତତ୍‌କ୍ଷଣାତ୍ ପ୍ୟାକେଟ୍‌ଟି ନେଇଯାଇ ବିରେନ୍‌ଙ୍କୁ ଅତିକ୍ରମ କରିଯାଆନ୍ତି । କିନ୍ତୁ ଯେ ତ ଝିଅଟେ ! "ଅତ୍ୟାଧୁନିକତାର ଚରମସୀମାର ରୂପରେଖ କଳ୍ପନା କଲାବେଳକୁ ମନ ଭୀତତ୍ରସ୍ତ ହୋଇ ଉଠୁଛି"- ହଠାତ୍ ପାଟିରୁ ବାହାରି ପଡ଼େ ବିରେନଙ୍କର ।

ତିନି ରାଉଣ୍ଡ ଚାଲି ସାରିବା ପରେ ଆଉ ଏବେ ବୟସ ସାଥ୍ ଦେଉନି । ଅଟକିଯାଆନ୍ତି ବିରେନ ସେଇ ହିଲ୍ ଷ୍ଟେସନ ଉପରେ । ଦୂର ଦିଗ୍‌ବଳୟରେ ମଲା ସୂର୍ଯ୍ୟଟା ମଳିନ ଦିଶୁଥାଏ । ଅପୂର୍ବ ଦିଶୁଥାଏ ପାଇନ୍ ଗଛ ଉପରେ ବହଳିଆ ବରଫର ଆସ୍ତରଣ । ଅକସ୍ମାତ୍ ସିଗାରେଟ୍‌ର ତୀବ୍ର ଗନ୍ଧ, କୁହୁଡ଼ିର ଘନ ଆସ୍ତରଣକୁ ହରାଇ ବ୍ୟସ୍ତ ବିବ୍ରତ କରିଦିଏ ତାଙ୍କ ନାସାରନ୍ଧ୍ରକୁ । ପ୍ରାକୃତିକ ଦୃଶ୍ୟପଟ୍ଟର ସୌନ୍ଦର୍ଯ୍ୟରୁ ଆଖି ହଟାଇ ଦେଖନ୍ତି ତ ଅନ୍ୟ ଏକ ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର । ପାଉଁଶିଆ ରଙ୍ଗର ଏକ ସ୍ୱେଟରରେ ଆବୃତ ହୋଇଥିବା ଅନ୍ୟ ଏକ ଆକାଶ । ରୁକ୍ଷ କେଶ ଲମ୍ବିଛି ସ୍କନ୍ଧ ପର୍ଯ୍ୟନ୍ତ । ଚେହେରାରେ ଅଦ୍ଭୁତ ଗାମ୍ଭୀର୍ଯ୍ୟ । ସଫେଦ ସିଗାରେଟର ସ୍ପର୍ଶଟା ସେ ରକ୍ତିମ ଓଠରେ ବାଜିଲା ମାତ୍ରେ ପାଟିରୁ ବାହାରୁଛି ମୋଟା ଧୂଆଁ ଆଉ ଯାଇ ଲୀନ ହୋଇଯାଉଛି ଧୂଆଁଳିଆ ଆକାଶ ବକ୍ଷରେ ।

ଯେ ତ ସେଇ ଝିଅ, ଯାହା ସହ ଏଇ କିଛି ସମୟ ପୂର୍ବରୁ କିଛି କ୍ଷଣ ପାଇଁ ସାକ୍ଷାତ ହୋଇଥିଲା । ସେଇ 'ଅତ୍ୟାଧୁନିକା' କିନ୍ତୁ ଚେହେରାଟା ଯେ ଚିହ୍ନିଲା ଚିହ୍ନିଲା ପରି ମନେ ହେଉଛି । ଆହୁରି ନିକଟରୁ ନୀରିକ୍ଷଣ କରିବାକୁ ଚେଷ୍ଟା କରୁଥାନ୍ତି ବିରେନ । କିନ୍ତୁ ସେ ତୀକ୍ଷ୍ଣ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚାହାଣୀ ତାଙ୍କୁ କରେଇଦିଏ ସନ୍ତ୍ରମ ଓ ସେ ତଡ଼ିତ୍ ବେଗରେ ସ୍ଥାନ ଛାଡ଼ି ଚାଲି ଆସନ୍ତି ।

ଗେଷ୍ଟ ହାଉସ୍‌ର ପଞ୍ଚମ ମହଲାଟି ଭରି ଯାଇଥାଏ ତିଳତିଳ ଜଳୁଥିବା ଧୂପର ସୁଗନ୍ଧରେ । "ଆଃ ଚିତ୍ରା ! ତୁମେ ମୋ ନିରସ ଜୀବନରେ ମହକ ଭରି ଦେଇଛ । କିଏ ଜାଣିଥିଲା ଇଂଜିନିୟରିଂ ଛାଡ଼ି ଫିଲୋସୋଫି ଲାଇନ୍‌ରେ ଆସିବା ପଛରେ ଭଗବାନଙ୍କର ଉଦ୍ଦେଶ୍ୟ ତୁମେ ଥିଲ ବୋଲି ? ଚିତ୍ରଲେଖା, ୧୯୮୮ ବ୍ୟାଚ୍ ଫ୍ରେଶର୍ସ୍ ନାଇଟ୍‌ର ମୁଖ୍ୟ ଆକର୍ଷଣ ! ସେତେବେଳେ ମାତ୍ର ୧୬ କି ୧୭ ବର୍ଷ ହୋଇଥିବ । ସେଦିନ ଆମେ ଖୁବ୍ ଅପରିଚିତ ଥିଲେ । ସେ ପର୍ପଲ୍ ଗାଉନ୍‌ରେ ସେ ଖୁବ୍ ସମ୍ଭ୍ରାନ୍ତ ଦେଖାଯାଉଥିଲା । ଉନ୍ମୁକ୍ତ କେଶ ଲମ୍ବିଥାଏ ଅଣ୍ଟା ପର୍ଯ୍ୟନ୍ତ । କେତେବେଳେ ଆସି ଆବୃତ କରିଦିଏ ସେ ଚେହେରାକୁ ଅନେକ ଆଶାୟୀ ଆଖିରୁ ତ କେତେବେଳେ କାଳସର୍ପ ପରି ଗୁଡ଼ାଇ ହୋଇଯାଏ ଧଳା ଗୋଲାପି ମାଳିର ହାର ଝୁଲିଥିବା ସେ ନାତିଲମ୍ବ ବେକରେ । ଓଃ ସେ ଚେହେରା ! ଆଜି ବି ଦୀର୍ଘ ତିରିଶ ବର୍ଷ ପରେ ଅକ୍ଷୁଣ୍ଣ...." ।

"ବାସ୍ ବାସ୍ ଦାର୍ଶନିକ ବାବୁ । ଦାର୍ଶନିକରୁ ଆଉ କବି ସାଜିଯାଅନି ତୁମେ । ମୋର ମୁଣ୍ଡ ଯେତିକି ଖରାପ ଅଛି, ଆହୁରି ହେଇଯିବ ।" ସକାଳୁ କାର୍ଯ୍ୟବ୍ୟସ୍ତତାର ପ୍ରତୀକ ସାଜିଥିବା ସେ ଢିଲା ଖୋସାଟାକୁ ଟିକେ ସଜାଡୁ ସଜାଡୁ କହୁଥିଲା ଚିତ୍ରଲେଖା । "ହେଇ ଦେଖ, ତମ କଥାବାର୍ତ୍ତାରେ ମୁଁ ଭୁଲିଗଲିଣି । ନିଅ..." ଟିପୟ ଉପରେ ଗୋଟିଏ ପ୍ଲେଟ୍ ଉପରୁ ଘୋଡ଼ଣୀ କାଢ଼ି ସେଥିରେ ଥୁଆ ହୋଇଥିବା ସଦ୍ୟ ପ୍ରସ୍ତୁତ କେକ୍‌ରୁ ଖଣ୍ଡେ ଆଣି ଖୁଆଇ ଦିଅନ୍ତି ଚିତ୍ରା ବିରେନଙ୍କୁ । "ହମ୍ମମ୍......ଡେଲିସିଅସ୍ ! ହାପି ଆନିଭର୍ସାରି ମାଇଁ ଲେଡି । ମୋ ହର୍ତା-କର୍ତ୍ତା-ଦୈବ ବିଧାତା !" କହି ଠୋ ଠୋ ହସିବାକୁ ଲାଗିଲେ ବିରେନ । ଚିତ୍ରା ମଧ୍ୟ ତାଙ୍କୁ ଜୋର୍‌ରେ ବାଡ଼େଇ ଦେଇ ହସ ମିଶା ବିରକ୍ତି ପ୍ରକାଶ କରି କହିଲେ, "ଏତେ ବୁଢ଼ା ହେଲା ପରେ ବି ଥଟ୍ଟା ମଜା ତମର ଛାଡ଼ିବନି । ମୁଁ ତମର ଦୈବ ବିଧାତା ନା ! ସତେ ମୋର ସବୁ କଥା ମାନିଛ !"

ବିରେନ୍ ହଠାତ୍ ଗମ୍ଭୀର ହୋଇଯାଆନ୍ତି । ଚିତ୍ରାଙ୍କୁ ପାଖକୁ ଭିଡ଼ି ଆଣି କୁହନ୍ତି, "ସତରେ ଚିତ୍ରା ! ଏ ଦୀର୍ଘ ପଚିଶ ବର୍ଷ ଭିତରେ କଣ ମୁଁ କେବେ ତୁମ କଥା ମାନିନି ? କେବେ ତୁମର ଇଚ୍ଛାକୁ ସମ୍ମାନ ଦେଇନି ?" ବିରେନ୍‌ଙ୍କ ପ୍ରଶ୍ନରେ ଚିତ୍ରା ଏକ ଉତ୍ତର ନ ଆସୁଥିବା ଛାତ୍ରୀ ପରି ହଠାତ୍ ନୀରବ ହୋଇଯାଆନ୍ତି । ବିରେନଙ୍କ ବାହୁ ବନ୍ଧନରୁ ନିଜକୁ ବାହାର କରିନେଇ ଚାଲିଯାଆନ୍ତି କିଚେନ୍ ଭିତରକୁ ।

ସତରେ କଣ ବିରେନ ମୋତେ କେବେ କୌଣସି କଥାରେ ବାଧ କରିଛନ୍ତି ? ସେ ମୋତେ କେତେ କ'ଣ ଦେଇଛନ୍ତି । କିନ୍ତୁ ତାଙ୍କର ଏତେ ନିଃସ୍ୱାର୍ଥ, ନିଃସର୍ତ୍ତ ପ୍ରେମର ପ୍ରତିବଦଳରେ ମୁଁ ତାଙ୍କୁ କଣ ଅବା ଦେଇପାରିଛି ? ପଚିଶ ବର୍ଷ ହେଲାଣି ଅପୁତ୍ରିକ ହୋଇ ରହିଥିଲେ ମଧ୍ୟ ବିରେନ ଥରେ ହେଲେ ମତେ ଏ ବିଷୟରେ କିଛି ପଚାରି ନାହାନ୍ତି । କିନ୍ତୁ ଆଜି ବି ତାଙ୍କ ପ୍ରେମରେ ଊଣା ହୋଇନାହିଁ ।

ଥରେ ଥରେ ଚିତ୍ରା ଭାବନ୍ତି- ବିରେନ୍‌ଙ୍କୁ ବି କିଛି ଦେବା ପାଇଁ । ସେ ଅଫିସରୁ ଆସିବା ପୂର୍ବରୁ ଚିତ୍ରା ଆଲମାରୀ ତଳ ଥାକରୁ ପୁରୁଣା ଚିପା ଲାଲ୍ ଗାଉନ୍‌କୁ ପିନ୍ଧନ୍ତି । ସେ ଲୋ ନେକ୍ ଡ୍ରେସ୍‌ରେ ତାଙ୍କର ଉତ୍ତୀର୍ଣ୍ଣ ଯୌବନ ଆହୁରି ଅଧିକ ତାଙ୍କୁ ଈର୍ଷା କରି ବସେ । ତାଙ୍କର ସେ ଗୌରବର୍ଣ୍ଣ ଚେହେରା ଉପରେ ଆହୁରି ଅଧିକ ପ୍ରଲେପ ବୋଳି ହୋଇଯାଏ । ଲାଲ୍ ଅଧରକୁ ଆହୁରି ଅଧିକ ରକ୍ତିମ କରିପକାଏ । କିନ୍ତୁ ଛାତି ଭିତରଟା ଯେ କ'ଣ ହୋଇଯାଉଥାଏ । ବୟସଟା ସତେ ଯେମିତି ବାରମ୍ବାର ଧମକ ଦେଉଥାଏ । ବିରେନ ଯେତେବେଳେ ଅଫିସ୍‌ରୁ ଫେରନ୍ତି, ଚିତ୍ରା ତାଙ୍କୁ ଦେଖି ରକ୍ତାଭ ଚେହେରାରେ ସାମାନ୍ୟ ଲାଜମିଶା ହସଟିଏ ଉପହାର ରୂପେ ପ୍ରସ୍ତୁତ କରିଦିଅନ୍ତି । କିନ୍ତୁ ଛାତି ଭିତରେ ଧକ୍‌ଧକ୍‌ଟା ଆହୁରି ଜୋର୍‌ରେ ବଢ଼ି ଚାଲିଥାଏ । ସତେ ଯେମିତି ହିଂସ୍ର ସିଂହଟା କେଉଁ ଏକ ଅଜଣା ଦୋଷରେ ତାଙ୍କର ଛାତି ଭିତରଟାକୁ ତୀକ୍ଷ୍ଣ ନଖମୁନରେ ବିଦାରି ପକାଉଥାଏ । ଏମିତି ମନେହୁଏ ଏବେ ହିଁ ହଠାତ୍ ଠକ୍ କରି ବନ୍ଦ ହୋଇଯିବ ସେ ତୀବ୍ର ଧକ୍‌ଧକ୍‌ଟା, ଆଉ ଚିତ୍ରଲେଖା ସାଜିଯିବେ ଏକ ସୁସଜ୍ଜିତ ନିର୍ଜୀବ ଚିତ୍ରଟିଏ । ବିରେନ କବାଟ ପାଖରେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରୁହନ୍ତି । ତାଙ୍କର ସୁଡ଼ୌଳ ବକ୍ଷୋଜର ବେଶ୍ ପ୍ରତୀୟମାନ ଭାଙ୍ଗକୁ ଦେଖି ଟିକିଏ ହସି ଦିଅନ୍ତି । ଧୀରେଧୀରେ ତାଙ୍କ ନିକଟକୁ ଆସି ମଥାରେ ଆଙ୍କି ଦିଅନ୍ତି ଗାଢ଼ ଚୁମ୍ବନ ଓ ଚୁପ୍‌ଚାପ୍ ଯାଇ ଶୋଇପଡ଼ନ୍ତି ବାଲକୋନି କାଉଚ୍ ଉପରେ । ଚିତ୍ରାଙ୍କର ସ୍ପନ୍ଦନଟା ଧୀରେ ଧୀରେ ହ୍ରାସ ପାଇବାକୁ ଲାଗେ । ଓଃ... ! ଶାନ୍ତିର ଏକ ଦୀର୍ଘଶ୍ୱାସ ନିଅନ୍ତି ଚିତ୍ରା ଓ ଚୁପ୍‌ଚାପ୍ ପୋଷାକ ବଦଳାଇ ପ୍ରସାଧନ ସବୁ ଲେସି ଦେଇ ଶୋଇପଡ଼ନ୍ତି ବିଛଣା ଉପରେ ।

ଚିତ୍ରା କିଚେନ୍‌କୁ ଚାଲିଯିବା ପରେ ବିରେନ୍ ଠିକ୍ ବୁଝିପାରିଲେ ତାଙ୍କ ପ୍ରଶ୍ନରେ ଚିତ୍ରା ଉଦାସ ହୋଇଯାଇଛନ୍ତି । ସେ କିନ୍ତୁ ମଜାର ପରିବେଶ ଫେରାଇ ଆଣିବା ପାଇଁ ପୁଣି କଲେଜ୍ ସ୍ମୃତି ରୋମନ୍ଥନ କରିବାକୁ ଲାଗିଲେ । "ତୁମର ମନେ ଅଛି ଚିତ୍ରା, ସେଦିନ ଫ୍ରେଶର୍ସ ନାଇଟ୍‌ରେ ଦୀପକ୍‌କୁ ସିନିୟରମାନେ କେତେ ରାଗିଂ କରିଥିଲେ । ବିଚରା ପୂରା ହନ୍ତସନ୍ତ ହୋଇ ଯାଇଥିଲା । ଆଉ ତୁମର ମନେ ଅଛି, ତୁମକୁ କେତେ ଜଣ ସିନିୟରର ଖରାପ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ । ଆଉ ସେତେବେଳେ ଉପାସନା ଦତ୍ତ ତାଙ୍କୁ ଜୋର୍‌ରେ

ଜାବଡ଼ା ମାରିଥିଲା । ... ଉପାସନା ... !" କହି ଅଟକି ଯାଆନ୍ତି ବିରେନ୍ । ସତେ ଯେମିତି ଉପାସନା ନାମର ସ୍ମୃତିରେ ଅଟକି ଯାଏ ସବୁ ସମୟ । ସେଦିନ ରାତିରେ ବିରେନ ଭାରି ଗମ୍ଭୀର ଜଣାପଡୁଥିଲେ । କାହାକୁ କିଛି ନକହି ଚିରାଚରିତ ସମୟ ଆଗରୁ ଶୋଇପଡ଼ିଥିଲେ ।

"ଉପାସନା, ମନାଲିରେ ? ଆଜି ଯେମିତି ହେଲେ ତା' ସହ ଦେଖା ହେବାକୁ ହେବ ।" କହି ଜୋର୍‌ଜୋର୍ ପାଦ ପକାଇ ଚାଲିଥିଲେ ବିରେନ ଭୋର୍‌ଭୋର୍‌ରୁ । ଘନ କୁହୁଡ଼ିର ଆସ୍ତରଣ ଭିତରେ କିଛି ଦେଖାଯାଉନଥାଏ । ତଥାପି ଉପାସନାର ଏକାଗ୍ର ଉପାସକ ସାଜି ସେ ପାହୁଣ୍ଡ ପରେ ପାହୁଣ୍ଡ ପକାଇ ଚାଲିଥିଲେ । କାଲି ପରି ଠିକ୍ ସେଇ ସମାନ ସ୍ଥାନରେ ଗୋଡ଼କୁ ଗୋଡ଼ ଛନ୍ଦି ଠିଆ ହୋଇଥାଏ ଉପାସନା, ଦୁଇ ଆଙ୍ଗୁଳିରେ ଚାପି ଧରିଥାଏ ଅଧାଜଳା ସିଗାରେଟ୍ ଓ ପାଟିରୁ ବହଳ ଧୂଆଁ ।

- "ଉପାସନା ! ଉପାସନା ଦତ୍ତ ନା ଆପଣ ?"

- "ୟେସ୍, ଆପଣ ଓଡ଼ିଆ ? ବାଏ ଦ ୱେ କାଲିର ସିଗାରେଟ୍ ପାଇଁ ଧନ୍ୟବାଦ । କିନ୍ତୁ ଆପଣ ମୋ ନାଁ ଜାଣିଲେ କେମିତି ?"

- "ତୁମେ କ'ଣ ମୋତେ ସତରେ ଚିହ୍ନିପାରୁନ ? ବିରେନ ! ଅଶୋକା ଆର୍ଟ୍ସ କଲେଜ, ୧୯୮୮ ।"

- " ବିରେନ୍ ମହାପାତ୍ର ! ଓଃ ମାଇଁ ଗଡ୍ ... ଏତେ ଦିନ ପରେ ! ତୁମେ କେମିତି ଅଛ ଓ ଏଠି କିପରି ?"

ଏଇ ଭିତରେ କେତେବେଳେ ଯାଇ ଦୁହେଁ ରାସ୍ତାକଡ଼ ବେଞ୍ଚରେ ପାଖାପାଖି ବସି ଯାଇଥିଲେ ତାହା ସେମାନଙ୍କୁ ମଧ୍ୟ ଅଜଣା ।

- "ମୋର ଅଫିସ୍ ବସ୍ ଏଠାକୁ ମୋତେ ପଠାଇଛନ୍ତି କିଛି କାମ ପାଇଁ । ତୁମ କଥା କୁହ ବିରେନ୍ ... କେମିତି କଣ ସବୁ ଚାଲିଛି ?"

- "ମୁଁ ମୋର ପଚିଶତମ ଆନିଭର୍ସାରି ମନେଇବାକୁ ୱାଇଫ୍ ସହ ଆସିଛି ।"

- "ଓଃ ଆଇ ସି ! ୟୁ ଆର୍ ମ୍ୟାରେଡ୍ ଦେନ୍ । ଭଲ କଲ ଅବଶ୍ୟ । କଲେଜ୍ ବେଳର ପ୍ରେମ ଫ୍ରେମ ଛାଡ଼ି ଏବେ ସଂସାର ଚଳାଉଛ ।"

- "ଆଉ ତୁମେ ?"

- "ନା, ମୋର କ'ଣ ? ମୁଁ ଏକା ହିଁ ଖୁସିରେ ଅଛି ।"

ବିରେନ୍ ଛାତିଟା ଧଡ୍ କରି ହୋଇଗଲା । ତାକୁ ନିଜକୁ ଦୋଷୀ ଦୋଷୀ ଲାଗିଲା । ଉପାସନା ଏତେ ଦିନ ଯାଏଁ ଆଗକୁ ବଢ଼ିପାରିନି ! ତା' ଜୀବନରେ ଏଇ ଏକଲାପଣର ଏକମାତ୍ର ଦାୟୀ ବିରେନ୍ ନିଜେ ହିଁ ।

-"ମୁଁ ଏଇ ସୋଲାଙ୍ଗ୍ ଭ୍ୟାଲି ଗେଷ୍ଟ ହାଉସ୍‌ରେ ରହୁଛି । ତୁମେ ଆସ ଆଜି ସନ୍ଧ୍ୟାରେ । ଏମିତିରେ ମୋ ଧର୍ମପତ୍ନୀଙ୍କ ସହ ବି ସାକ୍ଷାତ ହୋଇଯିବ ।" ଏତିକି କହିଦେଇ ଉପାସନାଠାରୁ ଆଉ କୌଣସି ଉତ୍ତରର ଆଶା ନରଖି ପଳାୟନ କରେ ବିରେନ । ତଥାପି ମନ ଭିତରେ ଉଙ୍କି ମାରୁଥାଏ ଅନେକ ଆଶା, ଅନେକ ଆଶଙ୍କା ! ! ମୁଁ କ'ଣ ଠିକ୍ କରୁଛି ? ଉପାସନା ସହ ନ୍ୟାୟ କରିଛି ? ଚିତ୍ରଲେଖା ସହ ଭୁଲ୍ କରୁନି ? ନିଜ ସହ ଅନ୍ୟାୟ କରୁନି ? ଅବଶ୍ୟ ସେହି ସନ୍ଧ୍ୟାରେ ଗେଷ୍ଟ ହାଉସ୍ ଛାଡ଼ି ବିରେନ ଚାଲିଯାଇଥାଆନ୍ତି ସାଙ୍ଗ ଘରକୁ ।

-"ଚିତ୍ରଲେଖା !" କବାଟ ପାଖରୁ ଭାସି ଆସେ । ଚିତ୍ରା କବାଟ ପାଖରେ ନିଶ୍ଚଳ ହୋଇ ଠିଆ ହୋଇଥାଏ । କିନ୍ତୁ କିଛି କ୍ଷଣ ପରେ ପ୍ରକୃତିସ୍ଥ ହୋଇ ଦୋଦୋଚିହ୍ନା ହେବାର ଅଭିନୟ କରେ ! ଉପାସନା କିନ୍ତୁ ଗଦଗଦ ହୋଇ କୁହେ,"ମୋତେ ଚିହ୍ନିପାରୁନୁ ?"

-"ହଁ, ମାନେ ନା, ଉପାସନା ନା ? ଆକ୍‌ଚୁଆଲି ଏତେ ବର୍ଷ ପରେ ହଠାତ୍ ଏମିତି ଆଶା କରିନଥିଲି । ବୀର୍ କହୁଥିଲେ ତାଙ୍କ ସାଙ୍ଗ ଆସୁଛନ୍ତି । କିନ୍ତୁ ସେ ତୁମେ ବୋଲି ଭାବିନଥିଲି ।"

-"ବୀର୍ !"....ସାମାନ୍ୟ ତାଚ୍ଛଲ୍ୟ ଭରା ସ୍ମିତହାସ୍ୟଟିଏ ଦିଏ ଉପାସନା । ମନେପଡ଼ିଯାଏ ସ୍କୁଲ ସମୟରେ ଚିତ୍ରଲେଖାର ତାକୁ "ଉପୁ-ଉପୁ" ସମ୍ବୋଧନଟା ଆଉ ଆଜି "ତୁମେ" ! ଦୀର୍ଘ ବର୍ଷ ପରେ ଦେଖା ସାକ୍ଷାତ ହୋଇଥିବା ଦୁଇ ବନ୍ଧୁ ପରସ୍ପରକୁ ଆଲିଙ୍ଗନ କରିବା ପାଇଁ

ବୋଧହୁଏ ସମୟ ଅପେକ୍ଷା କରି ରହିଥାଏ । କିନ୍ତୁ ...! ସେତେବେଳେ ମନେପଡ଼େ କେମିତି କଲେଜ୍ ସମୟରେ ପରସ୍ପର ସହ ଆଖି ମିଳାଇ ଘଣ୍ଟାଘଣ୍ଟା ଚାହିଁ ପାରୁଥିଲେ । କିନ୍ତୁ ଆଜି ସେ ଆଖି ବୋଧହୁଏ ଶକ୍ତିହୀନ ।

ଚିତ୍ରା ଉପାସନାଙ୍କୁ ରୁମ୍ ଭିତରକୁ ଡାକନ୍ତି । କିନ୍ତୁ ଉପାସନା ହାତ ଠାରନ୍ତି ବାଲକୋନି ଆଡ଼କୁ । ଖୋଲା ଆକାଶ ତଳେ ଗୋଟିଏ ପଟେ ଚନ୍ଦ୍ର ଓ ତାରାମାନଙ୍କର ଖୋଲା ଧମକ୍ ତ ପଛପଟେ ନିଅନ୍ ବତିର ସୁରକ୍ଷା ପାଇଁ ଆମନ୍ତ୍ରଣ । ତଥାପି କିଛି ନ କହି ଚୁପଚାପ ଦୁହେଁ ବାଲକୋନିକୁ ଚାଲିଯାନ୍ତି । ସେହି ମିଞ୍ଜିମିଞ୍ଜି ଜ୍ୟୋସ୍ନା ଆଲୁଅରେ ଉପାସନା ଦେଖନ୍ତି, ତିଳେ ମାତ୍ର ବଦଳିନାହିଁ ଚିତ୍ରା । ଯାହା ଟିକେ ବୟସ ବୃଦ୍ଧି ଯୋଗୁଁ ଅଳ୍ପ ମୋଟା ହେଇଯାଇଛି । ତଥାପି ତା' ଆଖିକୁ ସବୁବେଳେ ଆକର୍ଷିତ କରୁଥିବା ଚିତ୍ରାର ସେ ଲମ୍ବା କେଶ ଆଜି ବି ଠିକ୍ ସେମିତି ସତେଜ; ସତେ ଯେମିତି ଭୁଲିନି ସେ ଉପାସନା ହାତର ସେ ସଜ୍ଜାକୁ । ଜଣାନାହିଁ ସ୍କୁଲ୍ ସମୟରେ କେତେ ଥର ଆଙ୍କିଛି ଉପାସନା ଚିତ୍ରଲେଖାର ଘନ କେଶରେ କେତେ ଯେ ଚିତ୍ର ଆଉ ସେ ଚିତ୍ର ସବୁ ଏବେ ବି ବଖାଣୁଛି ଅନେକ କାହାଣୀ । ଅନେକ ମୃତ କାହାଣୀ ! ତାର ସେ ମୋଟା ବେଣୀର ପ୍ରତିଟି ଗଣ୍ଠି ଏବେ ବି ଜୋର୍ ଜବରଦସ୍ତି ବାନ୍ଧି ରଖିବାକୁ ଚାହୁଁଛି ମୃତ କାହାଣୀର ଆତ୍ମାସବୁକୁ ।

ଉପାସନା ଚିତ୍ରାର ଖୁବ୍ ପାଖକୁ ଆସି ପଚାରନ୍ତି, "ଭଲ ଅଛୁ ?" ଚିତ୍ରା ମୁହଁ ଫେରାଇ ନେଇ ମୁଣ୍ଡ ଟୁଙ୍ଗାରନ୍ତି । ମନେହୁଏ ଯେମିତି ଏଇ ଖୋଲା ଆକାଶ ତଳେ ପ୍ରତ୍ୟେକଟି ବସ୍ତୁ ତାଙ୍କୁ ନୀରିକ୍ଷଣ କରୁଛନ୍ତି । ତାଙ୍କ ପାପପୁଣ୍ୟର ହିସାବ କିତାବ କରୁଛନ୍ତି । କାହିଁ ଆଗରୁ ତ କେବେ ଏ ଖୋଲା ଆକାଶ ସେସବୁକୁ ଅପରାଧ ବୋଲି କହିନଥିଲା । କିନ୍ତୁ ଆଜି କାହିଁକି ସେ ଆଖି ମିଶାଇ ପାରୁନି ଉପାସନା ସହ ? ଆଜି କାହିଁକି ଏ ନକ୍ଷତ୍ରମଣ୍ଡଳ ତାକୁ ଏକ ଜଘନ୍ୟ ଅପରାଧୀ ସଜାଇ କାଠଗଡ଼ାରେ ଠିଆ କରାଇଛନ୍ତି ?

-"ବିରେନ୍‌କୁ ତୁ ବାହା ହୋଇଛୁ ?"

ଚିତ୍ରା ଆଖି ଦୁଇଟାକୁ ବୁଜି ଦେଇ ମୁଣ୍ଡ ଟୁଙ୍ଗାରି ହଁ ଭରନ୍ତି । ପୁଣି ଉପାସନାଙ୍କୁ ଚାହିଁ ତରତର ହୋଇ କହି ପକାନ୍ତି, "ସେ ମୋତେ ଭଲ ପାଉଥିଲେ ବୋଲି ମୁଁ ଜାଣିନଥିଲି; ତାଙ୍କ ପ୍ରେମ ନିବେଦନକୁ ବି ମନା କରି ଦେଇଥିଲି ।"

"କିନ୍ତୁ ମୁଁ ଜାଣିଥିଲି" । ଉପାସନାର ଏହି କଥା ଶୁଣି ଚିତ୍ରା ଚୁପ୍ ହୋଇଯାଆନ୍ତି । ପୁଣି କିଛି କ୍ଷଣ ପରେ କୁହନ୍ତି, "ତାଙ୍କ ଘରେ ପ୍ରସ୍ତାବ ନେଇ ଆସିଥିଲେ । ମୋ ପାଖରେ ଅନ୍ୟ କୌଣସି ଚଏସ୍ ବି ନଥିଲା ।"

ଉପାସନା ଏବେ ଜୋର୍‌ରେ ହସିବାକୁ ଲାଗିଯାଆନ୍ତି । ଚିତ୍ରା ପଚାରନ୍ତି, "ତୁ ଏବେ କ'ଣ କରୁଛୁ ?"

- "କଲେଜ୍‌ରୁ ରଷ୍ଟିକେଟ୍ ହେବା ପରେ ମାଆ ବାବା ବି ଆଉ ସାଥ୍ ଦେଲେନି । ସେମାନେ ବି ଶାନ୍ତିର ବାଟ ଖୋଜିନେଲେ । ଆଉ ଏବେ ମୁଁ ଏ ବିଶାଳ ଦୁନିଆ ଭିତରେ ଶାନ୍ତି ଖୋଜୁଛି । ଅବଶ୍ୟ କମ୍ପାନୀ ଜବ୍ କରୁଛି ।"

କିଛି ସମୟ ଦୁହେଁ ନୀରବରେ ବସି ରହିଲେ । ମୃଦୁ ମଳୟ ପବନର ପ୍ରଶ୍ନୋତ୍ତର କାଳାଂଶ ଭିତରେ ଚିତ୍ରା ଖୁବ୍ ସାହସ ଜୁଟାଇ ପଚାରି ଦେଲା, "ବାହା ହେଇଛୁ ?"

- "ନା, ମୋ ପାଖରେ ଚଏସ୍ ଥିଲା; ଏକା ରହିବାର ... ଆଶା ନଥିଲେ ବି ଅପେକ୍ଷା କରିବାର ।" ପୁଣି ଉଭୟ ଚୁପ୍ !

କିଛିକ୍ଷଣ ପରେ ଏହି ନୀରବତା ଅସହ୍ୟ ହେବାରୁ ଉପାସନା ଚିତ୍ରାଙ୍କୁ ପାଖକୁ ଭିଡ଼ି ଆଣି କୁହନ୍ତି,"ଚିତ୍ରା, ତୁ କ'ଣ ସତରେ ସବୁ ଭୁଲିଗଲୁ ? ମୋତେ ଅପେକ୍ଷା କରିପାରିଲୁନି ? ନା ସମାଜର ନୀତି ନିୟମ ଭିତରେ ନିଜତ୍ୱକୁ ବାଜି ଲଗାଇ ଦେଲୁ ?" ଓଃ ସେ ସ୍ପର୍ଶ ! ଚିତ୍ରାଙ୍କ ସମଗ୍ର ଶରୀରରେ ବିଦ୍ୟୁତ୍ ପ୍ରବାହିତ ହୋଇ ଉଠେ । ଏ ମୃଦୁ ମଳୟ ଶୀତଳତା ଭିତରେ ଶରୀରରେ ଉଷ୍ମତା ଭରିଦିଏ, ହୃଦୟ ରୋମାଞ୍ଚିତ ହୋଇଉଠେ । ଏ ସ୍ପର୍ଶ ତିଳେ ମାତ୍ର ବଦଳିନି । ସେ ଠିକ୍ ବାରିପାରେ । କୈଶୋରର ଆଦ୍ୟାବସ୍ଥାରେ ଉଭୟ ଉଭୟଙ୍କ ଶରୀର ସହ ଅନେକ ପରୀକ୍ଷଣ କରିବା, ପାଖାପାଖି ବସିବା, ଖେଳ ବାହାନାରେ ପରସ୍ପରର ପାଖରେ ରହିବା, ପରସ୍ପରର ପ୍ରତିଟି ଛୋଟଛୋଟ କଥାର ଯତ୍ନ ନେବା, ଆଉ ପରିଶେଷରେ କଲେଜ୍ ସମୟରେ ହଷ୍ଟେଲ୍‌ରେ ଗୋଟିଏ ରୁମ୍‌ରେ ତିନି ମାସ ... କେମିତି ବାରିପାରିବନି ସେ ଛୁଆଁକୁ !

ଉପାସନାର ଅନେକ ଧମକ୍ ପରେ ମଧ୍ୟ ଚିତ୍ରାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ସେଦିନ ସିନିୟରମାନେ ସାହସ କରିଥିଲେ ଶେଷଥର ପାଇଁ ସେ ନିଆଁରେ ପତଙ୍ଗ ପରି ଝାସ ଦେବାକୁ । କିନ୍ତୁ ଉପାସନା ମାର୍‌ପିଟ୍ କରି ସେମାନଙ୍କୁ ଗୁରୁତର ଆହତ କରିବା ପରେ,

ଉପାସନାର ସରିଯାଇଥିଲା ଚିତ୍ରା ସହ ଦେଖା ସାକ୍ଷାତ । ବାସ୍ ସେଦିନ ପରଠାରୁ ଆଉ ଏ ସ୍ପର୍ଶ ସେ କେଉଁଠାରୁ ପାଇନାହିଁ । କେମିତି ବା ଭୁଲିପାରିବ ସେ !

କିନ୍ତୁ ଆଜି ଏତେ ବର୍ଷ ପରେ ସେ ଉଇଲଗା ସ୍ମୃତି ସବୁ କେମିତି ସତେଜ ହୋଇ ଆସୁଛି ! ଉପାସନାର ସେ ଗଭୀର ଆଖିର ଲେନ୍ସ ଭିତରେ ସେ ନିଜକୁ ସମ୍ପୂର୍ଣ୍ଣ ହଜାଇ ଦେବାକୁ ବସିଛି । ତା'ର ସେ ସମ୍ୟକ୍ ସ୍ପର୍ଶର ଅଗ୍ନିରେ ସମଗ୍ର ଶରୀରଟାକୁ ଦଗ୍ଧୀଭୂତ କରିଦେବାକୁ ବସିଛି !

ପରଦିନ ରାତିରେ ଠିକ୍ ଏଇ ସମୟରେ ବିରେନ ଓ ଚିତ୍ରା ଗାର୍ଡେନ୍‌ରେ ବସି ଉହ୍ନେଇରେ ନିଆଁ ପୁଉଁଥାନ୍ତି । ଏ ଶୀତଟା ଯେ ଏବେ ଆଉ ସହି ହେଉନାହିଁ । କୁହୁଡ଼ିର ସାନ୍ଦ୍ରତାରେ ଶୁଭୁଥିବା ନୀରବତାକୁ କ୍ରମଶଃ ଭଙ୍ଗ କରି ବିରେନ କୁହନ୍ତି, ଦେଖ ଚିତ୍ରା ! ମୁଁ ତୁମକୁ ଖୁସିରେ ରଖିବାକୁ ଚାହେଁ । ତୁମ ଖୁସିର ଦାମ୍‌ରେ ମୋ ଖୁସି କୌଣସି ବି ବଜାରରେ ମିଳୁନାହିଁ । ଆଉ ତୁମ ଖୁସି ବର୍ତ୍ତମାନ ଏ ପୃଥିବୀରେ ଜୀବିତ । ତୁମେ ତାକୁ ଆପଣେଇ ନେଇପାର ।"

ଚିତ୍ରଲେଖା ସେହି ଉହ୍ନେଇରେ ନିଆଁ ପୁଉଁ ପୁଉଁ କହୁଥାଆନ୍ତି, "ଏଇ ବନ୍‌ଫାୟାର୍‌କୁ ଦେଖୁଛ ! ଲିଭିଯିବ କିଛି ମୁହୂର୍ତ୍ତ ପରେ । ଜଙ୍ଗଲ ନିଆଁ ହୋଇଥିଲେ ସିନା ହୁତ୍‌ହୁତ୍ ଜଳିଥାନ୍ତା, କାରଣ ତାହା ପ୍ରାକୃତିକ । କିନ୍ତୁ ବନ୍‌ଫାୟାର୍ ତ ନ ଲଗାଇଲା ପର୍ଯ୍ୟନ୍ତ ଲାଗିବନି, ଆଉ ଜଳିବାକୁ ଆରମ୍ଭ ହେଲା ପରେ ଲିଭିବାଟା ବି ଖୁବ୍ କଷ୍ଟ ନୁହେଁ ।"

ଏବେ ଉଭୟଙ୍କ ଭିତରେ କଥା କହୁଥିଲା ନୀରବତା । ବନ୍-ଫାୟାର୍ ନିଆଁଟା ସିନା କିଛି ମୁହୂର୍ତ୍ତ ପାଇଁ ଶୀତ ଦୂର କରିଦେଲା, କିନ୍ତୁ ମନାଲିର ସବୁଦିନର ସେ କ୍ରମବର୍ଦ୍ଧିଷ୍ଣୁ ଜିଦଖୋର୍ କୁହୁଡ଼ି ତାକୁ ଧୀରେ ଧୀରେ ଲିଭାଇବାରେ ଲାଗି ପଡ଼ିଥିଲା ଓ ସେ ଦୃଶ୍ୟକୁ ଅନତି ଦୂରରୁ ହିଲ୍ ଷ୍ଟେସନ୍ ବ୍ରିଜ୍ ଉପରୁ ଦେଖୁଥିବା ଉପାସନାଙ୍କ ଦୁଇ ଆଙ୍ଗୁଠି ଭିତରେ ଅଧାଜଳା ସିଗାରେଟ୍ ନିଆଁଟା ସମବେଦନା ଜଣାଉଥିଲା, ଆଉ ଧୂଆଁସବୁ ଯାଇ ମିଶିଯାଉଥିଲା କୁହୁଡ଼ିଭରା ଦୂର ଦିଗ୍‌ବଳୟରେ ।

❑❑❑

**ବାଣୀବିହାରର ସ୍ନାତକୋତ୍ତର ବିଶ୍ଳେଷଣାତ୍ମକ ଓ ପ୍ରାୟୋଗିକ ଅର୍ଥନୀତି ବିଭାଗ ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ ଏକତା ପଣ୍ଡା ଷଷ୍ଠ ଶ୍ରେଣୀରେ ପଢ଼ିବା ସମୟରୁ କବିତା ଓ ଗଳ୍ପ ଲେଖିବା ପାଇଁ ଆଗ୍ରହୀ ହୋଇଥିଲେ । ତେବେ ୨୦୧୯ ମସିହାରୁ ନିୟମିତ ଭାବରେ ପତ୍ରପତ୍ରିକାରେ ଲେଖାଲେଖି କରୁଛନ୍ତି । ୨୦୨୧ ମସିହାରେ ଗଳ୍ପ ଲିଖନରେ 'କଥା ନବପ୍ରତିଭା ପୁରସ୍କାର' ଓ ୨୦୨୦ ମସିହାରେ 'ମାଣିକ ବିଶ୍ୱନାଥ' ଓ 'ଆମରି ସତ୍ୟ ଟ୍ରଷ୍ଟ' ତରଫରୁ ଆୟୋଜିତ କ୍ଷୁଦ୍ରଗଳ୍ପ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଅର୍ଜନ କରିଛନ୍ତି । କଥା ନବପ୍ରତିଭା ବିଶେଷାଙ୍କ ସହ ଝଙ୍କାର, ଝଞ୍ଜା, ଆକାଂକ୍ଷା, ସୃଜନିକା ଇତ୍ୟାଦି ବହୁ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ । ଏହାବ୍ୟତୀତ ଦୁଇଟି ସଂକଳନ ପୁସ୍ତକ 'ତ୍ରିଭାଷା' ଓ 'ସଙ୍କଳନ'ରେ ତାଙ୍କର ଗଳ୍ପ ଓ କବିତା ପ୍ରକାଶିତ ହୋଇଛି । ଅନଲାଇନ୍ ମଞ୍ଚ 'ୟୋର- କ୍ୟୋଟ୍'ର ସେ ଜଣେ ନିୟମିତ ଲେଖିକା । କବିତା ଓ ଗଳ୍ପ ଲିଖନ ସହ ବକ୍ତୃତା ଓ ତର୍କ କରିବାରେ ମଧ୍ୟ ତାଙ୍କର ରୁଚି ରହିଛି । ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୭ ୨୩୧୦୫ ଏବଂ itsekta.lory@gmail.comରେ ଯୋଗାଯୋଗ କରାଯାଇ ପାରିବ ।**

# ଘର

**ସନ୍ତୋଷ କୁମାର ସ୍ୱାଇଁ**



**ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ତରଫରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଗଳ୍ପ**

କଲିଂ ବେଲ୍ ବାଜିବା ଶବ୍ଦ ଶୁଣି ରାମପ୍ରସାଦ ବାବୁ କବାଟ ଖୋଲି ଦେଖିଲେ ଜଣେ ଅପରିଚିତ ବ୍ୟକ୍ତି । ହାତରେ ଗୁଡ଼ାଏ କାଗଜପତ୍ର ଧରି ବାହାରେ ଛିଡ଼ା ହୋଇଛନ୍ତି । ବ୍ୟକ୍ତି ଜଣକ କୃତଜ୍ଞତା ପୂର୍ବକ ନମସ୍କାର ଜଣାଇ କହିଲା– ମୁଁ ଗୋଲ୍ଡେନ୍ ହାଉସ୍ ଆଣ୍ଡ ପ୍ରପର୍ଟିଜ୍‌ରୁ ଆସିଅଛି ଆପଣଙ୍କ ଘର ଦେଖିବାକୁ । ସେଥିପାଇଁ ଆପଣଙ୍କ ସହ ମୂଲ୍ୟାଙ୍କନଟା କରାଇ ନେବା ନିହାତି ଜରୁରୀ ।

ରାମପ୍ରସାଦ ବାବୁ ସ୍ମିତ ହାସ୍ୟରେ କହିଲେ, "ଏହି ଘର ମୋର । ମୁଁ ଏହାକୁ ବିକିବାକୁ ଚାହୁଁନାହିଁ । ଆପଣଙ୍କ ସହ କିଏ ମଜା କରିଥିବ ।" "ନାଇଁ ତ ବାବୁ, ମଳୟ ପଟ୍ଟନାୟକ ହିଁ ଆମକୁ ଏହି ଠିକଣା ମେଲ୍ ମାଧ୍ୟମରେ ଜଣାଇଥିଲେ ଏବଂ ଦଶ ଦିନ ମଧ୍ୟରେ ଏହି ଘର ବିକ୍ରି କରିବାକୁ କହିଥିଲେ ।"

ପୁଅ ମଳୟର ନାଁ ଶୁଣି ରାମପ୍ରସାଦ ବାବୁ ଚକିତ ହୋଇ ପଡ଼ିଲେ । ଆଗନ୍ତୁକ ବ୍ୟକ୍ତିକୁ ଦୁଇଦିନ ପରେ ଆସିବାକୁ କହି ବିଦାୟ ଦେଲେ । ବିଚଳିତ ଅବସ୍ଥାରେ ଅନ୍ୟ ମନସ୍କ ହୋଇ ଚଉକି ଉପରେ ଯାଇ ଜୋର୍‌ରେ ବସି ପଡ଼ିଲେ । ମୁହଁରୁ ଅଜସ୍ର ଝାଳ ନିର୍ଗତ ହୋଇଗଲା । ବସିଥିବା ସମୟରେ ଆମେରିକାରୁ ପୁଅ ମଳୟର ଫୋନ୍ ଆସିଲା– "ହାଲୋ... ବାପା ! କେମିତି ଅଛନ୍ତି ? ମୁଁ ଆଜି କମ୍ପାନୀ କାମରେ ଦିଲ୍ଲୀ ଯାଉଛି ଏବଂ ଆପଣଙ୍କ ସହ ଦେଖା କରିବାକୁ ଯିବି ।" "ହଁ, ମୁଁ ଭଲ ଅଛି, ଚନ୍ଦନ ମୋର ସବୁ ଯତ୍ନ ନେଉଛି । ଆଜି କୋଉ ପ୍ରପର୍ଟି ଡିଲର୍ ଆସିଥିଲା, ତୋ କଥା କହୁଥିଲା ।" "ହଁ ବାପା, ତାକୁ ମୁଁ ପଠାଇଥିଲି । ଭାରତ ଯିବା ପୂର୍ବରୁ ଘର ଦେଖି ଆକଳନ କରି ଦରଦାମ୍ ଛିଡ଼ାଇ ଦେଇଥିଲେ ଭଲ ହେବ ।" " କିନ୍ତୁ ପୁଅ ତୁ ମୋତେ ଟିକେ ପଚାରି ପାରିଲୁନି । ମୁଁ ଏ ଘରେ ରହୁଛି । ତୋ ମାଆ, ଚନ୍ଦନ, ଆମେସବୁ ଏ ଘରେ ରହୁଛୁ । ଆମ କଥା କ'ଣ ଚିନ୍ତା କରିଛୁ ?" "ଆପଣ ଓ ମାଆ ମୋ ସାଥେ ଏଠାକୁ ଆସିବ । ଚନ୍ଦନ କଥା ଆପଣ ବୁଝିଦେବେ ।  ମୁଁ ଆପଣଙ୍କର ଭିସା ଆବେଦନ କରିଦେବି, ସେତେ ଦିନ ଯାଏଁ ଆପଣ ବୃଦ୍ଧାଶ୍ରମରେ ଥା'ନ୍ତୁ ।"

ମଳୟ ଟିକିଏ ବଡ଼ ହେବା ପରେ ମଳୟର ମାଆ ଓ ରାମପ୍ରସାଦ ଚାରି ପାଞ୍ଚ ବର୍ଷ ବୟସର ଅନାଥ ଛୁଆଟିକୁ ଅତି ଦୟନୀୟ ଅବସ୍ଥାରେ ରେଳଷ୍ଟେସନ ନିକଟରୁ ପାଇ ଘରକୁ ଆଣିଥିଲେ । ଜାନକୀ ପାଇଁ ସେ ମଳୟ ତ ହୋଇ ପାରିଲା ନାହିଁ । କିନ୍ତୁ ସେ ତା'ର ସବୁ

ପ୍ରକାର ଯତ୍ନ ନେଉଥିଲେ । ରାମପ୍ରସାଦ ସେ ଦୁହିଁଙ୍କ ମଧ୍ୟରେ କେବେ ପାତର ଅନ୍ତର କରି ନଥିଲେ । ଚନ୍ଦନ ମଧ୍ୟ ମଳୟ ଭାଇ ପାଖରୁ ସବୁବେଳେ ଗଣିତ, ବିଜ୍ଞାନ ଆଦି ପାଠ ବୁଝେ ।

ଏହା ମଧ୍ୟରେ ମଳୟ ଏକ ମଲ୍ଟି ନ୍ୟାସନାଲ୍ କମ୍ପାନୀରେ ଚାକିରି ପାଇ ଯାଇଥିଲା । କମ୍ପାନୀ ତାକୁ ଆମେରିକା ନେବ ବୋଲି ସ୍ଥିର କଲା, କିନ୍ତୁ ମାଆ ଜାନକୀ ପୁଅକୁ ଛାଡ଼ିବାକୁ ଟିକେ ବି ରାଜି ନଥିଲେ । ତାଙ୍କ ନଜରରେ ଆମେରିକା ଗୋଟିଏ ଅର୍ଦ୍ଧନଗ୍ନଙ୍କ ଦେଶ । ସେଠାରେ ଗୋରୀ ମେମ୍‌ମାନେ ସଂସ୍କାରୀ ଛୁଆମାନଙ୍କୁ ନିଜ ରୂପ ମାୟାରେ ବାନ୍ଧି ଦିଅନ୍ତି । କିନ୍ତୁ ମଳୟ ପାଖରେ ମୁକ୍ତାକାଶ ଥିଲା । ବାହାର ଦେଶ ତାକୁ ଆକୃଷ୍ଟ କରୁଥିଲା । ପୁଅର ଇଚ୍ଛା ଆଗରେ ରାମପ୍ରସାଦ ଜାନକୀକୁ ବୁଝାଇ ତାକୁ ଆମେରିକା ପଠାଇ ଦେଲେ । ମଳୟ ଯିବା ପରେ ଜାନକୀ ବହୁ ଝିଅଙ୍କ ତାଲିକା ପ୍ରସ୍ତୁତି କରି ରଖିଥାନ୍ତି । ପୁଅ ଫେରିଲା ମାନେ ତା'ର ବିଭାଘର କରାଇବ, ନାତି ନାତୁଣୀ ଦେଖିବେ, ସେମାନଙ୍କ ମେଳରେ ନିଜ ଶେଷ ଜୀବନଟିକୁ ବିତାଇ ଦେବେ ।

ହଠାତ୍ କିଛି ଦିନ ପରେ ଫୋନ୍ ଆସିଲା- "ମାଆ, ମୁଁ ଆସନ୍ତା ରବିବାର ଦିନ ବାହା ହେଉଛି । ଭୟ କରନା, ସେ ଆମ ଭାରତର ଝିଅ, ତା ନାଁ କୋଏଲ, ବହୁତ ଦିନ ହେଲା ଆମେ ସାଙ୍ଗ ହେଇଥିଲୁ । ତୁମେମାନେ ଆସିବ ଯଦି ମୁଁ ବ୍ୟବସ୍ଥା କରିଦେବି ।" ଜାନକୀ ବାହାଘରକୁ ଯିବା ପାଇଁ ମନା କରିଦେଲେ, କିନ୍ତୁ ତାଙ୍କୁ ଭିତରେ ଭିତରେ ଯେମିତି କିଏ କୋରି ଖାଇ ଯାଉଥିଲା । ଅନ୍ତରାତ୍ମା ତାଙ୍କର କୋହରେ ଜଳି ଉଠୁଥିଲା । ରାମପ୍ରସାଦ ତାଙ୍କ ମନର କଷ୍ଟକୁ ବୁଝିପାରିଥିଲେ । ନିଜେ ବିଚଳିତ ଥିଲେ, କିନ୍ତୁ କୌଣସିମତେ ନିଜକୁ ନିୟନ୍ତ୍ରଣରେ ରଖିଲେ ।

ଏହା ଭିତରେ ଚନ୍ଦନ ଏକ ଫାର୍ମାସି ଇନ୍‌ଷ୍ଟିଚ୍ୟୁଟ୍‌ରୁ ଡିଗ୍ରୀ ହାସଲ କରି ସାରିଥିଲା । ବହୁତ ବାହାର ସ୍ଥାନରୁ ଚାକିରି ଆସୁଥିଲେ ମଧ୍ୟ ସେ ବାହାରକୁ ଯିବାକୁ ସିଧା ମନା କରିଦେଲା । ରାମପ୍ରସାଦ ବହୁତ ବୁଝାଇଲେ । କିନ୍ତୁ ସେ କହିଲା- ମୁଁ ଆପଣ ଦୁହିଁଙ୍କୁ ଛାଡ଼ି କୁଆଡ଼େ ଯିବିନି । ମୋର ସେ ଉଚ୍ଚ ଆକାଶ ଦରକାର ନାହିଁ, ଯେଉଁଠି ମୁଁ ମୋ ବସାକୁ ଫେରିବାର ବାଟ ଭୁଲିଯିବି । ମୁଁ ଏହିଠାରେ ହିଁ ଛୋଟମୋଟ ଚାକିରି ଖଣ୍ଡେ କରି ଚଳିଯିବି ।

ପ୍ରଥମେ ପ୍ରଥମେ ମଳୟର ସବୁଦିନ ଫୋନ୍ ଆସୁଥିବା ବେଳେ ଧୀରେଧୀରେ ସପ୍ତାହେ ଏବଂ କ୍ରମେ ମାସକୁ ଅତିକ୍ରମ କରିଗଲା । ମାଆର ମନ ଆଉ କେତେ ଅବା ବୁଝିବ ! ଏହି କଷ୍ଟ ଭିତରେ ଛଟପଟ ହୋଇ ସେ ଶେଷରେ ବିଛଣା ଧରିଲେ । ରାମପ୍ରସାଦ ଜାଣିପାରିଲେ ଜାନକୀ ଆଉ ବେଶି ଦିନର ନୁହେଁ । ତେଣୁ ସେ ମଳୟକୁ ଫୋନ୍ କଲେ ଆସି ଦେଖିଯିବା ପାଇଁ । କିନ୍ତୁ ସେ କହିଲା- ବାପା ଆଠ ଦଶ ଦିନ ମଧ୍ୟରେ ପ୍ରୋଜେକ୍ଟ କାମ ଆରମ୍ଭ ହେବ । ମୁଁ ମୋର ପ୍ରୋଜେକ୍ଟ କାମ ସାରିବା ପରେ ଯିବି । ସେତେଦିନ ଯାଏଁ ଆପଣ ଓ ଚନ୍ଦନ ମାଆର ଯତ୍ନ ନେଉଥାଅ ।

ଏହା ଭିତରେ ଦେଢ଼ମାସ ବିତିଗଲା । ଆତ୍ମା ଆଉ କେତେଦିନ ଏହି ପାର୍ଥିବ ଶରୀରକୁ ଅପେକ୍ଷା କରି ରହିଥା'ନ୍ତା । ଶେଷରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ରାମପ୍ରସାଦ ଓ  ଚନ୍ଦନ ଶେଷକୃତ୍ୟ ସମାପନ କଲେ । ଦୀର୍ଘ ଏକମାସ ପରେ ମଳୟ ଘରକୁ ଫେରିଲା । ଚନ୍ଦନକୁ କହିଲା, "ପ୍ରୋଜେକ୍ଟ କାମ ଶେଷ ହେବାପରେ ମୁଁ କମ୍ପାନୀର କର୍ପୋରେଟ୍ ଅଫିସ୍‌ର ମୁଖ୍ୟ ଅଧିକାରୀ ରୂପେ ଯୋଗଦେଲି । ତେଣୁ ଚାହିଁ କି ବି ଆସି ପାରିନଥିଲି । ଏଣୁ ମୋତେ କ୍ଷମା କରିଦେବୁ ଚନ୍ଦନ ।" ଚନ୍ଦନ ମଳୟ ଭାଇକୁ ଘରକୁ ନେଇଗଲା । ମଳୟ ଘରର ସବୁ ଆଡ଼େ ବୁଲି ଆସିଲା । ଘରର ରଂଗ ଫିକା ପଡ଼ି ଯାଇଥିଲା । କେତେକ ଜାଗାରେ ପ୍ଲାଷ୍ଟର ଛାଡ଼ି ଯାଇଥିଲା । ତାକୁ ଦେଖି ମଳୟ କହିଲା- ଲାଗୁଛି ଦୁଇ ତିନି ବର୍ଷ ହେଲା ମରାମତି ହୋଇନି । ଏ ଅବସ୍ଥାରେ କିଏ ଅବା କିଣିବ ! ଅଧା ଟଙ୍କା ବି ହେବନି । ଚନ୍ଦନ କିଛି ନ କହି ଚୁପ୍ ରହିଲା ।

ତା' ପରଦିନ ସକାଳ । ପକ୍ଷୀମାନଙ୍କର ରାବରେ ଅଗଣା ଗୁଞ୍ଜରିତ ହେଉଥିଲା । ସୂର୍ଯ୍ୟର ଶୀତଳ ରଶ୍ମି ବାତାୟନ ପଥରେ ଘର ମଧ୍ୟରେ ପ୍ରବେଶ କରୁଥିଲା । ଚନ୍ଦନ ସକାଳୁ ଉଠି ଚା' କରି ନେଇ ରାମପ୍ରସାଦ ବାବୁଙ୍କ ନିକଟକୁ ଗଲାରୁ ଦେଖିଲା ରାମପ୍ରସାଦ ଟେବୁଲ ଉପରେ ମୁଣ୍ଡ ରଖି ବସିଛନ୍ତି । ପାଦ ଶବ୍ଦ ଶୁଣି ରାମପ୍ରସାଦ ନ ଉଠିବାରୁ, ସେ ତାଙ୍କୁ ହଲେଇ ଦେଇ କହିଲା- ଚା' ନିଅନ୍ତୁ । ରାମପ୍ରସାଦଙ୍କ ମୁଣ୍ଡ ଗୋଟିଏ ଦିଗକୁ ଟଳି ପଡ଼ିଲା । ସେ ଜୋର୍‌ରେ କାନ୍ଦି ଉଠିଲା । ଚନ୍ଦନର ପାଟି ଶୁଣି ମଳୟ ଧାଇଁ ଆସିଲା ।

ସବୁ କିଛି ଦେଖିବା ପରେ ସେ ଟେବୁଲ୍ ଉପରେ ଗୋଟିଏ କାଗଜ ପଡ଼ିଥିବାର ଦେଖିଲା । ତାକୁ ଉଠାଇ ପଢ଼ିବାକୁ ଲାଗିଲା-

'ପ୍ରିୟ ଚନ୍ଦନ! ମଳୟକୁ ମାଆର ରୁମ୍ ନିଶ୍ଚୟ ଦେଖାଇବୁ । ସେଠାରେ ଏବେ ବି ତାଙ୍କ ଆତ୍ମା ଘୁରି ବୁଲୁଛି । ସେଠାକାର ପବନ ଆଜି ବି ମଳୟର ବାସ୍ନାରେ ଭରି ରହିଛି । ତାକୁ କହିବୁ ଥରେ ମାତ୍ର ଡେଣାକୁ ଜାକି ଆକାଶରୁ ତଳକୁ ଆସି ଏସବୁ ଅନୁଭବ କରୁ । ତୁ ଘର ମରାମତି କରିନବୁ । ନହେଲେ ଭଲ ଦାମ୍ ହେବନି । ଏଥିପାଇଁ ତିରିଶ ହଜାର ଟଙ୍କା ତକିଆ ତଳେ ରଖିଛି । ମୁଁ ତୋତେ କିଛି ଦେଇ ପାରିଲିନି । କିନ୍ତୁ ତୋ ଉପରେ ମୋର ଆଶୀର୍ବାଦ ସବୁବେଳେ ରହିଅଛି । ତୁ ଚାକିରିରେ ଯୋଗ ଦେଇଦବୁ । ଆଉ ତୋ ମାଆ ଜାନକୀର ମଙ୍ଗଳସୂତ୍ର ଓ କଙ୍କଣ ସବୁ ମଳୟକୁ ଦେଇଦବୁ । ବୋହୂକୁ ଦବାର ତା'ର ବହୁତ ଇଚ୍ଛାଥିଲା, ହେଲେ ଅଧୁରା ସ୍ୱପ୍ନ ନେଇ ଚାଲିଗଲା । ପୁଅ ମୋତେ କ୍ଷମା କରିଦେବୁ । ମୁଁ ବଞ୍ଚି ଥାଉଥାଉ ଆତ୍ମା ଓ ସ୍ମୃତିରେ ଭରିଥିବା ଘରକୁ ସଉଦା ହବାର ଦେଖିପାରିବିନି ।

❑❑❑

**ବାଣୀବିହାରର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପ୍ରଥମ ବର୍ଷ ଛାତ୍ର ସନ୍ତୋଷ କୁମାର ସ୍ୱାଇଁ ଖୁବ୍ କମ୍ ବୟସରୁ କବିତା ଓ ଗଳ୍ପ ଲେଖି ଆସୁଛନ୍ତି । ସନ୍ତୋଷଙ୍କ ସହିତ ମୋବାଇଲ ନମ୍ବର ୯୭୭୭୩୬୪୯୩୨ରେ ଯୋଗାଯୋଗ କରାଯାଇ ପାରିବ ।**

# ଜିପ୍‌ସୀ, ଶୀତକୁ ନେଇ

ପ୍ରବାସିନୀ ମହାକୁଡ଼



ଜିପ୍‌ସୀ ! ଗତ କିଛିଦିନ ଧରି ଏଇ ମୋର ଛୋଟ ସହରରେ
ଶୀତ ଜଡ଼ିଯାଇଛି ସବୁଠି
ମୁଁ ଯାଇପାରିନି କୋହଲା ଓ କୁହୁଳିଆ ପାଗରେ
ଫୁଲଟି ପାଖକୁ
ପତ୍ରଙ୍କ କଂପନ ପାଖକୁ
ଏଇ ଶୀତରେ ଗଛତଳରୁ ଖସିପଡୁଥିବା ଶିଶିରଙ୍କ କଂପନ
ମୋତେ ଶୁଭେ ମୋ ହୃଦୟର ସ୍ପନ୍ଦନ ଭିତରୁ
ଏଇ ଶୀତ, ଯେଉଁ ଋତୁରେ ମୁଁ କେବେ ଜନ୍ମ ହେଇଥିଲି
ଏଇ ଶୀତଋତୁ ଯାହାକୁ ମୁଁ ଭଲପାଏ
ଅନ୍ୟସବୁ ଋତୁଙ୍କ ପରି ।

ଜିପ୍‌ସୀ ! ଏଇ ଶୀତର ଶୀତଳତା ମୋତେ ଜଳାଏ
କାଲି ରାସ୍ତାକଡ଼ର ସେଇ ବୃଦ୍ଧ ଦଂପତି, ଯାହାଙ୍କୁ
ବେଶ୍ ଯୋଗ୍ୟ ପୁଅବୋହୂ ଘରୁ ବାହାର କରିଦେଇଛନ୍ତି ଓ
ଗଣମାଧ୍ୟମରେ ତା'ର ଜୋର୍ ଚର୍ଚ୍ଚା ଚାଲିଛି
ସେମାନଙ୍କୁ ଦେଖିଲା ପରେ ମନେହେଲା
ଏମାନେ ଏବେ କାହା ଅପେକ୍ଷାରେ ?

‘ରେନ୍ ବସେରା’ରେ ରହିପାରନ୍ତେ
ନିଆଁ ଜାଳି ତା’ର ଉତ୍ତାପକୁ ନେଇ ପାରନ୍ତେ
ଶୀତର ଏ କରୁଣ ଦୃଶ୍ୟ ମୋତେ
କାଲି ସାରାରାତି ଛଟପଟ କରି ଦେଇଥିଲେ
ମୁଁ ଶୋଇପାରି ନଥିଲି ।
କାଲିର ଅସହ୍ୟ ଶୀତ
ତାପମାତ୍ରା ଖସି ଯାଇଥିଲା ଦଶଡିଗ୍ରୀ ତଳକୁ
ମୋ କଲମ ମୂନରେ ଜମାଟ ବାନ୍ଧି ଯାଇଥିଲେ କଳା ସ୍ୟାହି
ଡାଏରୀ ପୃଷ୍ଠାରେ ବୁନ୍ଦା ବୁନ୍ଦା ଶିଶିର
ଏ ଶିଶିର ମୋତେ ନେଇଯାଏ
ମୋ ହୃଦୟର ଗୋଟେ ଶୀତଳ ବଖରା ଭିତରକୁ
ଯା’ ଭିତରେ ଶୋଇ ପଡ଼ିଛନ୍ତି
ମୋ କବିତାର ପାକଳ ମଂଜି ସବୁ
କୁହୁଡ଼ି ଛାଡ଼ିଗଲେ ସେମାନେ ଅଙ୍କୁରିତ ହେବେ ।

ଜିପ୍‌ସୀ ! ଏ ଅଙ୍କୁରଣ କ’ଣ ଆମ ସଂପର୍କର ତୂରୀୟ ମୁହୂର୍ତ୍ତ ?
ଜାଣେନି, ଆଜି ଯେତେ ଫୁଲ ଫୁଟିଛନ୍ତି
ମୁଁ ସେମାନଙ୍କୁ ସ୍ପର୍ଶ କରିପାରୁନି
ବାହାରେ କୋହଲା ଓ କୁହୁଡ଼ିଆ ପାଗ, ଥଣ୍ଡା ପବନ
ଏଇନା ସକାଳ ନଅଟା
ବାହାରେ ଏଯାଏ ବି ଝାପ୍‌ସା ଅନ୍ଧାର
ସତରେ ବଡ଼ କଷ୍ଟ ଶୀତରେ ଲେଖିବା ଓ
ଶୀତ ଋତୁକୁ ଭଲପାଇବା ।

❑❑❑

**ବିଶିଷ୍ଟ କବି ପ୍ରବାସିନୀ ମହାକୁଡ ଜଣେ କବି ଭାବରେ ଯେତିକି ଖ୍ୟାତ, ଜଣେ ଅନୁବାଦିକା ଭାବରେ ବି ସେତିକି ଲୋକପ୍ରିୟ । ସେ ବାଣୀବିହାରର ଓଡ଼ିଆ ଭାଷା ସାହିତ୍ୟ ବିଭାଗରୁ ୧୯୭୮ ମସିହାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ତାଙ୍କର ନିଜର ତେରଟି କବିତା ସଂକଳନ ସହ ସେ ହିନ୍ଦୀ ଭାଷାରୁ କୋଡ଼ିଏଟି ପୁସ୍ତକ ଓଡ଼ିଆରେ ଅନୁବାଦ କରିଛନ୍ତି । ‘ଶିମିଳି ଫୁଲ ଓ ଅନ୍ୟାନ୍ୟ କବିତା’ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସେ କେନ୍ଦ୍ର ସଂସ୍କୃତି ବିଭାଗର ମର୍ଯ୍ୟାଦାଜନକ ଜୁନିଅର ଓ ସିନିଅର ଫେଲୋସିପ ସହ ରାଜା ଫାଉଣ୍ଡେସନ ପକ୍ଷରୁ ମଧ୍ୟ ଫେଲୋସିପ ପାଇଛନ୍ତି । ତାଙ୍କ ସହିତ ୮୭୬୩୯୭୧୧୨୬ରେ ଯୋଗାଯୋଗ କରାଯାଇପାରିବ ।**

# ସରିଯିବା ବେଳେ

## ଅପର୍ଣ୍ଣା ମହାନ୍ତି



ସରିଯିବା ବେଳେ ଇ
ମାଆଟିଏ
ପୂରିଯାଉଥାଏ କଲ୍ୟାଣରେ ।

ଦିନେ ବଡ଼ ତ
ଦିନେ ସାନର
ଅଗଣା ତୁଳସୀମୂଳେ
ପାଣି ଢାଳୁଁ ଢାଳୁଁ
ତା' ପରଳଲଗା ଆଖିର ଅନ୍ଧାର
ଲୋଚାକୋଚା ଚମର ଜୁଆର
ବିସ୍ମରଣରେ ଲୁଚକାଳି ଖେଳୁଥିବା
ମନର ନିରୀହ ଗଣ୍ଠିଲିମାନଙ୍କରେ
ସେ ତରତରରେ ଗଣ୍ଠିଦେଇ
ବାନ୍ଧିପକାଏ
ଈଶ୍ୱରଙ୍କୁ ଚକିତ କରିଦେଲା ପରି
ତଥାସ୍ତୁମୟତା... ।

ଯେ, ତା' ପିଲାମାନଙ୍କର
ସଂସାର ଥାଉ ହସିଲା ପୂରିଲା
ସେ ତ ତିଆର ଅଛି,
ଗଲାବେଳେ ସବୁତକ
ଆପଦ ବିପଦ ଦୁଃଖ
ବୋହିନେଇଯିବାକୁ କାନ୍ଧରେ ।

ମାଆ ଗଲାପରେ...
ତାରାଟିଏ ବିକଳ ହୋଇ ଜଳେ,
ଦେଖେ,
ବାଣ୍ଟକୁଣ୍ଟ ହେଉଛି
ଗହଣା, ଶାଢ଼ୀ
ଜାଗା, ବାଡ଼ି
କୋଉଠି ପଡ଼ିରହିଛି କେଜାଣି
କେହି ତ ତା' ଭଲପାଇବାକୁ
ବାଣ୍ଟୁନାହାନ୍ତି
ନିଜ ନିଜ ଭିତରେ... ।

❑❑❑

କବି ଡକ୍ଟର ଅପର୍ଣ୍ଣା ମହାନ୍ତି ଓଡ଼ିଆ ସାହିତ୍ୟର ଜଣେ ସୁପରିଚିତ ଲେଖିକା । ରେଭେନ୍ସା ମହାବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସେ ୧୯୭୫ ମସିହାରେ ସ୍ନାତକୋତ୍ତର କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଗବେଷଣା ପାଇଁ ୧୯୮୮ ମସିହାରେ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ଦୀର୍ଘ ବର୍ଷର ଅଧ୍ୟାପନା ଜୀବନରୁ ଅବସର ପରେ ଏବେ ସେ କବିତା ରଚନାରେ ସମ୍ପୂର୍ଣ୍ଣ ଭାବରେ ମଗ୍ନ ଅଛନ୍ତି । କବିତା ସଂକଳନ 'ଝିଅ ପାଇଁ ଝର୍କାଟିଏ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ଶ୍ରୀମତୀ ମହାନ୍ତି ମଧ୍ୟ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ । 'ନଷ୍ଟନାରୀ', 'ଅତିଥି', 'ମାଆର କାନ୍ଦଣା ଗୀତ', 'ଯୋଗିନୀ ଗୀତ' ଇତ୍ୟାଦି ତାଙ୍କର କେତେକ ଚର୍ଚ୍ଚିତ କବିତା ସଂକଳନ । ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କବିତା ଲେଖୁଥିବା ଅପର୍ଣ୍ଣା ମହାନ୍ତିଙ୍କର ଅନୁବାଦ ଓ ଆଲୋଚନା ପୁସ୍ତକ ମଧ୍ୟ ରହିଛି । ତାଙ୍କର କବିତା ବିଭିନ୍ନ ଭାରତୀୟ ଭାଷାରେ ଅନୁଦିତ ହୋଇ ବିପୁଳ ପ୍ରଶଂସା ଲାଭ କରିଛି । ତାଙ୍କ ସହିତ ୯୪୩୭୧୨୮୩୧୬ରେ ଯୋଗାଯୋଗ କରାଯାଇପାରିବ ।

# ରଜସ୍ୱଳା

ଡକ୍ଟର ଦୁଃଖୀଶ୍ୟାମ ମିଶ୍ର



ଟୁପୁରୁ ଟୁପୁରୁ ବରଷା ପାଣି
ପରଶ ପାଇଣ ପ୍ରକୃତି ରାଣୀ
ଭିଜେଇ ଦିଏ ତା’ ପ୍ରେମ କାହାଣୀ
ଅପରୂପା ସେ କି ବିମୋହିନୀ ?

ବକ୍ଷୁ ଝରି ତା’ର ପୀୟୂଷ ଧାରା
ନିର୍ଝରୀ ମିଶଇ ସମୁଦ୍ରେ ପରା
ଅସୀମ ଅନନ୍ତ ନୟନେ ଭରା
ମୃଦୁ ବାରିଦରେ ତିନ୍ତଇ ଧରା ।

ଲୋଟିଯାଏ ତା’ କୂଳର କୋଳ
କଳନା ନପାଏ ଜଳ ଅଥଳ
କଷଣ ଦିଏ ନିର୍ଦ୍ଦୟ ବ୍ୟୋମ
ହେଲେ ପ୍ରେମ ଭରା ସିଏ ଅସୀମ ।

ଢେଉଢେଉକା ସୁଆଗ ପସରା
ଭୂରୁନୀଳ ସିନ୍ଧୁ କୂଳ ଅସରା,
ସଙ୍ଗୀତର ରାଗେ ରଚେ ଅନ୍ତରା
ଫେଣର କଣ୍ଢେ ନାଚଇ ଘୁମୁରା ।

ସେହି ବାରିପାତ ଋତୁ ଆଗମେ
ଉତ୍କଳ ଦେଶ ଶୋଭାର ସଙ୍ଗମେ,
ଅପୂର୍ବ ପର୍ବ ରଜ ଉଲ୍ଲାସମୟୀ
ସଂକ୍ରାନ୍ତି ଜ୍ୟେଷ୍ଠ ମାସେ ଆସଇ ।

ରଜସ୍ୱଳା ରଜ ଧରଣୀ ଲାଜେ
ଶସ୍ୟ ମେଖଳାର ଚିର ସବୁଜେ
କୋଳେଇ ଘାସ ହରିତ ବରଣା
କୋଟି ଜୀବେ ସେ ପରଶେ କରୁଣା ।

ହସିଉଠେ ତା' ବ୍ୟସନ ଭୂଷଣ
କରଇ ଅତୁଳ କୀର୍ତ୍ତି ଧାରଣ
ବିଭୂଷିତ ତନୁ ଅନଙ୍ଗ ସାଜ
ଅଙ୍ଗ ପରିପାଟୀ ଚିର ସବୁଜ ।

ସଦା ଜୀମୂତ ଖେଳୁଛି ଗଗନେ
ଭାସମାନ ସଦା ବାଷ୍ପ-ଜୀବନେ
ଊର୍ଦ୍ଧ୍ୱକୁ ସେ ଉଠି ଦିଏ ବରଷା
ଭୂମି ପରାଣେ ବାଢ଼ିଦିଅଇ ଆଶା ।

ଲାଜକୁଳୀ ଲାଜ ସଦା ସତେଜେ
ମାତୃବୋଧ-ପ୍ରୀତିର ଶୋଭାରାଜେ,
ପ୍ରସ୍ଫୁଟିତ ପୁଷ୍ପ ବିକାଶ ବନ
ଯୌବନେ ନାଚଇ ଯଥା ଲାବଣ୍ୟ ।

ପ୍ରେମଦାୟିନୀ ଶବଳିତ ମୂର୍ତ୍ତି
ଚାରୁ ସହାସ୍ୟା ବିମୋହନ କୀର୍ତ୍ତି,
ମୂରତି ନୁହେଁ ତ ମାଆ ମରଲୋକେ
ମାତୃତ୍ୱ କୀର୍ତ୍ତି ଅମର ଆଲେଖ୍ୟେ ।

ପରମ ପ୍ରେମ ପ୍ରଚଣ୍ଡ ଦାହିକା
ବିମଳ-ସ୍ନେହ-ଜାହ୍ନବୀ-ବାହିକା,
ସହିଷ୍ଣୁତାରେ ବାଧକ ବିଦୀର୍ଣ୍ଣ
ଭବ ପରୀକ୍ଷାରେ ସଦା ଉତ୍ତୀର୍ଣ୍ଣ ।

ପଡ଼ିଛି ଘୋର ବିପତ୍ତି ବିପାକ
ବିନଷ୍ଟ ବେଉସା ଲୋକଙ୍କ ଭେକ
ଦୃଷ୍ଟି ଗୋଚର ସବୁ ବିପର୍ଯ୍ୟୟ
ଘୋଟେ ପରବେ ବିପାକ ବଳୟ ।

ଏବେ କରାଳ କରୋନାର ପାଳି
ସିଂହବାହିନୀ କୋପେ ଯିବ ଜଳି
ଜୀବଜଗତର ସଦା ରକ୍ଷଣେ
ଅବତରି ମାଆ ଦୁଷ୍ଟ ନାଶନେ ।

❑❑❑

ଲେଖକ ବାଣୀବିହାର ଅର୍ଥନୀତି ବିଭାଗର ୧୯୯୨-୯୩ ବ୍ୟାଚ୍ ଏମ୍. ଫିଲ୍ ଛାତ୍ର । ପରେ ୧୯୯୩-୯୫ରେ ସେହି ବିଭାଗରେ ୟୁଜିସି ରିସର୍ଚ୍ଚ ଫେଲୋ ଭାବେ ଗବେଷଣା କରିଛନ୍ତି । ଏବେ ଅହମ୍ମଦାବାଦରେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡ୍‌ବି)ରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଡକ୍ଟର ମିଶ୍ରଙ୍କ ସହିତ ୯୪୨୨୩ ୧୪୧୯୧ରେ ଯୋଗାଯୋଗ କରାଯାଇପାରିବ ।

# ମନୋବିଜ୍ଞାନର ପରିବାର

**ସ୍ନିଗ୍ଧା ମିଶ୍ର**



ଛାଡ଼ି ଆଜି ଏଇ ଛୋଟିଆ ନୀଡ଼କୁ
ଦୂର ଦିଗନ୍ତର ପଥେ
ଉନ୍ମୁକ୍ତ ଉଡ଼ାଣ ଭରିବୁ ଅମ୍ବରେ
ଆତ୍ମବିଶ୍ୱାସର ସାଥେ ।

ବିଦାୟ ନେଲେ ବି ଏ ପ୍ରାଙ୍ଗଣ କେବେ
ମନୁ ନ ପାଶୋରି ହେବ
ମାନସପଟର ପୃଷ୍ଠାରେ ସାଇତା
ହୋଇ ସବୁଦିନ ଥିବ ।।

ମନେ ପକାଇବାକୁ ହୁଏ ଯେବେ କେହି
ମନୁ ହୋଇଯାଏ ଦୂର
ଥିଲ, ଅଛ, ଥିବ ଉତ୍କଳ ତୁମେ
ମନର ନିକଟତର ।।।

❑❑❑

ସ୍ନିଗ୍ଧା ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଭାଗର ୨୦୨୦-୨୨ ବ୍ୟାଚ ଶେଷ ବର୍ଷ ଛାତ୍ରୀ ।
ସମ୍ପର୍କ: ୯୫୫୬୭ ୭୭୬୮୦

# କି କହିବି ଆଉ ଦେଶ କଥା

ଐଶ୍ବର୍ଯ୍ୟା ରାଉତ



ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ତରଫରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ କବିତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କବିତା

ପଲେ ଶିରାଳିଆ ବୃକୋଦର ଶିଶୁଙ୍କ ଉଦାସ ଆଖିରେ
ଲହଡ଼ି ମରା ଭୋକ ଦେଖି
ବୁଝିଯାଅ ଏ ଦେଶ ନକ୍ସା ।
ଛକ ବଜାରରେ ଜଳନ୍ତା ମହମବତିର ତେଜରୁ
ବାଛିନିଅ ଦେଶର ଧୂଆଁଳିଆ ଭାଗ୍ୟରେଖା ।
ଏ ଦେଶର ସ୍ୱାଧୀନତା:
ଗାଦିଏ ଲୁଣ ଉପରେ ଟହଲ ମାରୁଥିବା
ଏକ ପୁରୁଣା ଚଳଚ୍ଚିତ୍ରର ରକ୍ତାକ୍ତ ବିଭୀଷିକା ।

ଏ ଦେଶ ଖାଲି
ବୁଜୁଳି ଧରି ଫେରି ଆସୁଥିବା
ଦଳେ ବେନାମୀ ମଣିଷଙ୍କ ସ୍ୱପ୍ନର ଇସ୍ତାହାର,
ହିଡ଼ ପାଖ ଗଛରେ ଝୁଲି ଯାଉଥିବା
ରଘୁ ମଳିକର ନିସ୍ତେଜ ଆଖିର ଚାଷ କାରବାର ।
ଭୟକୁ ହିଁ ପୁଞ୍ଜି କରିଥିବା ନିର୍ଭୟାମାନେ
ଏ ଦେଶର ଦେବୀପଦ୍ମ,
କଙ୍କାଳଙ୍କ କୋଳାହଳରେ ଫାଟି ପଡୁଥିବା
ଯେ ଶାନ୍ତିପ୍ରିୟ ସ୍ୱର୍ଗଦ୍ୱାରର ଅଲେଖା ମୋହ ।

ବୁଝାଅନା ମୋତେ ଆଉ,
ଅହିଂସାକୁ ମନ୍ତ୍ର କରି ଆମେ ଦିନେ ସଜାଡ଼ିଥିଲେ ବାଟ
ଭାଇଚାରାର ଆୟୁଧରେ ଲେଖୁଥିଲେ ଦେଶ ଗପ
'ବସୁଧୈବ କୁଟୁମ୍ବକମ୍' ଚିତ୍କାର କରି
ସାଉଁଟି ଆଣୁଥିଲେ ଆମ ଖସି ପଡୁଥିବା ଭାଗ୍ୟ ଭବିଷ୍ୟ ।
ଏବେ ଆମେ ସମସ୍ତେ ଭୁଲିଯିବା ଭଲ,
ନଦୀରେ ତର୍ପଣ କରି ବୁଦ୍ଧ ଶରଣ ଯାଉଥିବା ରାଜନଙ୍କ କଥା
ପାହାଡ଼ ମୁଣ୍ଡିଆ ତଳୁ ଦଳେ ଆଦିବାସୀଙ୍କ ପ୍ରତିବାଦ,
ବିଶ୍ୱଶାନ୍ତିର ଯାଗଯଜ୍ଞ
ପୁଣି ସମତା ଆଉ ଶାନ୍ତିର ଗାଥା ।

ଏଠି ବୈଶାଖୀର ବାଜା ବଜଉଥିବା ହାତ ଆଉ
ବାୟୋନେଟ୍‌ରେ ବିସ୍ଫୋରଣ କରୁଥିବା ଛାତି
ଏପଟେ କାନ୍ଧରେ ବିଶ୍ୱାସ ଲଦି
ସେପାଖେ ମୋହ ଭାଙ୍ଗି ଦେଉଥିବା ସେନାପତି;
ଏ ଦେଶ ଗଢ଼ା କେବଳ
କେଇ ଯୋଡ଼ା ଆଖିର ଭାଙ୍ଗି ପଡୁଥିବା ସ୍ୱପ୍ନ ରାଜି ।

ତେଣୁ ଏ ଦେଶ ଆଉ ଦେଶ ନୁହେଁ
ନାରୀ ନୁହେଁ କି ନଈ ନୁହେଁ
ବେଦ ମନ୍ତ୍ର କି ବ୍ୟଭିଚାର ନୁହେଁ
ଏଠି ଲୋକ ନାହାନ୍ତି
ପାଦ ଚିହ୍ନ ନାହିଁ,
ଏଠି ସହର କି ସଭ୍ୟତା ନାହିଁ ।

ତେଣୁ ଦେଶ କହିଲେ ବୁଝିଯାଅ,
ପାହାଡ଼ ସେପାଖେ ବସିଥିବା ଈଶ୍ୱରଙ୍କ ଭୀତତ୍ରସ୍ତ ଆଖି,
ଇତିହାସର ମେରୁଦଣ୍ଡ ତଳୁ ଅଣ୍ଡାଳି ହଉଥିବା
ହାତ ଗଣତି କେଇଟି ଛାତି;
ଦେଶ କହିଲେ କେବଳ ରକ୍ତ ଆଉ ଧର୍ଷଣ,
ଦେଶ କହିଲେ ଜନତାଙ୍କୁ କେଇ କିଲୋ ମାଗଣା ରାସନ
ଦେଶ କହିଲେ ମୁର୍ଦାର ଓ ମନ୍ଦିର,
ଦେଶ କହିଲେ କେବଳ ହଁ ବଡ଼ବଡ଼ିଆଙ୍କ ସର୍କାର ! ! !

❑❑❑

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଶେଷ ବର୍ଷ ଛାତ୍ରୀ ଐଶୂର୍ଯ୍ୟା ରାଉତ ସ୍କୁଲରେ ପଢ଼ିବା ସମୟରୁ ଲେଖିଆସୁଛନ୍ତି । ତାଙ୍କର ଲେଖା ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଇଆସୁଛି । ତାଙ୍କ ସହିତ ମୋବାଇଲ ନମ୍ବର ୭୬୦୯୯ ୬୯୦୩୯ରେ ଯୋଗାଯୋଗ କରାଯାଇ ପାରିବ ।

# ଜୀବନ

**ଶୁଭାଶିଷ ପାଣିଗ୍ରାହୀ**



**ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ତରଫରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ କବିତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କବିତା**

ଜୀବନଟା ନୁହେଁ ପ୍ରତି ଫଗୁଣର
ଗୋଟିଏ ଗୋଲାପି ଚିଠି
ଜୀବନଟା ନୁହେଁ ଧୂସର ମାଟିର
ରଙ୍ଗୀନ୍ ପ୍ରଜାପତି ।

ଜୀବନଟା ନୁହେଁ ଧାରା ଶ୍ରାବଣର
ଅବାରିତ ବାରି ଧାରା
ଜୀବନଟା ପୁଣି ଶୀତ ସକାଳର
ଗୋଟିଏ କଅଁଳ ଖରା ।

ଜୀବନଟା ନୁହେଁ ନନ୍ଦନ ବନର
ପାରିଜାତ ଫୁଲତୋଡ଼ା
ଜୀବନଟା ପୁଣି ସାହାରା ମରୁର
କଣ୍ଟକିତ ପଥ ଭରା ।

ଜୀବନର ମାନେ କିଏ ବା ବୁଝିଛି
କହିକି ପାରିବ କେହି
ଜୀବନର ସେଇ ବନ୍ଧୁର ପଥରେ
ବଣା ବାଟୋଇଟି ମୁହିଁ ।

ଜୀବନରେ ପୁଣି ଜୁଆର ଆସଇ
ଭଟ୍ଟା ବି ଉଠଇ କେବେ
ଏମିତି ଜୀବନେ ବିତାଇଛି ପୁଣି
ତଥାପି ଜଣକୁ ଖୋଜେ ।

ଶୀତ ସକାଳର ଅଲୋଡ଼ା ଜୀବନେ
ବଧୁଲି ଅଧର କା'ର
ମିଠାମିଠା କଥା କାନେକାନେ ପୁଣି
କହଇ ପ୍ରୀତିର ସ୍ୱର ।

ଜୀବନଟା କେବେ ଦୁଃଖର ପାହାଡ଼
ସୁଖର ଟାଙ୍ଗରା ଭୂଇଁ
ଜୀବନଟା ଖାଲି ମୁଠାଏ ସପନ
ସ୍ମୃତିର ଯମୁନା ନଈ ।

**ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ର ଶୁଭାଶିଷ ପାଣିଗ୍ରାହୀ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ତରଫରୁ ଆୟୋଜିତ ଓଡ଼ିଆ କବିତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଅଷ୍ଟମ ଶ୍ରେଣୀରେ ପଢ଼ିବା ସମୟରୁ ସାହିତ୍ୟ ପ୍ରତି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା । କବିତା, ପ୍ରବନ୍ଧ ରଚନା ସହିତ ସେ ମଧ୍ୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନିଅନ୍ତି । ସ୍କୁଲରେ ପଢ଼ିବା ବେଳେ ସେ ଦୈନିକ ସମାଜ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି । +୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କାଉନସିଲ୍ କପ୍ ପ୍ରତିଯୋଗିତାରେ ବକ୍ତୃତା ଓ ରଚନାତ୍ମକ ଲେଖାରେ ପୁରସ୍କୃତ ହୋଇଛନ୍ତି । ଏହାଛଡ଼ା ଗଞ୍ଜାମ ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କୃତ ମଧ୍ୟ । ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୨୦୨୧-୨୨ ଶିକ୍ଷା ବର୍ଷର ଚାନ୍ସେଲର୍ କପ୍ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଗୋଲ୍ଡ ମେଡାଲ ହାସଲ କରିଥିବା ଶ୍ରୀମାନ ଶୁଭାଶିଷଙ୍କ କବିତା ଓ ପ୍ରବନ୍ଧ ପୂର୍ବରୁ ଖଲିକୋଟ ବିଶ୍ୱବିଦ୍ୟାଳୟର ମୁଖପତ୍ରରେ ମଧ୍ୟ ପ୍ରକାଶ ପାଇଛି । ତାଙ୍କ ସହିତ ମୋବାଇଲ ନମ୍ବର ୬୩୭୦୮ ୩୭୫୮୧ରେ ଯୋଗାଯୋଗ କରାଯାଇ ପାରିବ ।**

# ମାନସପଟରେ ବାଣୀ ବିହାର

**ସୁଧୀର କୁମାର ସାହୁ**



ବାଣୀ ବିହାର ନାଁ ଶୁଣିଲେ ମନ ଏକ ନୂତନ ଆଲୋକର ଆଭାରେ ଉଦ୍‌ଭାସିତ ହୋଇଯାଏ । ହବନି ବା କେମିତି ! ଏଠି ପରା ସ୍ୱୟଂ ମାଆ ସରସ୍ୱତୀଙ୍କ ଜ୍ଞାନର ଆଲୋକ ବିସ୍ତାରିତ ହୋଇଥାଏ । ଓଡ଼ିଶାର ଦୁଇଟି ଶିକ୍ଷାନୁଷ୍ଠାନ ନାଁ ସବୁ ଛାତ୍ର ଚାହାଁନ୍ତି ତାଙ୍କ ପାଠ ପଢ଼ିବା ବେଳର ଇତିହାସରେ ଯୋଡ଼ି ହୋଇଯାଉ ବୋଲି । ଅବଶ୍ୟ ଏହା ସବୁ ଛାତ୍ରଙ୍କ କ୍ଷେତ୍ରରେ ଘଟିବା ଏତେ ସହଜ କଥା ନୁହେଁ ।  ଗୋଟିଏ ଉତ୍କଳ ବିଶ୍ୱବିଦ୍ୟାଳୟ, ଅନ୍ୟଟି ରେଭେନ୍ସା ମହାବିଦ୍ୟାଳୟ (ବର୍ତ୍ତମାନ ଏହା ବିଶ୍ୱବିଦ୍ୟାଳୟ) । ମୁଁ ଭାଗ୍ୟବାନ ଯେ, ମତେ ଏଇ ଦୁଇଟି ମଣିଷ ଗଢ଼ା କାରଖାନାରେ ପଢ଼ିବାର ସୁଯୋଗ ମିଳିଥିଲା । ଅନେକ ସମୟରେ ଏଇ ବିଷୟ ଭାବି ମୁଁ ଗର୍ବ ଅନୁଭବ କରିଥାଏ । ଅବଶ୍ୟ ମୋର ଘର ଏସବୁ ଶିକ୍ଷାନୁଷ୍ଠାନଠାରୁ ବେଶି ଦୂର ନ ଥିଲା । କାରଣ ମୁଁ ପାରାଦୀପରେ ଜନ୍ମିତ, ଲାଳିତ, ପାଳିତ ଓ ସ୍କୁଲ ପଢ଼ା ଶେଷ କରିଥିବା ଜଗତସିଂହପୁର ଜିଲ୍ଲାର ବାସିନ୍ଦା । ଉଚ୍ଚଶିକ୍ଷା କ୍ଷେତ୍ରରେ ଯଦି ଗୁଣବତ୍ତା ଦୃଷ୍ଟିରୁ ଓଡ଼ିଶାରେ କାହାର ନାଁ ଆସେ, ତାହା ନିଃସନ୍ଦେହରେ ଉତ୍କଳ ବିଶ୍ୱବିଦ୍ୟାଳୟ ହିଁ ହୋଇଥାଏ । ଏବେ ତ ଅନେକ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଗଢ଼ି ଉଠିଲାଣି । ହେଲେ ଯଦି ସବୁ କ୍ଷେତ୍ରରେ ପରିପୂର୍ଣ୍ଣତା କଥା ବିଚାରକୁ ନିଆଯାଏ, ତା'ହେଲେ ଉତ୍କଳର ନାମ ବିନା ଦ୍ୱିଧାରେ ପ୍ରଥମରେ ହିଁ ଆସିଯିବ । ଏହା ଏକ ଏପରି ବିଶ୍ୱବିଦ୍ୟାଳୟ ଯାହା ଓଡ଼ିଶାକୁ ଅଜାଡି ଦେଇଛି ଅନେକ ଜ୍ଞାନୀ ଗୁଣୀ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ।  ବିଶ୍ୱବିଦ୍ୟାଳୟର ଇତିହାସ ଆଉ ଭୂଗୋଳ ବିଷୟରେ ଆଜିକାଲି ଯୁଗରେ ଆଉ କାହାକୁ ଅଛପା ନାହିଁ । ସବୁ ତଥ୍ୟ ଗୋଟେ କ୍ଲିକରେ ମିଳିଯିବ ।

ମାନସପଟରେ ଯେତେବେଳେ ବାଣୀ ବିହାର ଆସିଗଲାଣି କିଛି କହିବାକୁ ଆଉ ଲେଖିବାକୁ, ତାହେଲେ ସେ ବିଷୟରେ ନ ଲେଖି ସାରିଦେଲେ ଆଦୌ ଭଲ ହବନି । ସତ କହିବାକୁ ଗଲେ ଯୁକ୍ତ ଦୁଇ ରେଭେନ୍ସା, ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ(ସମ୍ମାନ) ବି ଗୋଟେ ବର୍ଷ ରଖିଲି ରେଭେନ୍ସାରେ । ଉଦ୍ଦେଶ୍ୟ ଥିଲା, ଯଦି ମେଡିକାଲ ପରୀକ୍ଷା କ୍ଲିୟର ନ ହେଲା, ତା'ହେଲେ ଆଗକୁ ପଢ଼ିବା ପାଇଁ ଗୋଟେ ବିଷୟ ଲାଇନରେ ଥିବ । ଯଦିବା ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ (ସମ୍ମାନ) ନେଇଥିଲି, କିନ୍ତୁ କେବେ କ୍ଲାସ କରିବାକୁ ନ ଯାଇ ଲିଙ୍କ୍ ରୋଡ୍‌ରେ ଥିବା ସୋଫିଆ ଷ୍ଟଡି ସର୍କଲରେ ମେଡିକାଲ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳେଇଥିଲି । ଗୋଟେ ବର୍ଷ ପ୍ରସ୍ତୁତି କରି ଭଲ ର୍‍ୟାଙ୍କ ନ ଆସିବାରୁ ସେଥିରେ ଡୋରି ପଡ଼ିଲା । କିନ୍ତୁ ଚାଲୁ ରହିଥିବା ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ (ସମ୍ମାନ) କୋର୍ସ ବି ଆଉ କଣ୍ଟିନ୍ୟୁ କରିବାକୁ ଇଚ୍ଛା ହୋଇ ନ ଥିଲା । ତେଣୁ

ସେତେବେଳେ ନୂଆ ନୂଆ ଆରମ୍ଭ ହୋଇଥିବା ବିଏସ୍‌ସି (ଆଇଟି ଆଣ୍ଡ ଏମ୍) କୋର୍ସ ସାରି ମାନବ ସମ୍ବଳ ଉପରେ ଉଚ୍ଚ ଶିକ୍ଷା ପାଇଁ ସ୍ଥିର କରି ଉତ୍କଳ ବିଶ୍ୱବିଦ୍ୟାଳୟର ପୋଷ୍ଟ ଗ୍ରାଜୁଏଟ ସମ୍ବନ୍ଧୀୟ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ମାନବ ସମ୍ବଳ ପରିଚାଳନା ଏବଂ ଶିଳ୍ପ ସମ୍ପର୍କ (ପିଏମ୍‌ଆଇଆର୍) ବିଭାଗରେ ନାମ ଲେଖାଇବାର ସୁଯୋଗ ମିଳିଗଲା ପରେ ବହୁତ ଖୁସି ଲାଗିଥିଲା । ସିଟ୍ ସଂଖ୍ୟା ମାତ୍ର ୩୨ ଥିଲା, ଯୋଉଥିରେ ବିଭିନ୍ନ ବର୍ଗ ପାଇଁ ୯ଟି ସିଟ୍ ସଂରକ୍ଷିତ ଥିଲା । ଠିକ୍ ମନେ ନ ପଡ଼ିଲେ ବି ମୋର ର୍ୟାଙ୍କ ୧୫ ଭିତରେ ଥିଲା ।

ଏଠାରେ ଲେଖିବା ସମୀଚୀନ ହବ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏମ୍‌ଆଇଆର୍ ପଢ଼ିବା ପାଇଁ ସବୁ ଛାତ୍ର ଚେଷ୍ଟା କଲେ ବି ସହଜରେ ପାଇ ନ ଥାଆନ୍ତି । ଏହା ସବୁବେଳେ ଏକ ବ୍ରାଣ୍ଡ କୋର୍ସ ରହି ଆସିଛି । ଏଥିରୁ ପାସ୍ କରୁଥିବା ପିଲା କେବେ ବିଫଳ ହୋଇ ନ ଥାଏ । ଉକ୍ତ କୋର୍ସ ପଢ଼ି ପାସ ହୋଇଥିବା ପିଲାମାନେ ପ୍ଲେସମେଣ୍ଟରେ ଶତ ପ୍ରତିଶତ ସଫଳତା ପାଇବାର ବିରଳ ରେକର୍ଡ କେବଳ ଏହି ବିଭାଗ ପାଇଥାଏ । ଏସବୁର ଶ୍ରେୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉକ୍ତ ବିଭାଗରେ ଶିକ୍ଷାଦାନ କରିଥିବା ଶିକ୍ଷକମାନଙ୍କର । ଆମ ବ୍ୟାଚରେ ଥିବା ୩୨ ଜଣଙ୍କ ମଧ୍ୟରୁ ସମସ୍ତେ ଭଲ ଭଲ ପଦ ପଦବୀରେ ଅଧିଷ୍ଠିତ । କିଏ ଏଲଆଇସିରେ ତ କିଏ ଏଚପିସିଏଲରେ, ପୁଣି କିଏ ନାଲ୍‌କୋ, ଇଆଏଲ, ଓଡ଼ିଶା ପ୍ରାଶାସନିକ ସେବା, ଡିଭିସି, ଓପିଟିସିଏଲ, ଏନଟିପିସିରେ, ଡିସିଆଇ, ପିଜିସିଆଇଏଲ, ରାଜନୀତି, ଆର୍ମି, ଏନପିସିଆଏଲ, ଏନଆଇଏଲ, ଏଏଆଇ, ଏୟାରଟେଲ- ଏମିତି ବିଭିନ୍ନ ସ୍ଥାନରେ ଉଚ୍ଚପଦସ୍ଥ ଅଧିକାରୀ ହୋଇ କାର୍ଯ୍ୟରତ ଅଛନ୍ତି । ମୁଁ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗରେ ଓଡ଼ିଶା ଶ୍ରମ ସେବା (ଓଏଲଏସ) ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଛି । ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମଆଇଆର ବିଭାଗରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ହିଁ ଶ୍ରମ ଅଧିକାରୀ ଭାବେ ଭର୍ତ୍ତି ହୋଇ ରହିଛନ୍ତି ।

ବାଣୀବିହାରରେ ପିଜି ସମୟର ରହଣି ସବୁବେଳେ ଅଭୁଲା ହୋଇ ରହିବ । ଗୋପବନ୍ଧୁ ଛାତ୍ରାବାସର ୧୯୮ ନମ୍ବର ରୁମ୍ ଥିଲା ମୋର ପ୍ରଥମ ବର୍ଷ ହଷ୍ଟେଲ ରହଣିର ଠିକଣା । ୨୦୦୫-୨୦୦୭ ବ୍ୟାଚ ପିଲାମାନଙ୍କର ମୋ ରୁମ୍‌କୁ ଥିଲା ଅବାଧ ପ୍ରବେଶ । ମୁଁ ଟିକେ ଏକୁଟିଆ ରହିବାକୁ ପସନ୍ଦ କରିଥାଏ । କିନ୍ତୁ କେହି ମୋ କଥା ଶୁଣି ନ ଥାଆନ୍ତି । ଆମ ବ୍ୟାଚ ପିଲାଙ୍କ ପାଇଁ ମୋ ରୁମ୍ ଖଟି ରୁମ୍ ଥିଲା । ଅବଶ୍ୟ ଏ ଖଟିରେ ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଉଥିଲା । ସମସ୍ତେ ଜ୍ଞାନ ଦୃଷ୍ଟିରୁ ଗୋଟେ ଗୋଟେ ଜୁଏଲ ଥିଲେ । ହେଲେ ମୋର ଟିକେ ବେଶି ସମ୍ମାନ ଥିଲା ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ବିଶ୍ୱଜ୍ୟୋତି ଚୌଧୁରୀ ଏବଂ ଆଶିଷ କୁମାର ସାହୁଙ୍କ ପ୍ରତି । କାରଣ ସେମାନଙ୍କ ବ୍ରେନ ଅତି ସାର୍ପ ଥିଲା । ଅତି ଶୀଘ୍ର କୌଣସି ବିଷୟବସ୍ତୁକୁ ଅକ୍ତିଆର କରିବାର କଳା ଭଗବାନ ସେମାନଙ୍କୁ ଦେଇଥିଲେ ।

ଦ୍ୱିତୀୟ ବର୍ଷ ଚତୁର୍ଥ ହଷ୍ଟେଲ (ଗୋଦାବରୀଶ ଛାତ୍ରାବାସ)ରେ ରହିବାର ସୁଯୋଗ ମିଳିଥିଲା । ପ୍ରଥମ ବର୍ଷ ଗୋଟିଏ ରୁମ୍‌ରେ ଦୁଇ ଜଣଙ୍କୁ ରହିବାକୁ ଦିଆଯାଇଥିଲା । କିନ୍ତୁ ଦ୍ୱିତୀୟ ବର୍ଷ ଗୋଟିଏ ରୁମ୍‌ରେ ଜଣେ ରହିବାକୁ ଦିଆଯାଉଥିଲା । ପ୍ରଥମ ବର୍ଷ ମୋ ରୁମ୍ ପାର୍ଟନର ଥିଲେ ଉପେନ୍ଦ୍ରନାଥ ମଲ୍ଲିକ, ଯିଏ ଏବେ ଓପିଟିସିଏଲରେ ମାନବ ସମ୍ବଳ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ । କିନ୍ତୁ ଦ୍ୱିତୀୟ ବର୍ଷ ସିଙ୍ଗଲ ରୁମ୍ ଯୋଗୁ ଏକୁଟିଆ ରହିବାର ସୁଯୋଗ ମିଳିଥିଲା । ମୁଁ ମୋ ବିଭାଗ ପିଲାଙ୍କ ଅପେକ୍ଷା ଅନ୍ୟ ବିଭାଗ ପିଲାଙ୍କ ସହ ବେଶି ମିଶିଥିଲି । ଉଦ୍ଭିଦ ବିଜ୍ଞାନ ସହ ମୋର ପୁରୁଣା ସମ୍ପର୍କ ଥିବାରୁ ଏବଂ ବାଣୀ ବିହାରରେ ମୋର ରେଭେନ୍ସା ଜୁନିୟର ପିଲା ମିଳିଯିବାରୁ ମୁଁ ଟିକେ ସେମାନଙ୍କ ସହ ବେଶି ଯୋଡ଼ି ହୋଇ ଯାଇଥିଲି । ଏବେ ବି ସେମାନଙ୍କ ସହ ମୁଁ ନିୟମିତ ସମ୍ପର୍କରେ ଅଛି ।

ଏବେ ଓଡ଼ିଶା ବନ ସେବା (ଓଏଫଏସ)ର ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ଭାବେ କାର୍ଯ୍ୟରତ ଅଭୟ କୁମାର ଦଳାଇ ରେଭେନ୍ସାରେ ମୋ ଜୁନିୟର ଭାବେ ମୋ ସହ ଇଷ୍ଟ ହଷ୍ଟେଲରେ ରହିଥିଲେ । ବାଣୀ ବିହାରରେ ଅଲଗା ବିଭାଗ ହେଲେ ବି ଏକା ବ୍ୟାଚ ଭାବେ ଆମେ ରହିବାର ସୁଯୋଗ ପାଇଥିଲୁ । ଆଇଡିବିଆଇ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟରତ ବିକାଶ କୁମାର ବେହେରାଙ୍କ ସହିତ ବି ମୋର ଅନେକ ସ୍ମୃତି ଜଡ଼ିତ ହୋଇ ରହିଛି । ଖଣ୍ଡଗିରି ମେଳାକୁ ମୁଁ ଆଉ ଅଭୟ ପଳେଇ ଯାଉ ଯାତ୍ରା ଦେଖିବାକୁ । ସିଏ ଯାତ୍ରା ପ୍ରିୟକୁ ମୁଁ ବି ଯାତ୍ରା ପ୍ରିୟ । ସେମିତି ବିକାଶ ବହୁତ ଫିଲ୍ମ ପ୍ରିୟ । ଏବେ ବି କୌଣସି ଫିଲ୍ମ ପଡ଼ିଲେ ମତେ ଫୋନ କରି ଡାକିଦବ । ସେମିତି ଆଉ ଜଣଙ୍କ ସହ ମୋର ସମ୍ପର୍କ ଏବେବି ଯୋଡ଼ି ହୋଇ ରହିଚି । ସିଏ ହଉଛନ୍ତି ଡକ୍ଟର ବଳରାମ ଦାସ, ଯିଏ ଆମ ସମୟର ଇତିହାସ ବିଭାଗର ଗୋଲ୍ଡ ମେଡାଲିଷ୍ଟ । ସିଏ ଅତି ସୁନ୍ଦର ରୋଷେଇ କରିପାରନ୍ତି । ବାଣୀ ବିହାରରେ ଥିଲାବେଳେ ଅନେକ ଥର ତାଙ୍କ ହାତରନ୍ଧା ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବାର ସୁଯୋଗ ମିଳିଥିଲା । ସିଏ ଏବେ କୋରାପୁଟରେ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ ।

ବାଣୀ ବିହାରର ଦିନଗୁଡ଼ାକ ପ୍ରତିଦିନ ଆମ ପାଇଁ ଗୋଟେ ଗୋଟେ ସ୍ମୃତିର ଦିନ । ଏସବୁ ଅଭୁଲା ସ୍ମୃତିର ରୋମନ୍ଥନ କଲାବେଳେ ଅତୀତ କଥା ସବୁ ଶିହରଣ ସୃଷ୍ଟି କରେ । ଆଉ କେବେ ସୁଯୋଗ ପାଇଲେ ମାନସପଟରେ ରହିଯାଇଥିବା ଅସୁମାରୀ ବାଣୀ ବିହାର ସ୍ମୃତି ସବୁ ନିଶ୍ଚୟ କହିବା । ଉତ୍କଳ ବିଶ୍ୱବିଦ୍ୟାଳୟ ତା'ର ମାନ ବଜାୟ ରଖିଛି । ଆଗକୁ ଏ ଯାତ୍ରା ଜାରି ରଖିବ ବୋଲି ମୋର ଦୃଢ଼ ବିଶ୍ୱାସ ।

❑❑❑

(ଲେଖକ ଏବେ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗରେ ସହକାରୀ ଶ୍ରମ ଅଧିକାରୀ ଭାବେ ଗଂଜାମ ଜିଲ୍ଲା ଭଞ୍ଜନଗରରେ କାର୍ଯ୍ୟରତ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ପରିଚାଳନା ଓ ଶିଳ୍ପ ସମ୍ପର୍କ (ପିଏମଆଇଆର) ବିଭାଗର ୨୦୦୫-୨୦୦୭ ବ୍ୟାଚ ଛାତ୍ର । ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୧ ୪୩୮୫୬ରେ ଯୋଗାଯୋଗ କରାଯାଇପାରିବ ।

# SHELTER

**Dr.Radharani Nanda**



Sulagna was over pressed with her household work. She was cursing the dreadful Corona pandemic that grabbed the whole world in its clutch leaving human race shattered and terrified. As if everything had come to a standstill. Visit to the near and dear ones even staying close to them was a remote possibility. Lockdown had restricted all day to day activities and whatever relaxation Govt had permitted people were fearful to come outside because of ongoing crisis due to Delta variant creating havoc for its fatality. The maids, cook, gardner and all other workers meant for household works stopped coming to work.

Because of ignorance about the ferociousness of Corona at the beginning of the pandemic, people were less conscious and Sulagna like many others allowed entry of workers inside the house. But now the situation was different. People were panicky in the second wave because of its horrific scenario taking lakhs of lives. Children staying away were too much concerned for safety of their parents and kept on alarming Sulagna not to allow any workers inside the house and also alerting their doctor papa to abandon private practice and stop seeing patients.

Sulagna could not but do what her children suggested. But to carry out entire domestic work alone was not an easy task for Sulagna. Her age related ailments like knee and back pain, and vertigo etc. were constant hindrance to her normal activity. Her husband Suryakant could not become a silent onlooker to her turmoil and was ready to render some help to his wife in her work.

Suryakant was a full fledged practitioner in medicine and had little access to kitchen and other works except the responsibility of bringing home weekly groceries, veggies and other necessary stuffs. As children were with their families working in metro cities away from home the

requirement was also minimised. But he had least knowledge of cooking and other activities related to maintainance of the house. Sulagna would not allow him to come to her help apprehending he may spoil the sanctity of the kitchen.

Suryakant could feel the tumult of Sulagna and without a second thought bought a dishwasher for cleaning of utensils, a robot for cleaning and mopping of floor and a rice cooker for instant cooking. But Sulagna had to work round the clock inspite of so many appliances. She was becoming reactive to trivial things on slightest provocation.

Ma...Ma...Somebody was calling outside the door. Who was there, Sulagna's irritable voice resounded. Frustrated, she threw the broom and opened the door. It was Pabitra, the man residing in the out house of another plot 2 to 3 kms away, which belonged to them.

A boy of 12 to 13 years of age with a simple half pant and white half shirt was standing by his side. When Sulagna enquired about his presence his eyes brimmed with tears. In a mournful voice he told "Ma, corona has devastated our family. My elder sister who was no less than my mother and her husband, my brother in law, both died of corona one month back. Sulagna was worried enough at his words and asked "Why did you not take them to hospital?"

Pabitra replied remorsefully, "Ma, we admitted them in a Covid hospital but nothing could be done.They had joined the gathering on the occasion of Melana of Lord Krishna in Dola Purnima and taken panaa (a drink made of water,banana,sugar,and many other ingredients offered as Prasad to God) there. After a few days they were affected with severe form of corona which didn't respond to treatment. One after the other they passed away leaving us alone. Yamaraj took them away at a very young age when they were still to understand perfectly the meaning of life. He took a pause and continued pointing to the boy accompanying him, "Ma, he is the only son of my sister and he is 12 years old. At this tender age he became an orphan. I am very poor and I have nobody with me to take care of my nephew. At this hour of crisis I remembered you. You had asked me for a servant to work in your house. No lady from the village agreed to come to such distant place. Please keep this boy with you. He will obey your words and will do cleaning, mopping, washing. If you train a bit he will be of immense help to you." Pabitra wiped his tears with his towel.

"He will be under the custody of good people like you and I will be relaxed that my nephew will not starve or beg for food.This unlucky boy had to face the premature death of his parents and had to put a full stop to his study in the middle. What better option he will have than to get a shelter in your house?"

After finishing his story Pabitra could not hold his emotion and cried like a child. Sulagna 's eyes also welled up. She was short of words to pacify Pabitra. She was not ignorant how ghastly Corona was devouring the human life and devastating family after family. She could not imagine what the future had stored for all of them.

Till now she was listening quietly to all that Pabitra told about this boy and his family. She threw a glance towards the boy. His look was so innocent. The wound that time had inflicted on him had masked the childish glow on his face. Sense of desperation and desolateness for losing his parents was clearly revealed from his grief stricken gesture.

Sulagna's heart was filled with sympathy and kindness for the unfortunate child. She was deeply engrossed in thinking about the boy who was supposed to work as a servant in her house. Her heart was not giving a nod to it. Sulagna tried to convince Pabitra she could not keep this boy as he was too young to work as a servant. She persuaded him to take him back. But in the next minute her conscience compelled her to think over her decision. Where will he go if she refused to keep him? He may beg for his livelihood or Pabitra may leave him somewhere else where his life may become miserable. Sulagna became thoughtful for a while. This is the story of many at present where the ferocity of Corona had caught the whole world by shock. At this hard time it would have been a great pleasure for her to get a helper. But Sulagna had no such feeling at present.

Pabitra was flustered to observe Sulagna's bafflement. He uttered in a melancholic tone, "Ma I put immense faith on you. If you deny where shall I go? Two days back, after I returned from village we both tested for corona and yesterday we had our reports negative. Trust me and keep this boy as your help. I am sure you will not be disappointed and the orphan child will have a secured shelter to earn his livelihood."

Sulagna was introspecting. The child was in school going age. Children of his age were continuing their study to build their future, side by side enjoying their life playing and merrymaking. The life of an innocent child would be ruined if she denied shelter to him. She had everything in affluence by grace of God.Two children have grown up and well placed. Husband is a doctor and doing his own private practice after retirement. It would not be difficult to keep this child with her, not as a servant but as her own child. She looked again to the boy who stood silently in front of her. Streams of love, emotion and mercy flooded her heart awakening the mother in her.

Her face was gleaming with a discretion which she was confident enough to exercise.The dreadfulness of Corona had no place there, not her old age constraints. She would give shelter to this child in her house. She would bring him up like her own child. She would give shape to his life devastated by corona, a new form. Like all other children he will start going to school again. He will laugh and rejoice like all other boys of his age. She may not wipe out tears of all unfortunate children like him but she would give solace to her own self if she would build up the future of this helpless child. All her worries and listlessness were fading away. Sparkle of victory was blooming in her eyes. She could feel as if she had defeated Corona and its menacing power. A sense of self satisfaction was enkindling her entire being. She held the tender hand of the boy and entered inside the house after Pabitra bowed down before her and left.

❑❑❑

**Dr.Radharani Nanda completed MBBS from SCB Medical college, Cuttack and post graduation in Ophthalmology from MKCG Medical College, Berhampur. She joined in service under state govt and worked as Eye specialist in different DHQ hospitals and SDH. She retired as Director from Health and Family Welfare Department Govt of Odisha. During her service career she has conducted many eye camps and operated cataract surgery on lakhs of blind people in remote districts as well as costal districts of Odisha. She is the life member of AIOS and SOS. She writes short stories and poems in English and Odia. At present she works as Specialist in govt hospitals under NUHM.**

# DEAR DEPARTED

**Ishwar Pati**



A close friend's father passed away recently at a ripe old age. His will left his children flummoxed, not due to his property but in carrying out his funeral. He had clearly willed not to conduct 'mindless' rituals on his behalf for twelve days, including a dip in a cesspool at the crack of dawn. Most damning of all, his ashes were not to be gathered from the funeral pyre for immersion in a holy river!

He had been something of an avant-garde in his religious outlook. But his relatives were not prepared to accept the diktats of this 'pseudo-Hindu'. They contended that their bodies, had been 'defiled' by the death in the family and their souls would rot in hell unless the stipulated rituals were held to propitiate the Gods. On the other hand, the children of the deceased felt they had to respect his last wish. Faced with a choice between the devil and the deep sea, the sons closed ranks behind their late father's desire, even though they invited the wrath of many, including the priest at the cremation ground, as a consequence. What was needed to expedite the departure of their father from this earth was not the chanting of mantras by a priest, but an adequate supply of firewood! The 'holy' man, denied his legitimate wages, unleashed a terrible curse. When their time came, he thundered, they would burn in fire and brimstone like their infidel father!

After the ashes had settled on the funeral, my friend told me that he received an e-mail from his nephew in the USA. The latter had been devastated by the death of his grandfather, to whom he

had been close, more so because he could not come to India to pay his last respects. His email contained an odd request. “Dear Uncle,” he asked, “can I bring back a bit of grandfather’s ashes next time I’m in India? I want to disburse them over the Mississippi River. It may not be as holy as our Ganga, but it’s a mighty river. I’d feel grandfather to be still by my side.”

My friend said he smiled ruefully as he looked again at the e-mail. How was his nephew to know that his dear departed grandfather had departed from accepted tradition and left no ashes behind? “What an irony!” he remarked. “I was thinking of following in my father’s footsteps and debunking meaningless rites. But now I’m not so sure. Who am I to deprive my children of their ‘hereditary rights’ to my dust and ashes?”

❑❑❑

**Ishwar Pati - After completing his M.A. in Economics from Ravenshaw College, Cuttack, standing First Class First with record marks, he moved into a career in the State Bank of India in 1971. For more than 37 years he served the Bank at various places, including at London, before retiring as Dy General Manager in 2008. Although his first story appeared in Imprint in 1976, his literary contribution has mainly been to newspapers like The Times of India, The Statesman and The New Indian Express as ‘middles’ since 2001. He says he gets a glow of satisfaction when his articles make the readers smile or move them to tears.**

# A FEELING TO BE FELT

**Ashutosh Lenka**



**This story secured 1st position in the English short story competition organised by Utkal University Alumni Association, in collaboration with Alumni Connect.**

It was the last day of the semester and students were eagerly waiting for the mid-sem break to start. Of course it would not be anything special, exciting or new for Mayra, but she was looking forward to these holidays so as to ease herself a bit from the daily humdrum of life. As a novice of the college, she had soon learnt how relaxing this break could be after 65 days of hustle and bustle.

What kept her going through her life, despite the separation from her parents, was the presence of Mrs. Khan. Mayra's parents had sent her to Michigan, despite her vehement efforts to mitigate their resolve. But nothing of that helped her escape the decision of her parents. She was too sceptical about the western society whether she would be able to befriend such antisocial people. In her opinion, Westerners are devoid of any family bonds, hardly appreciate any interference of parents in their lives, are usually disrespectful towards the advice of elders and no doubt, poor companions. And the dilemma she found herself in, was nothing less than a whirlpool. But here she was in the company of Mrs. Khan, who barely neglected her presence.

It all started two years ago. Mayra had landed at the airport and was eagerly waiting for a pre-booked cab when she noticed a little girl crying on the side walk. The sight wrenched her heart. She went up to the kid and the girl clung to her, crying. She realised that the girl had gotten separated from her family and could not find them. Mayra took the girl to the airport authorities and requested the announcer to help find her parents. Mayra turned towards the girl and said, "Hey baby, what is your name?" The kid tenderly replied "Saara". Mayra continued gently, "Saara

what is the name of your parents?” In reply to this, Saara burst into tears and began crying hysterically. Worriedly, Mayra again tried to ask about her parents and this time she succeeded. Between tears, the girl spoke “Afifa” repeatedly. The announcer called out the name “Afifa” a few times and asked the guardians of Saara to reach the help desk. After a few minutes, an old lady, with frantic steps and tear-drenched eyes, came running towards them and hugged Saara tightly. The hug clearly reflected the fear that the girl might vanish into thin air. Mayra took her to Afifa. She appeared too old to be her mother but not old enough to be her granny. The lady was extremely grateful towards Mayra and she could feel it in the many “Thanks” that flew towards her. After exchanging greetings, Mayra left the airport.

And these two years had developed those invisible threads among Mayra, Saara and Afifa, which were way beyond the comprehension of those petty minds which could easily divide the things between borders and bricks. Saara had been a two years old toddler when her parents met with a deadly accident. The love marriage of Saara’s parents and that too, inter communal, had kept Saara bereft of the love of her grand parents. After the sad demise of her parents, Saara had become an unfortunate orphan who was to be sent to a nearly orphanage. It was Afifa a neighbor of Saara’s family who had grown affection towards Saara and upon hearing about the death, had opted to adopt the little child.

Althrough Afifa was married at a very young age, she had been childless. And at the age of 37, she had lost her husband in the 9/11 attacks. The grave depression she seeped in and the solitude she had found herself surrounded by, hard taken a toll on her health and beauty, and she started appearing many years older than her true self. She had been that ideal neighbour, whom Mayra was sure not to find in the U.S.A. When Mayra had reached the apartment her parents had secured on rent, she found the corridors empty and the vibrancy of life, absent. She tried her best to adjust to her new phase of life, but it was the unexpected help from her neighbour Afifa, that helped her find good clothes and groceries. Afifa had powered all the love of her life into Saara and that little girl had not hesitatied to respond.

